# ପବିତ୍ରଆତ୍ମା କଅଣ ପାଇଁ ଦିଆ ଯାଇଥିଲା?

ଆପଣ ଦେଖନ୍ତୁ, ଭାଇ ନେଭିଲ ହାତ ରଖିବା ଉପରେ ବିଶ୍ୱାସ କରନ୍ତି।

ମୁଁ ଦେଖୁଛି ଯେ ମୋତେ କେତୋଟି ପ୍ରଶ୍ନ ମିଳିଛି। ତେବେ, ମୁଁ ଏଗୁଡିକୁ ଆସନ୍ତାକାଲି ରାତିରେ ନେବି, କାରଣ ଆଜି ରାତି ଆପଣମାନଙ୍କ ପାଇଁ ସେଗୁଡିକୁ ଦେଖିବା ହେତୁ ମୋ ପାଖରେ ସମୟ ନାହିଁ, ବୋଧହୁଏ ଗତ ରାତିର ବାର୍ତ୍ତା ଉପରେ ଅଟେ। ତେବେ, ଯଦି କାହାରି ପାଖରେ କୌଣସି ବି ବାର୍ତ୍ତା ଉପରେ ଏକ ପ୍ରଶ୍ନ ଅଛି, ତାହାହେଲେ ସେଗୁଡିକୁ କେବଳ ଗୋଟିଏ ରାତି ରଖି ଦିଅନ୍ତୁ, ଏବଂ ମୁଁ ପରବର୍ତ୍ତୀ ରାତିରେ ସେଗୁଡ଼ିକୁ ନେଇ ପାରିବି।

2 ତେବେ, ଆସନ୍ତାକାଲି ରାତି, ଯଦି ସମ୍ଭବ ହୁଏ, ମୁଁ କେତେକ ସେବକମାନଙ୍କୁ, ଖୋଜିବାକୁ, ବା ପାଇବାକୁ ଚାହେଁ; ଯଦି ନୁହେଁ, କେତେକ ଉତ୍ତମ, ଦୃଢ଼ ପୁରୁଷ କିମ୍ବା ସ୍ତ୍ରୀଲୋକ ଯାହାଙ୍କୁ ଆମେ ଆବଶ୍ୟକ ସମୟରେ ଆହ୍ୱାନ କରିପାରିବା, ଯେ ସେହି ଘଟଣା ବେଳେ...

ଆସନ୍ତାକାଲି ରାତି, ଆମେ ବାର୍ତ୍ତା ପରେ, ହାତ ରଖିବାକୁ, ଏବଂ, ପବିତ୍ରଆତ୍ମା ପାଇବାକୁ ଆରମ୍ଭ କରିବା। ଏବଂ ତାହାପରେ, ସେଠାରେ ଏକ...ଯଦି ଆପଣ ଇଚ୍ଛା କରନ୍ତି ତେବେ ସମଗ୍ର ଛୁଟି ଦିନରେ, ଆପଣଙ୍କ ପାଖରେ ଠିକ୍ ଏଠାରେ ରହିବାର ସୌଭାଗ୍ୟ ଅଛି, ଯଦି ତାହା ମରିବା ହେତୁ ଏତେ ବିଳମ୍ବ ଲାଗେ। ଆଉ ତାହାପରେ—ତାହାପରେ, ଯଦି ନୁହେଁ, ଯଦି ଆପଣ ନିଜର ଘରକୁ ଯିବାକୁ ଇଚ୍ଛା କରନ୍ତି, କାହିଁକି, ଆମେ ଖୁସି ହେବୁ, ଯଦି ଆପଣ ଏପରି ଏକ ସ୍ଥାନରେ ପହଞ୍ଚିବେ ଯେଉଁଠାରେକି ଆପଣ...କେଉଁଠାକୁ ଯିବେ କେବଳ ଜାଣି ନାହାଁନ୍ତି...

ଆମେ କେତେକ ସେବକମାନଙ୍କୁ ପାଇବାକୁ ଚାହୁଁ, ସେମାନଙ୍କର ଯୋଗାଯୋଗ କ୍ରମାଙ୍କ ପାଇବାକୁ ଚାହୁଁ, ଯଦି ସେମାନେ ଆଗନ୍ତୁକ ଅଟନ୍ତି; ସେମାନଙ୍କର ଯୋଗାଯୋଗ କ୍ରମାଙ୍କ, ସେମାନେ କେଉଁଠାରେ ରୁହନ୍ତି, ଯେଉଁଠାରେକି ଆମେ ସେମାନଙ୍କୁ ତୁରନ୍ତ ଯୋଗାଯୋଗ କରି ପାରିବା; ଏବଂ ଜଣକାକୁ ଗୋଟିଏ ଘରେ, ଅନ୍ୟ ଜଣକାକୁ ଅନ୍ୟ ଗୋଟିଏ ଘରେ, ଆଉ ଗୋଟିଏକୁ ଅନ୍ୟଠାରେ ରଖିପାରିବା, ଯେପରିକି ସେମାନେ ଆପଣଙ୍କୁ ନିର୍ଦ୍ଦେଶ ଦେଇପାରିବେ, ଆପଣ ଯେଉଁମାନେକି ଏହି ମହାନ ଆଶୀର୍ବାଦକୁ ପାଇବାକୁ ଯାଉଛନ୍ତି ଯାହା ବିଷୟରେ ଆମେମାନେ କହୁଅଛୁ, ପବିତ୍ରଆତ୍ମାଙ୍କ ସେହି ବାପ୍ତିସ୍ମ ବିଷୟରେ।

3 ଗତ ରାତିରେ ଆମେ କଥା ହୋଇଥିଲୁ, "ଏହା କଅଣ ଥିଲା।" *ପବିତ୍ରଆତ୍ମା କଅଣ ଥିଲେ?* ଏବଂ ଆମେ ପାଇଲୁ ଯେ ଏହା ତାହା ସବୁକିଛି ଥିଲା, ଯାହା ପରମେଶ୍ୱର ଆମକୁ ପ୍ରତିଜ୍ଞା କରିଥିଲେ। ଉ-ହୁଁ। ଏଥିରେ ଆମେ ଠିକ୍ ତାହା ପାଇଲୁ ଯାହା ପରମେଶ୍ୱରଙ୍କ ମଣ୍ଡଳୀ

ଆବଶ୍ୟକ କରିଥାଏ। ଆମେମାନେ ଏହାକୁ ଏକ ମୁଦ୍ରା, ଏକ ସାହାଯ୍ୟକାରୀ, ସେହି ବିଶ୍ରାମ, ଏବଂ ସେହି ଆନନ୍ଦ, ଓ ସେହି ଶାନ୍ତି, ଆଉ ସେହି ପୁନରୁତ୍ଥାନ ବୋଲି ପାଇଲୁ। ଏବଂ ତାହା ସବୁକିଛି ଯାହା ପରମେଶ୍ୱର ଆପଣା ମଣ୍ଡଳୀକୁ ପ୍ରତିଜ୍ଞା କରିଥିଲେ, ତାହା ସେହି ପବିତ୍ରଆତ୍ମା ମଧ୍ୟରେ ରହିଥାଏ।

4 ଏବଂ ବର୍ତ୍ତମାନ, ଆଜି ରାତି, ଆମେ ସେହି ବିଷୟ ଉପରେ ପ୍ରଚାର କରିବାକୁ, କିମ୍ବା ଆଲୋଚନା କରିବାକୁ, ଶିକ୍ଷା ଦେବାକୁ ଚାହୁଁଅଛୁ...ମୋ ପାଖରେ ଏଠାରେ ପ୍ରାୟଃ ତିନି କିମ୍ବା ଚାରିଟି ଫର୍ଦ୍ଦ ମୂଳପାଠ, କିମ୍ବା ଶାସ୍ତ୍ରାଂଶର, ଏହା ଉପରେ ଅଛି, ଯେଉଁଥିରେକି... ଗତକାଲି ରାତି ମୁଁ ମୋର କ୍ରୁଡେନ୍‌ସ କନକର୍ଡାନ୍‌ସକୁ ଏଠାରେ ପଡ଼ି ରହିଥିବା ଅବସ୍ଥାରେ ଛାଡ଼ି ଦେଇଥିଲି, ଏବଂ ମୁଁ ତାହା ନେଇ ନ ଥିଲି। ଏବଂ ମୋତେ ଆଜି ଶାସ୍ତ୍ର ସହିତ କେବଳ ଯଥାସମ୍ଭବ ସର୍ବୋତ୍ତମ ଭାବରେ ଅଧ୍ୟୟନ କରିବାକୁ ପଡିଥିଲା। ବର୍ତ୍ତମାନ, ଏବଂ ଆସନ୍ତାକାଲି...ଆଜି ରାତି ଆମେ ଶିକ୍ଷା ଦେଉଅଛୁ: *ପରମେଶ୍ୱରଙ୍କ ପବିତ୍ରଆତ୍ମାଙ୍କୁ ପଠାଇବା ପଛରେ କଅଣ ଉଦ୍ଦେଶ୍ୟ ଥିଲା?* ଏହା କଅଣ ପାଇଁ ଅଟେ? ଯଦି ଏହା ସେତିକି ଏକ ମହାନ ବିଷୟ ଅଟେ, ତେବେ ପରମେଶ୍ୱର ଏହାକୁ କାହିଁକି ପଠାଇଲେ?

5 ତାହାପରେ, ଆସନ୍ତାକାଲି ରାତି ଆମେ ଆଲୋଚନା କରିବାକୁ ଚାହୁଁ: *କଅଣ ଏହା ଆପଣଙ୍କ ପାଇଁ ଅଟେ? ଏବଂ ଆପଣ ଏହାକୁ କିପରି ପାଆନ୍ତି? ଏବଂ ଯେତେବେଳେ ଆପଣ ଏହାକୁ ପାଇଯାଆନ୍ତି ଆପଣ ତାହା କିପରି ଜାଣିବେ?*

ଏବଂ ତାହାପରେ, ଆମେ ଶାସ୍ତ୍ର ସହିତ, ତାହା ଦେଇ ଯିବା ପରେ, ସମସ୍ତ ବିଷୟ ପାଇଁ ଶାସ୍ତ୍ର ବ୍ୟବହାର କରି, ଏହାକୁ ଶାସ୍ତ୍ର ଦ୍ୱାରା ବ୍ୟାଖ୍ୟା କରିବା, ତାହାପରେ ଯେଉଁମାନେ ପବିତ୍ରଆତ୍ମା ଅନ୍ୱେଷଣ କରୁଛନ୍ତି ସେମାନେ ଆଗକୁ ଆସିବେ। ଆଉ ତାହାପରେ ମୁଁ ଆଶା କରେ ଯେ ସେହି ଉଦ୍ଦୀପନାଟି ଆରମ୍ଭ ହୁଏ, ସେହି ଦିନଠାରୁ ଆରମ୍ଭ ହୋଇ, ତେବେ ପବିତ୍ରଆତ୍ମା ସହିତ ଆଗକୁ ବଢିବା।

6 ତେବେ, ଆସନ୍ତାକାଲି ରାତି ହୋଇଥିବା ହେତୁ ବୋଧହୁଏ ଅନେକ ଲୋକ ଗୀର୍ଜାଘରେ ଥିବା କୋଠରୀମାନଙ୍କରେ ଅଳ୍ପ କିଛି ସମୟ ରହିପାରିବେ, ମୁଁ ଅନୁଭବ କରେ ଯେ ଯଦି ଆମେ ଅଧିକରୁ ଅଧିକ ସେବକମାନଙ୍କୁ ଏବଂ ସେହି ଲୋକମାନଙ୍କୁ ପାଇପାରିବା ଯେଉଁମାନେକି ପବିତ୍ରଆତ୍ମା ଗ୍ରହଣ କରିବା ହେତୁ ଲୋକମାନଙ୍କୁ ଆଗେଇ ନେବାରେ ଅଭିଜ୍ଞ, ଯେ ସେମାନଙ୍କୁ ଉତ୍ସାହିତ କରାଯାଏ, ଯେ ସେମାନେ ଜଣେ—ଜଣେ ମହିଳା ଏବଂ ତାଙ୍କ ସ୍ୱାମୀ ସହିତ ଘରକୁ ଯାଆନ୍ତୁ, କିମ୍ବା—କିମ୍ବା ଏପରି କାହା ସହିତ ଯାଆନ୍ତୁ ଯିଏକି ପବିତ୍ରଆତ୍ମା ଅନ୍ୱେଷଣ କରୁଛନ୍ତି, ଯିଏକି ସେହି ବିଷୟରେ ଯେ କଅଣ କରାଯିବାକୁ ଅଛି ଭଲ ଭାବରେ ନିର୍ଦ୍ଦେଶିତ ଅଟନ୍ତି।

ଯଦି ଆପଣ କେବଳ ନିଜର ଫୋନ୍ ନମ୍ବର କିମ୍ବା ଠିକଣା, ଆଜି ରାତିରେ କିମ୍ବା ଆସନ୍ତାକାଲି ରାତିରେ ପାଳକଙ୍କୁ ଦେଇଦେବେ। ତାହାକୁ କେବଳ ଭାଇ ନେଭିଲକୁ ଦେଇ

ଦିଅନ୍ତୁ, ତେବେ ତାହା ଆମକୁ ଏକ ସଭାରେ ଏକାଠି ହେବାରୁ ବଞ୍ଚିତ କରିବ। କେବଳ ନିଜର ଫୋନ୍ ନମ୍ବର ଦେଇ ଦିଅନ୍ତୁ ଯେଉଁଠାରେ ଆମେ ଆପଣଙ୍କୁ ଯୋଗାଯୋଗ କରି ପାରିବା। ଏବଂ ତାହାପରେ କୁହନ୍ତୁ, "ମୁଁ ଉପଲବ୍ଧ ରହିବି, ଏବଂ ଯଦି ଆମେ...ଆପଣ ମୋତେ ଏକ ଘରେ ରଖିବାକୁ ଚାହୁଁଛନ୍ତି।" ଯଦି ଏହା ଜଣେ—ଜଣେ ମହିଳା ଏକାକୀ ଅଟନ୍ତି, ତେବେ ଆମେ ଏହି ମହିଳାଙ୍କ ନିକଟକୁ, ଦେଖନ୍ତୁ, ଜଣେ ମହିଳାଙ୍କୁ ପଠାଇ ପାରିବା। ଏବଂ ତାହାପରେ, ଯଦି ଏହା ଏକ ଘରେ ଅଟେ ଯେଉଁଠାରେକି ଜଣେ ପୁରୁଷ ଏବଂ ତାଙ୍କ ପତ୍ନୀ ଅଛନ୍ତି, କାହିଁକି, ଆମେ ଜଣେ ସେବକଙ୍କୁ ପଠାଇ ପାରିବା।

ଏବଂ ଆମେ ଆପଣଙ୍କଠାରୁ ସହ-ଯୋଗ ପାଇବା ହେତୁ ଆନନ୍ଦିତ ହେବୁ, କାରଣ ମୁଁ ଜାଣେ ଯେ ଆପଣ, ପ୍ରତ୍ୟେକ ଜଣ ଏହି, ଏହି ଅତ୍ୟନ୍ତ ଜରୁରୀ ବିଷୟରେ, ଆଗ୍ରହୀ ଅଟନ୍ତି। ଏବଂ ମନେରଖନ୍ତୁ, "ଯିଏ ଜଣେ ପ୍ରାଣକୁ ନିଜ ଭୁଲରୁ ରକ୍ଷା କରେ, ସେ ଅନେକ ପାପକୁ ଆଚ୍ଛାଦନ କରିଅଛି।" ବୁଝିଲେ? ଏବଂ ଖ୍ରୀଷ୍ଟଙ୍କ କନ୍ୟା କ୍ଷୁଧିତ ଏବଂ ତୃଷିତ ହେଉଅଛି। ସେ ପରମେଶ୍ୱରଙ୍କ ସନ୍ତାନମାନଙ୍କୁ ଜନ୍ମ ଦେବା ପାଇଁ, ଯନ୍ତ୍ରଣା ଭୋଗୁଅଛି।

7 ଏବଂ ବର୍ତ୍ତମାନ, ଆଜି ରାତି, ଆମେ ଶାସ୍ତ୍ର ପାଠ କରିବା ପୂର୍ବରୁ, ଆସନ୍ତୁ ଅଳ୍ପ କ୍ଷଣ ପ୍ରାର୍ଥନା ପାଇଁ ମସ୍ତକଗୁଡିକୁ ନତ କରିବା। ଏବଂ ଆମେମାନେ ଠିକ୍ ପ୍ରାର୍ଥନା କରିବା ପୂର୍ବରୁ, ଆପଣ ନିଜର ମସ୍ତକ ନତ କରିଥିବାବେଳେ, କଅଣ ଆପଣଙ୍କର ଏକ ଅନୁରୋଧ ଅଛି କି? କେବଳ ନିଜର ହାତ ଉଠାଇ କୁହନ୍ତୁ, "ହେ ପରମେଶ୍ୱର, ମୁଁ ଭକ୍ତି ସହକାରେ ମୋର ହାତକୁ ଉଠାଏ। ମୋର ଆବଶ୍ୟକତା ଅଛି। ହେ ପ୍ରଭୁ, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ମୋତେ ସାହାଯ୍ୟ କର।" ପରମେଶ୍ୱର ଆପଣ ପ୍ରତ୍ୟେକଙ୍କୁ ଆଶୀର୍ବାଦ କରନ୍ତୁ। ସେ ଆପଣଙ୍କର ହାତକୁ ଦେଖନ୍ତି। ସ୍ୱର୍ଗଦୂତମାନେ ସେମାନଙ୍କର ଅନୁରୋଧଗୁଡିକୁ ଟିପି ନେଇଛନ୍ତି।

8 ଏବଂ, ସ୍ୱର୍ଗୀୟ ପିତା, ଆମେ ବର୍ତ୍ତମାନ ପ୍ରାର୍ଥନାରେ, ପୁନର୍ବାର ଆପଣଙ୍କ ନିକଟକୁ ଆସୁଅଛୁ। ଯାହାକି, ନିଃସନ୍ଦେହତଃ ଏହି ଛୋଟ ସ୍ଥାନରେ, ଆଜି ରାତି ପରମେଶ୍ୱରଙ୍କ ସନ୍ତାନମାନଙ୍କ ମଧ୍ୟରେ ପ୍ରାର୍ଥନା ହୋଇସାରିଛି, ପୁଣି ଯେ ଗୀତମାନ ଗାନ କରାଯାଇସାରିଛି, ଏବଂ ଆମେମାନେ ପରମେଶ୍ୱରଙ୍କ ପ୍ରଶଂସାରେ ଅତ୍ୟୁଲ୍ଲାସ ଆନନ୍ଦରେ ହୃଦୟଗୁଡିକ ଉନ୍ନୀତ କରିଅଛୁ।

9 ଦାଉଦ କହିଥିଲେ ଯେ ସେ ସାଧୁମାନଙ୍କ ମଣ୍ଡଳୀକୁ ଆସିବେ ଏବଂ ତାଙ୍କର ଅନୁରୋଧଗୁଡିକୁ ଜଣାଇବେ। ଏବଂ ଆଜି ରାତି, ଅନେକ ହାତଗୁଡିକ ରହିଅଛି। ବୋଧହୁଏ, ସମ୍ଭବତଃ, ମୁଁ କହିବି, ଆଜି ରାତି ଏହି ଭବନରେ ବସିଥିବା ଲୋକମାନଙ୍କ ମଧ୍ୟରୁ ଅଶି ପ୍ରତିଶତ ନିଜର ହାତଗୁଡିକୁ ଅନୁରୋଧ ପାଇଁ ଉଠାଇଛନ୍ତି। ତାହା ଏହା ଦର୍ଶାଏ ଯେ, ପ୍ରଭୁ, ଆମେ ତୁମ ବିନା ଯାଇପାରିବୁ ହିଁ ନାହିଁ। ଦିନକୁ ଦିନ, ଆମଠାରେ ତୁମକୁ ରଖିବାକୁ ଅଛି। ତୁମେ ହିଁ ଆମର ଜୀବନ, ଆମର ଆନନ୍ଦ, ଆମର ସ୍ୱାସ୍ଥ୍ୟ, ଆମର ଚିରସ୍ଥାୟୀ ଶକ୍ତି, ଆମର ବାସସ୍ଥାନ, ଆମର କଟିବନ୍ଧନ, ଶତ୍ରୁଠାରୁ ରକ୍ଷା ନିମନ୍ତେ ଆମର ଢାଲ ଅଟ।

ଏବଂ ଆମେ ତୁମ ବିନା ଜୀବନର ଏହି ଯୁଦ୍ଧକୁ ଲଢି ହିଁ ପାରିବୁ ନାହିଁ। ଏହା କରିବା ଆମ ପାଇଁ ସଂପୂର୍ଣ୍ଣ ଅସମ୍ଭବ ହେବ, ଏବଂ ଆମକୁ ତୁମ ଉପରେ ସମ୍ପୂର୍ଣ୍ଣ ନିର୍ଭର ରହିବାକୁ ଅଛି। କାରଣ, ଆମେ ଜାଣୁ ଯେ ଆମେ ଏକ ଅନ୍ଧକାର ଏବଂ ନିରାଶାଜନକ ଦେଶ ଦେଇ ଗମନ କରୁଅଛୁ। ପ୍ରତ୍ୟେକ ପାର୍ଶ୍ୱରେ ଶତ୍ରୁ ଆମକୁ, ଫାନ୍ଦ ଓ ଜାଲ ପକାଇ ଘେରିଅଛି। ଆମର ପଥଗୁଡିକ, ହେ ପ୍ରଭୁ, ଆମକୁ ଅସ୍ତବ୍ୟସ୍ତ କରିବା ପାଇଁ ଶତ୍ରୁର ଫାନ୍ଦରେ ପରିପୂର୍ଣ୍ଣ ଅଟେ।

10 ଏବଂ ଆମେ, ମଧ୍ୟ, ଜାଣୁ, ଯେ ମାର୍ଗର ଶେଷରେ ଆମ ପାଖରେ ଗମନ କରିବା ପାଇଁ ମୃତ୍ୟୁ ନାମରେ ସେହି ଲମ୍ବା, ଛାୟାପନ୍ନ ଉପତ୍ୟକା ରହିଛି। ହେ ପ୍ରଭୁ, ସେତେବେଳେ କିଏ ଆମର ହାତ ଧରିବ? ପ୍ରଭୁ, ଆମେ ବର୍ତ୍ତମାନ ତୁମକୁ ଜାଣିବାକୁ ଚାହୁଁ। ଆମେ ଜାଣିବାକୁ ଚାହୁଁ ଯେ ତୁମେ ଆମର ହାତ ଧରିଛ, ଏବଂ ଆମେ ତୁମର ହାତ ଧରିଛୁ, ଯେ ଆମ ପାଖରେ ସେହି ଲଙ୍ଗରବିଶିଷ୍ଟ ଆଶ୍ୱାସନା ରହିପାରେ ଯେ ଯେତେବେଳେ ଆମେ ଆମ ଜୀବନର ସେହି ଶେଷ ମହାନ ମୁହୂର୍ତ୍ତକୁ ଆସୁ, ଯେ ମୃତ୍ୟୁ ନାମକ ସେହି ଦ୍ୱାରରେ ପ୍ରବେଶ କରୁ, ସେତେବେଳେ ଆମେ ପୁରାତନ ସାଧୁଙ୍କ ସହିତ ଏହା କହିପାରୁ, "ମୁଁ ତାହାଙ୍କୁ ତାଙ୍କର ପୁନରୁତ୍ଥାନର ଶକ୍ତିରେ ଜାଣେ, ଏବଂ ମୁଁ ଜାଣେ ଯେ ଯେତେବେଳେ ସେ ଡାକିବେ, ମୁଁ ମୃତମାନଙ୍କ ମଧ୍ୟରୁ ବାହାରି ଆସିବି।"

11 ତେବେ, ହେ ପିତା ପରମେଶ୍ୱର, ଆମେ ପ୍ରାର୍ଥନା କରିବୁ ଯେ ତୁମେ ଆମର ଅନୁରୋଧଗୁଡିକୁ ଓ ଆମର ସମାବେଶକୁ ଆଶୀର୍ବାଦ କରିବ। ତୁମର ଶବ୍ଦଗୁଡିକୁ ଆଶୀର୍ବାଦ କର। ଏବଂ ଯଦି ମୁଁ ଏପରି କିଛି କୁହେ ଯାହାକି ତୁମର ବାକ୍ୟ କିମ୍ବା ତୁମର ଇଚ୍ଛା ବିରୁଦ୍ଧରେ ଅଟେ, ତୁମ ପାଖରେ ଏବେ ସୁଦ୍ଧା ପାଟିକୁ ବନ୍ଦ କରିବାର ସେହି ଶକ୍ତି ଅଛି, ଯେପରିକି ତୁମେ ସିଂହମାନଙ୍କ ଗୁମ୍ଫାରେ କରିଥିଲ ଯେତେବେଳେ ଦାନିୟେଲ ଉପସ୍ଥିତ ଥିଲେ। ଏବଂ ଆମେ ପ୍ରାର୍ଥନା କରୁଛୁ, ହେ ପ୍ରଭୁ, ଯେ ତୁମେ ଆଜି ରାତି କାନ ଓ ହୃଦୟଗୁଡିକୁ ଖୋଲିଦେବ, ଆଉ ସେମାନଙ୍କଠାରେ କ୍ଷୁଧା ଓ ତୃଷା ସୃଷ୍ଟି କରିବ। ସେମାନେ ଏତେ ଅଧିକ ତୃଷାର୍ତ୍ତ ହୁଅନ୍ତୁ ଯେ ସେମାନେ ସେହି ସାହାଯ୍ୟକାରୀ ନ ଆସିବା ପର୍ଯ୍ୟନ୍ତ ଶୋଇପାରନ୍ତୁ ନାହିଁ କିମ୍ବା ବିଶ୍ରାମ କରିପାରନ୍ତୁ ନାହିଁ।

12 ଆମେ ବିଶ୍ୱାସ କରୁ ଯେ ଆମେ ତାହାଙ୍କର ଆଗମନର ଛାୟାରେ, ଶେଷ ଦିନମାନଙ୍କରେ ବାସ କରୁଅଛୁ। ଏବଂ ପ୍ରଭୁ, ଏହି ବାର୍ତ୍ତାଗୁଡିକ ସେଥି ପ୍ରତି ହିଁ ନିର୍ଦ୍ଦେଶିତ ଅଟେ। ଏହା ଲୋକମାନଙ୍କ ପାଇଁ ଧ୍ୟାନ ଦେବା ହେତୁ, ସତର୍କତା ଅବଲମ୍ବନ କରିବା ହେତୁ ଅଟେ। ଏବଂ ଏହା ହେଉ ଯେ, ଆଜି ରାତି, ଠିକ୍ ବର୍ତ୍ତମାନ ହିଁ, ଆମେ କେବଳ ଉପର ଆବରଣକୁ ହଟାଇ ଦେଇ, ଏହାକୁ ବେଞ୍ଚର ପାର୍ଶ୍ୱରେ ରଖିଦେଉ, ଓ କହୁ, "ପ୍ରଭୁ ପରମେଶ୍ୱର, ମୁଁ ତୁମ ପ୍ରତି ଏକ ଭଣ୍ଡାରଗୃହ ଅଟେ। ତୁମର ଆତ୍ମା ମୋ ଦେଇ ଗତି କରୁ। ତୁମ ଇଚ୍ଛା ଅନୁସାରେ ମୋତେ ଗଢ଼ ଏବଂ ମୋତେ ତିଆରି କର। ମୁଁ ମୋର ହୃଦୟ, ମୋର ଶକ୍ତି, ମୋର ସମସ୍ତକିଛିକୁ, ତୁମରି ଉଦ୍ଦେଶ୍ୟ ପାଇଁ ସମର୍ପଣ କରିବି।"

13 ହେ ପ୍ରଭୁ, ଆମ କଥା ଶୁଣ । ଏହି ବର୍ଷା ରାତିରେ, ଆମେ ଏଠାରେ ଦେଖାଇ ହେବା ପାଇଁ ଏକତ୍ର ହୋଇନାହୁଁ । ଆମ ପାଖରେ ଅନ୍ୟ କୌଣସି ସ୍ଥାନକୁ ଯିବା ପାଇଁ ନାହିଁ ବୋଲି ଏଠାକୁ ଆସି ନାହୁଁ । ଆମେମାନେ ଏଠାରେ ଆମ ହୃଦୟରେ ଏକ ମହାନ୍, ପବିତ୍ର, ଧାର୍ମିକ ଉଦ୍ଦେଶ୍ୟ ପାଇଁ ଅଛୁ, ଯାହାକି, ତୁମର ନିକଟବର୍ତ୍ତୀ ହେବୁ, ଏହା ଜାଣି ଯେ ତୁମେ ପ୍ରତିଜ୍ଞା କରିଅଛ ଯେ ଯଦି ଆମେ ତୁମର ନିକଟବର୍ତ୍ତୀ ଆସିବୁ, ତୁମେ ଆମର ନିକଟବର୍ତ୍ତୀ ହେବ । ଏବଂ ସେଇଥିପାଇଁ ହିଁ ଆମେମାନେ ଏଠାରେ ଅଛୁ । ଯିଏ କ୍ଷୁଧିତ ହୋଇ ଆସେ ସେ କ୍ଷୁଧିତ ହୋଇ ଫେରିଯିବ ନାହିଁ । "ଯେଉଁମାନେ ଧାର୍ମିକତା ପାଇଁ କ୍ଷୁଧିତ ଓ ତୃଷିତ ଅଟନ୍ତି, ସେମାନେ ଧନ୍ୟ," ଯୀଶୁ କହିଲେ, "କାରଣ ସେମାନେ ପରିତୃପ୍ତ କରାଯିବେ ।" ଏବଂ ଯଦି ଆମେମାନେ ରୁଟି ମାଗିବା, ଆମେ ପଥର ପାଇବା ନାହିଁ । ଆମର ସେହି ଆଶ୍ୱାସନା ଅଛି । ଏବଂ ଯଦି ଆମେମାନେ ମାଛ ମାଗିବା, ଆମେ ସର୍ପ ପାଇବା ନାହିଁ । ମାତ୍ର, ପରମେଶ୍ୱର ଆମର ପିତା ଆମକୁ ସ୍ୱର୍ଗର ମାନ୍ନା, ତାହାଙ୍କର ବାକ୍ୟ ଏବଂ ତାହାଙ୍କର ଆତ୍ମାରେ ପରିପୋଷିତ କରିବେ ଯାହାକି ତାହାଙ୍କ ବିଷୟରେ ଅଭିଲେଖ ରଖେ । ପ୍ରଭୁ, ଆମର ପ୍ରାର୍ଥନାଗୁଡିକର, ଓ ଆମର ଅନୁରୋଧଗୁଡିକର ଉତ୍ତର ଦିଅ, ଯେତେବେଳେକି ଆମେ ତୁମ ଉପରେ ଆହୁରି ଅପେକ୍ଷା କରୁଅଛୁ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆମେ ପ୍ରାର୍ଥନା କରୁଅଛୁ । ଆମେନ୍ ।

14 ତେବେ, ଆପଣମାନେ ଯେଉଁମାନେକି ଏହି ଶାସ୍ତ୍ରଗୁଡ଼ିକୁ ଲେଖୁଛନ୍ତି, ଯଦି ଆପଣମାନେ ମୋ ସହିତ ପୁନର୍ବାର ସାଧୁ ଯୋହନ, ତାର 14ଶ ପର୍ବକୁ ଆସିବେ । ଆମେ ସାଧୁ ଯୋହନର 14ଶ ପର୍ବରେ ଆରମ୍ଭ କରିବାକୁ ଚାହୁଁଛୁ । ତେବେ ଆସନ୍ତୁ ପ୍ରାୟଃ 14ଶ ପଦ, ସାଧୁ ଯୋହନ 14:14 ରେ ଆରମ୍ଭ କରିବା, ଏବଂ ଏହି ଶାସ୍ତ୍ରର ଏକ ଅଂଶ କେବଳ ପାଠ କରିବା । ତେବେ, ଏଥିରେ ଆପଣ ଅନେକ ପ୍ରସଙ୍ଗ ପାଇବେ ଯାହା ବିଷୟରେକି ମୁଁ ଆଜି ରାତି କହିବାକୁ ଚାହେଁ ।

15 ଏବଂ ମନେରଖନ୍ତୁ, ଆପଣମାନେ ଯେଉଁମାନଙ୍କରକି ଲାଲ-ଅକ୍ଷର ଲିଖିତ ବାଇବଲମାନ ଅଛି, ଏହା ଲାଲ ରଙ୍ଗରେ ଅଛି, ଏହା ହେଉଛି ତାହା । ଏହା ସେହି ଶବ୍ଦଗୁଡିକ ଅଟେ ଯାହାକି ଯୀଶୁ ନିଜେ କହିଥିଲେ, ତେଣୁ ଆମେ ନିଶ୍ଚିତ ଭାବରେ ଆଶ୍ୱସ୍ତ ହୋଇପାରିବା ଯେ ଏହା ଠିକ୍ ସେହିପରି ହେବ ଯେପରିକି ସେ ଏହାକୁ କହିଛନ୍ତି । "ସ୍ୱର୍ଗ ଓ ପୃଥିବୀ ଲୋପ ପାଇବ, କିନ୍ତୁ ତାହାଙ୍କର ବାକ୍ୟ କଦାପି ବିଫଳ ହେବ ନାହିଁ ।"

ବର୍ତ୍ତମାନ ଆମେ 14ଶ ପର୍ବର 14ଶ ପଦରୁ ପାଠ କରିବା ।

*ଯଦି ତୁମ୍ଭେମାନେ ମୋ ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି ।*

କି ଏକ ଆଶୀଷିତ ପ୍ରତିଜ୍ଞା!

*ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।*

*ଆଉ ମୁଁ ପିତାଙ୍କୁ ଅନୁରୋଧ କରିବି, ପୁଣି ତୁମ୍ଭମାନଙ୍କ ସାଙ୍ଗରେ ଚିରକାଳ ରହିବା ନିମନ୍ତେ, ସେ ତୁମ୍ଭମାନଙ୍କୁ ଆଉ ଜଣେ ସାହାଯ୍ୟକାରୀଙ୍କି;*

*ଅର୍ଥାତ ସେହି ସତ୍ୟମୟ ଆତ୍ମାଙ୍କୁ ଦେବେ; ଜଗତ ତାହାଙ୍କୁ ଗ୍ରହଣ କରିପାରେ ନାହିଁ, କାରଣ ଜଗତ ତାହାଙ୍କୁ ଦେଖେ ନାହିଁ,...*

ତେବେ, ଆପଣମାନେ ଯେଉଁମାନେକି ଏକ ଗ୍ରୀକ୍ ବାଇବଲ୍‌ରୁ ପାଠ କରିବେ, ଏହାକୁ ଏଠାରେ ଦେଖିବେ, ନୁହେଁ...ଦେଖିବାର ଅର୍ଥ "ବୁଝିବା।" "କାରଣ ଜଗତ ତାହାଙ୍କୁ ବୁଝେ ନାହିଁ।" ତାହା ଏତେ ଅଧିକ ସତ ଅଟେ। ମୋତେ ତାହା ବର୍ତ୍ତମାନ ପୁଣିଥରେ ପଢ଼ିବାକୁ ଦିଅନ୍ତୁ।

*ଅର୍ଥାତ ସେହି ସତ୍ୟମୟ ଆତ୍ମାଙ୍କୁ ଦେବେ; ଯାହାକୁ ସେହି...ସତ୍ୟ; ଜଗତ ତାହାଙ୍କୁ ଗ୍ରହଣ କରିପାରେ ନାହିଁ, କାରଣ ଜଗତ ତାହାଙ୍କୁ ଦେଖେ ନାହିଁ, କିମ୍ବା ଜାଣେ ନାହିଁ: ତୁମ୍ଭେମାନେ ତାହାଙ୍କୁ ଜାଣ;* (କିଏ? ସେହି ସାହାଯ୍ୟକାରୀଙ୍କି।) *କାରଣ ସେ ତୁମ୍ଭମାନଙ୍କ ସାଙ୍ଗରେ ବର୍ତ୍ତମାନ ଥାଆନ୍ତି* (ବର୍ତ୍ତମାନ କାଳ),...*ସେ ତୁମ୍ଭମାନଙ୍କ ସାଙ୍ଗରେ ଥାଆନ୍ତି, ପୁଣି ତୁମ୍ଭମାନଙ୍କ ଅନ୍ତରେ ରହିବେ।*

ଏହା କଅଣ ଅଟେ? ସେହି ସମାନ ସାହାଯ୍ୟକାରୀ।

*ମୁଁ ତୁମ୍ଭମାନଙ୍କୁ ଅନାଥ କରି ଛାଡ଼ିଯିବି ନାହିଁ: ମୁଁ...*

କେହି ବି ଜାଣନ୍ତି ଯେ "ମୁଁ" ଏକ ବ୍ୟକ୍ତିଗତ ସର୍ବନାମ ଅଟେ।

*...ମୁଁ ତୁମ୍ଭମାନଙ୍କ ନିକଟକୁ ଆସୁଅଛି।*

*ଅଳ୍ପମାତ୍ର ସମୟ ରହିଲା, ଜଗତ ମୋତେ ଆଉ ଦେଖିବ ନାହିଁ; ମାତ୍ର ତୁମ୍ଭେମାନେ ଦେଖିବ...ମାତ୍ର ତୁମ୍ଭେମାନେ ମୋତେ ଦେଖିବ, କାରଣ ମୁଁ ଜୀବିତ, ଆଉ ତୁମ୍ଭେମାନେ ମଧ୍ୟ ଜୀବିତ ରହିବ।*

*ମୁଁ ଯେ ମୋହର ପିତାଙ୍କଠାରେ ଅଛି, ପୁଣି ତୁମ୍ଭେମାନେ ଯେ ମୋ ଠାରେ ଓ ମୁଁ ତୁମ୍ଭମାନଙ୍କଠାରେ ଅଛି, ଏହା ସେଦିନ ତୁମ୍ଭେମାନେ ଜାଣିବ।*

ତାହାହିଁ ମୋର ଚିନ୍ତାଧାରାର କେନ୍ଦ୍ର ହେବାକୁ ଯାଉଅଛି, ମାତ୍ର ଆମେ ଟିକିଏ ଅଧିକ ପାଠ କରିବାକୁ ଯାଉଛୁ। ତେବେ ମୋତେ ବର୍ତ୍ତମାନ ତାହା, ପୁନର୍ବାର ପାଠ କରିବାକୁ ଦିଅନ୍ତୁ।

*ସେଦିନ* (ସେହି ମହାନ ଦିନ, ସେହି ବିଚାର ଦିନ), *ମୁଁ ଯେ ମୋହର ପିତାଙ୍କଠାରେ ଅଛି, ପୁଣି ତୁମ୍ଭେମାନେ ଯେ ମୋ ଠାରେ ଓ ମୁଁ ତୁମ୍ଭମାନଙ୍କଠାରେ ଅଛି, ଏହା ସେଦିନ ତୁମ୍ଭେମାନେ ଜାଣିବ।*

*ଯେ ମୋହର ଆଜ୍ଞାସବୁ ଗ୍ରହଣ କରି, ପାଳନ କରେ, ସେହି ତ ମୋତେ ପ୍ରେମ କରେ: ଆଉ ଯେ ମୋତେ ପ୍ରେମ କରେ, ମୋହର ପିତା ତାହାକୁ ପ୍ରେମ କରିବେ, ପୁଣି ମୁଁ ତାହାକୁ ପ୍ରେମ କରିବି ଓ ତାହା ନିକଟରେ ଆପଣାକୁ ପ୍ରକାଶ କରିବି।*

*ଯିହୂଦା ତାହାଙ୍କୁ କହିଲେ, ଇଷ୍କାରିୟୋତୀୟ ନୁହେଁ, ହେ ପ୍ରଭୁ, କଅଣ ହେଲା ଯେ ଆପଣ ଜଗତ ନିକଟରେ ଆପଣାକୁ ପ୍ରକାଶ ନ କରି ଆମ୍ଭମାନଙ୍କ ନିକଟରେ ପ୍ରକାଶ କରିବାକୁ ଯାଉଅଛନ୍ତି?*

ତାହା ହେଉଛି, *କୋସ୍‌ମୋସ୍,* ସେହି "ବିଶ୍ୱ କ୍ରମ।" ଯଦି ଆପଣଙ୍କ ପାଖରେ ସେଠାରେ ସୀମାନ୍ତର ପାଠ୍ୟ ଅଛି, ଆପଣ ଲକ୍ଷ୍ୟ କରିବେ। ମୋ ଥିରେ ଏକ ଇଂରାଜୀର "ଜି" ଲେଖାହୋଇଛି, ଏବଂ ତାହା ଏଠାରେ କୁହେ, *"କୋସ୍‌ମୋସ୍,* କିମ୍ବା ବିଶ୍ୱ-ବ୍ୟବସ୍ଥା।" ତାହା ହେଉଛି ମଣ୍ଡଳୀମାନ, ଏବଂ ପ୍ରଭୃତି ସବୁ, ଦେଖନ୍ତୁ।

...*କଅଣ ହେଲା ଯେ ଆପଣ* ସେମାନଙ୍କ ନିକଟରେ ଆପଣାକୁ *ପ୍ରକାଶ ନ କରି,* ଆମ୍ଭମାନଙ୍କ ନିକଟରେ *ପ୍ରକାଶ କରିବାକୁ ଯାଉଅଛନ୍ତି?* ଆପଣ ଏହା କିପରି କରିପାରିବେ?

*ଯୀଶୁ ତାଙ୍କୁ ଉତ୍ତର ଦେଲେ, ଯଦି କେହି ମୋତେ ପ୍ରେମ କରେ, ତାହହେଲେ ସେ ମୋହର ବାକ୍ୟ ପାଳନ କରିବ:* (ଆମେନ) *ପୁଣି ମୋହର ପିତା ତାହାକୁ ପ୍ରେମ କରିବେ, ଆଉ ଆମ୍ଭେମାନେ ତାହା ନିକଟକୁ ଆସି, ତାହା ସହିତ ବାସ କରିବା।*

*ଯେ ମୋତେ ପ୍ରେମ କରେ ନାହିଁ ସେ ମୋହର ବାକ୍ୟ ପାଳନ କରେ ନାହିଁ:...*

ମଣ୍ଡଳୀର କଥାଗୁଡିକ ପାଳନ କରିପାରେ; ମାତ୍ର ତାହାଙ୍କର ବାକ୍ୟ ପାଳନ କରିବା, ଆପଣ ଦେଖନ୍ତୁ।

...*ଆଉ ଯେଉଁ* ବାକ୍ୟ *ତୁମ୍ଭେମାନେ ଶୁଣୁଅଛ ତାହା ମୋହର ନୁହେଁ, ମାତ୍ର ମୋହର ପ୍ରେରଣକର୍ତ୍ତା ପିତାଙ୍କର।*

*ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଥାଉ ଥାଉ, ତୁମ୍ଭମାନଙ୍କୁ ଏହିସବୁ କଥା କହିଲି।*

*କିନ୍ତୁ ସେହି ସାହାଯ୍ୟକାରୀ, ଅର୍ଥାତ ଯେଉଁ ପବିତ୍ରଆତ୍ମାଙ୍କୁ, ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି,* ସେହିସବୁ (ଅର୍ଥାତ, ତାହାଙ୍କର ଶବ୍ଦଗୁଡିକୁ) *ତୁମ୍ଭମାନଙ୍କୁ ସ୍ମରଣ କରାଇବେ।*

ତାହାହେଲେ ପରମେଶ୍ୱର ତେବେ ପବିତ୍ରଆତ୍ମାଙ୍କୁ କେଉଁ ଉଦ୍ଦେଶ୍ୟରେ ପଠାଇଥିଲେ? ସେ ତାହାଙ୍କର ବାକ୍ୟରେ ଆଶୀର୍ବାଦ ଯୋଗ କରନ୍ତୁ।

16 ଯୀଶୁ କହିଲେ, ଯେ, "ମୁଁ ଯେ ମୋହର ପିତାଙ୍କଠାରେ ଅଛି ଓ ପିତା ମୋ ଠାରେ ଅଛନ୍ତି, ଏହା ସେଦିନ ତୁମ୍ଭେମାନେ ଜାଣିବ; ପୁଣି ତୁମେ...ମୁଁ ତୁମ୍ଭମାନଙ୍କଠାରେ ଅଛି, ଓ ତୁମ୍ଭେମାନେ ମୋ ଠାରେ ଅଛ।" ତେବେ, ଯଦି ଆମେ ଏହା କହିବାକୁ ଯାଉଅଛୁ...

17 ବର୍ତ୍ତମାନ, ମନେରଖନ୍ତୁ, ଏହା ଟେପ୍‌ରେ ରହିବାକୁ ଯାଉଛି।

ଲୁଇସଭିଲେର, ଜଣେ ଖ୍ରୀଷ୍ଟିଆନ ବ୍ୟବସାୟୀ, ମୋତେ କିଛି ସମୟ ପୂର୍ବରୁ ଡାକିଥିଲେ । ଏବଂ ସେ କହିଲେ, "ଏହା ଏକ ଲଜ୍ଜାଜନକ ବିଷୟ ଅଟେ, ବିଲି, ଯେ ଏହି ବାର୍ତ୍ତାଗୁଡ଼ିକ, ଯେପରିକି ଆପଣ ଗତ ରାତିରେ କହୁଥିଲେ, ଏଠାରେ ଚାଳିଶ ହଜାର ପର୍ଯ୍ୟନ୍ତ ପହଞ୍ଚୁ ନାହିଁ ବରଂ ତାହା ବଦଳେ ଆପଣଙ୍କର ଛୋଟ ଆରାଧନାଳୟରେ ଶହେ ପଚାଶ, କିମ୍ବା ଦୁଇ ଶହ, ତିନି ଶହ ଲୋକଙ୍କ ନିକଟକୁ ପହଞ୍ଚୁ ଅଛି ।"

18 ମୁଁ କହିଲି, "ମହାଶୟ, ଏବେଠାରୁ ନେଇ ଛଅ ମାସ ମଧ୍ୟରେ, ଯଦି ଯୀଶୁଙ୍କର ବିଳମ୍ବ ଥାଏ, ତେବେ ସମଗ୍ର ବିଶ୍ୱ ଏହା ଶୁଣିବ ।" ବୁଝିଲେ?

ସେହି ଟେପ୍‌ଗୁଡ଼ିକ ସମଗ୍ର ବିଶ୍ୱକୁ ଯାଏ, ଦେଖନ୍ତୁ, ସବୁଆଡ଼କୁ ଯାଏ । ଆଉ, ତେଣୁକରି, ଆମେ ବର୍ତ୍ତମାନ ଏଠାରେ ତାହା ଶିକ୍ଷା ଦେଉଅଛୁ ଯାହାକୁ ଆମେ ସତ୍ୟ ବୋଲି ବିଶ୍ୱାସ କରୁ, ଏବଂ ଯାହାକୁ ଆମେ ପାଇଅଛୁ ଯେ ପରମେଶ୍ୱର ଏହାକୁ ଆମମାନଙ୍କଠାରେ ସତ୍ୟ ବୋଲି ଦୃଢ଼ିକୃତ କରିଛନ୍ତି ।

19 ତେବେ, ସେହି ଉଦ୍ଦେଶ୍ୟ, ପବିତ୍ରଆତ୍ମାଙ୍କୁ ପଠାଇବାରେ ପରମେଶ୍ୱରଙ୍କର ଉଦ୍ଦେଶ୍ୟ କଅଣ ଥିଲା—କଅଣ ଥିଲା? ତେବେ, ମୁଁ ତାହାକୁ ଚିହ୍ନଟ କରିବି, ଯୋହନ 14, 14ତମ ପଦରୁ ଆରମ୍ଭ କରି, ଏକ ଆଧାର ନିମନ୍ତେ, ପର୍ବ ମଧ୍ୟ ଦେଇ ପାଠ କରିବା । ପରମେଶ୍ୱରଙ୍କ ଉଦ୍ଦେଶ୍ୟ, ପବିତ୍ରଆତ୍ମା ପଠାଇବାରେ, ଆମେ ଏଠାରେ ପାଉ, ଗୋଟିଏ ଉଦ୍ଦେଶ୍ୟ ଥିଲା, ଯେ ପରମେଶ୍ୱର ନିଜେ ତାହାଙ୍କର ମଣ୍ଡଳୀରେ ରହିପାରନ୍ତି ଓ ମଣ୍ଡଳୀ ମାଧ୍ୟମରେ ତାହାଙ୍କର ଯୋଜନାଗୁଡ଼ିକୁ ଜାରି ରଖିପାରନ୍ତି ।

ଯେ, ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥିଲେ, ଖ୍ରୀଷ୍ଟଙ୍କ ମାଧ୍ୟମରେ ତାହାଙ୍କର ଯୋଜନାଗୁଡ଼ିକୁ ଜାରି ରଖିଥିଲେ; ଖ୍ରୀଷ୍ଟଙ୍କଠାରୁ, ମଣ୍ଡଳୀ ମଧ୍ୟକୁ, ତାହାଙ୍କର କାର୍ଯ୍ୟକୁ ମଣ୍ଡଳୀ ମାଧ୍ୟମରେ ଜାରି ରଖିପାରନ୍ତି ।

20 ତେବେ, ଆମେ ଜାଣୁ ଯେ ପବିତ୍ରଆତ୍ମା କଅଣ ଅଟେ । ଗତ ରାତି, ଆମେ ଜାଣିଲୁ, ଯେ ତାହା ପରମେଶ୍ୱର ଅଟନ୍ତି ।

ତେବେ, ଯେତେବେଳେ ଆମେ ପିତା, ପରମେଶ୍ୱରଙ୍କ ବିଷୟରେ ଭାବୁ, ଯେପରିକି ଯୀଶୁ ଏଠାରେ, ତାହାଙ୍କ ପିତା ବିଷୟରେ କହିଥିଲେ; ପରମେଶ୍ୱର, ପୁତ୍ର, ଯୀଶୁ ଭାବରେ; ପରମେଶ୍ୱର, ସେହି ପବିତ୍ରଆତ୍ମା, ଯେପରିକି ଆମେ ଆଜି ଏହାକୁ କହିଥାଉ, ତେବେ, ତାହାର ଅର୍ଥ ଏହା ନୁହେଁ ଯେ ସେଠାରେ ତିନୋଟି ବ୍ୟକ୍ତିବିଶେଷ, ଭିନ୍ନ ପରମେଶ୍ୱରମାନ ଅଛନ୍ତି । ଏହାର ଅର୍ଥ ହେଉଛି ସେଠାରେ ଜଣେ ମାତ୍ର ପରମେଶ୍ୱର ତିନୋଟି କାର୍ଯ୍ୟାଳୟରେ ଅଛନ୍ତି ।

ଆମେ ଏହାକୁ ଏହିପରି କହିପାରିବା । ଯାହାକିଛି ପରମେଶ୍ୱର ଥିଲେ, ସେ ଖ୍ରୀଷ୍ଟଙ୍କଠାରେ ଢାଳିଦେଲେ, କାରଣ ସେ ନିଜକୁ ଖାଲି କଲେ ଏବଂ ତାହାକୁ ଖ୍ରୀଷ୍ଟଙ୍କଠାରେ

ଢାଳିଦେଲେ। "ଏବଂ ଖ୍ରୀଷ୍ଟ ଶାରୀରିକ ଭାବରେ ପରମେଶ୍ୱରତ୍ତ୍ୱର ପରିପୂର୍ଣ୍ଣତା ଥିଲେ।" ଯାହାସବୁ ଯିହୋବା ଥିଲେ, ସେ ଖ୍ରୀଷ୍ଟଙ୍କଠାରେ ଢାଳିଦେଲେ।

ଯାହାସବୁ ଖ୍ରୀଷ୍ଟ ଥିଲେ, ସେ ମଣ୍ଡଳୀରେ ଢାଳିଦେଲେ; ଗୋଟିଏ ବ୍ୟକ୍ତିବିଶେଷରେ ନୁହେଁ, ବରଂ ସମଗ୍ର ଶରୀରରେ ଢାଳିଦେଲେ। ସେଠାରେ, ଯେଉଁଠାରେ ଆମେ ଏକତାରେ ଏକତ୍ର ଆସିଥାଉ, ଆମର ଶକ୍ତି ରହିଥାଏ। ଯାହାକିଛି ପରମେଶ୍ୱର ଥିଲେ, ତାହା ଖ୍ରୀଷ୍ଟଙ୍କଠାରେ ଥିଲେ; ଏବଂ ଯାହାକିଛି ଖ୍ରୀଷ୍ଟ ଥିଲେ, ତାହା ଆପଣଙ୍କଠାରେ ଅଛି।

"କାରଣ ପରମେଶ୍ୱର ଦେହବନ୍ତ ହେଲେ, ଓ ଆମମାନଙ୍କ ମଧ୍ୟରେ ବାସ କଲେ।" ପ୍ରଥମ ତୀମଥି 3:16: ଯଦି ଆପଣ ଏହାକୁ ଲେଖୁଛନ୍ତି, "ପରମେଶ୍ୱରପରାୟଣତାର ନିଗୂଢତତ୍ତ୍ୱ ଯେ ମହତ୍, ଏହା ସମସ୍ତେ ସ୍ୱୀକାର କରନ୍ତି: କାରଣ ସେ ଦେହବନ୍ତ ହୋଇ ପ୍ରକାଶିତ ହେଲେ, ଏବଂ ଆମେ ତାହାଙ୍କୁ ହସ୍ତରେ ଧରିଲୁ। ପରମେଶ୍ୱର, ଯିହୋବା, ଦେହବନ୍ତ ହେଲେ, ଓ ପୃଥିବୀରେ ଗମନାଗମନ କଲେ, ଏବଂ ଆମେମାନେ ତାହାଙ୍କୁ ନିଜ ଚକ୍ଷୁରେ ଦେଖିଅଛୁ।"

21 ଆପଣ ଜାଣନ୍ତି, ଯୋହନ 14 ର, ସେହି ସମାନ ପର୍ବରେ, ଫିଲିପ୍ପ କହିଥିଲେ, "ପ୍ରଭୁ, ଆମକୁ ପିତାଙ୍କୁ ଦର୍ଶନ କରାନ୍ତୁ, ଓ ତାହା ଆମକୁ ସନ୍ତୁଷ୍ଟ କରିବ।"

22 ଯୀଶୁ କହିଲେ, "ଫିଲିପ୍ପ, ମୁଁ ତୁମ ସହିତ ଏତେ ଦିନ ରହିଆସିଛି, ଏବଂ ତୁମେ ମୋତେ ଜାଣିଲ ନାହିଁ? ଯେତେବେଳେ ତୁମେ ମୋତେ ଦେଖିଛ, ତୁମେ ପିତାଙ୍କୁ ଦେଖିଅଛ। ଏବଂ ତୁମେ ମୋତେ କାହିଁକି କହୁଅଛ, 'ଆମକୁ ପିତାଙ୍କୁ ଦର୍ଶନ କରାନ୍ତୁ'?" ପରମେଶ୍ୱର ଦେହବନ୍ତ ହୋଇଥିଲେ।

23 ତେବେ ତାହା ଏଠାରେ ଅଟେ। ଆମେ କହୁଛୁ ଯେ ପିତା ଆପଣଙ୍କ ଉପରେ ପରମେଶ୍ୱର ଅଛନ୍ତି। ଆମେ ଆଦମଙ୍କଠାରୁ ରହି ଆସିଛୁ। ପିତା, ପରମେଶ୍ୱର, ମୋଶା ଓ ଇସ୍ରାଏଲ ସନ୍ତାନଗଣଙ୍କ ଉପରେ, ଏକ ଅଗ୍ନିସ୍ତମ୍ଭରେ ରହିଥିଲେ। ତାହାପରେ, ପରମେଶ୍ୱର ଆମ ସହିତରେ, ଖ୍ରୀଷ୍ଟଙ୍କଠାରେ ଥିଲେ; ଆମ ସହିତ ଗମନାଗମନ କରିଥିଲେ, ଆମ ସହିତ କଥାବାର୍ତ୍ତା କରିଥିଲେ, ଆମ ସହିତ ଭୋଜନ କରିଥିଲେ, ଆମ ସହିତ ଶୟନ କରିଥିଲେ। ପରମେଶ୍ୱର ଆମ ଉପରେ; ପରମେଶ୍ୱର ଆମ ସହିତରେ; ଏବଂ ବର୍ତ୍ତମାନ ପରମେଶ୍ୱର ଆମ ଭିତରେ। ଯାହାକିଛି ପରମେଶ୍ୱର ଥିଲେ, ଖ୍ରୀଷ୍ଟଙ୍କ ଭିତରକୁ ଆସିଥିଲେ; ଯାହାକିଛି ଖ୍ରୀଷ୍ଟ ଥିଲେ, ମଣ୍ଡଳୀକୁ ଆସିଥିଲେ।

ତାହା କଅଣ ଅଟେ? ପରମେଶ୍ୱର ଆପଣଙ୍କ ଭିତରେ କାର୍ଯ୍ୟ କରୁଛନ୍ତି। ଜଗତର ଯେକୌଣସି ସ୍ଥାନରେ ସେ ଆପଣଙ୍କୁ ଡାକିବାକୁ ଚାହାଁନ୍ତି, ଆପଣ ଠିକ୍ ସେହିଠାରେ ହିଁ, ତାହାଙ୍କର ସଦ୍ ଇଚ୍ଛାକୁ ସଫଳ କରିବା ନିମନ୍ତେ ଆପଣଙ୍କ ଭିତରେ କାର୍ଯ୍ୟକାରୀ କରୁଥାଆନ୍ତି। ସେଥିପାଇଁ ଆମେ ପରମେଶ୍ୱରଙ୍କୁ କିପରି ଧନ୍ୟବାଦ ଦେବା ଉଚିତ୍! ପରମେଶ୍ୱର, ପବିତ୍ରଆତ୍ମାଙ୍କୁ, ତାହାଙ୍କର ମଣ୍ଡଳୀରେ ପରମେଶ୍ୱରଙ୍କର ନିବାସ କରିବା ଦ୍ୱାରା ପ୍ରତ୍ୟେକ

ଯୁଗରେ ଗତି କରି, ତାହାଙ୍କର ଈଶ୍ୱରୀୟ ଇଚ୍ଛାକୁ, କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ପଠାଯାଇଅଛି।

24 ଯେତେବେଳେ ଲୋକମାନେ ଆପଣଙ୍କୁ ପରିହାସ କରନ୍ତି, ସେମାନେ ଆପଣଙ୍କୁ ପରିହାସ କରନ୍ତି ନାହିଁ, ସେମାନେ ଆପଣଙ୍କର ପ୍ରେରଣକର୍ତ୍ତାଙ୍କୁ ପରିହାସ କରନ୍ତି। ତେଣୁ ଯୀଶୁ କହିଲେ, "ତୁମେମାନେ ଧନ୍ୟ ଯେତେବେଳେ ଲୋକମାନେ ମୋ ନାମ ନିମନ୍ତେ, ମିଥ୍ୟାରେ, ତୁମ ବିରୁଦ୍ଧରେ ସବୁ ପ୍ରକାରର ମନ୍ଦ କଥା କହିବେ। ତୁମେମାନେ ଧନ୍ୟ।" ଏବଂ, ପୁନର୍ବାର, "ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଧାର୍ମିକତାରେ ବାସ କରନ୍ତି ସେମାନେ ତାଡ଼ନା ସହ୍ୟ କରିବେ।"

କାରଣ, ଯେତେବେଳେ ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ନିଜକୁ ପରିଚିତ କରାଇଲେ, ସେମାନେ ତାହାଙ୍କୁ ଘୃଣା କଲେ। କିଏ ତାହାଙ୍କୁ ସବୁଠୁ ଅଧିକ, ଘୃଣା କଲା? ମଣ୍ଡଳୀ। ମଣ୍ଡଳୀ ତାହାଙ୍କୁ ସବୁଠୁ ଅଧିକ, ଘୃଣା କରିଥିଲା। ସେମାନେ ତାହାଙ୍କୁ ସେହି—ସେହି ମଦ୍ୟପ ଅପେକ୍ଷା ଅଧିକ ଘୃଣା କରିଥିଲେ। ସେମାନେ ଅନ୍ୟ ସମସ୍ତଙ୍କ ଅପେକ୍ଷା ତାହାଙ୍କୁ ସବୁଠୁ ଅଧିକ ଘୃଣା କରିଥିଲେ। ଏହା ତ ମଣ୍ଡଳୀ ହିଁ ତାହାଙ୍କୁ ଘୃଣା କରିଥିଲେ। ତେଣୁକରି, ଯେତେବେଳେ ଆପଣ *କୋସ୍‌ମୋସ୍‌*କୁ ଦେଖନ୍ତି, "ସେହି ବିଶ୍ୱ କ୍ରମକୁ, ଜଗତ ତାହାଙ୍କୁ ଜାଣି ନ ଥିଲା," ଅର୍ଥ, "ସେହି ମଣ୍ଡଳୀ," ତଥା-କଥିତ, "ତାହାଙ୍କୁ ଜାଣି ନ ଥିଲା। ସେ ତାହାଙ୍କର ନିଜ ଲୋକମାନଙ୍କ ପାଖକୁ ଆସିଲେ, ଏବଂ ତାହାଙ୍କର ନିଜ ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ।"

"କିନ୍ତୁ ଯେତେଜଣ ତାହାଙ୍କୁ ଗ୍ରହଣ କଲେ, ସେ ସେମାନଙ୍କୁ ପରମେଶ୍ୱରଙ୍କ ପୁତ୍ର ହେବାର ଶକ୍ତି ପ୍ରଦାନ କଲେ, ଯେଉଁମାନେକି ତାହାଙ୍କର ନାମରେ ବିଶ୍ୱାସ କରିଥିଲେ।" ଓଃ, ଆମେ ତାହାଙ୍କୁ କିପରି ପ୍ରେମ କରିବା ଏବଂ ତାହାଙ୍କୁ ଉପାସନା କରିବା ଉଚିତ୍! ପରମେଶ୍ୱରଙ୍କ ଉଦ୍ଦେଶ୍ୟ, ସହଭାଗୀ ହେବାକୁ ଇଚ୍ଛା!

25 ଯେପରିକି, ଆମେ ସେହି ମୂଳପାଠ ଛାଡିବା ପୂର୍ବରୁ, ଆସନ୍ତୁ ଏହାକୁ ବ୍ୟବହାର କରିବା; ରୂତଙ୍କ ସମୟରେ, ମୁକ୍ତିର ନିୟମରେ, ଯେତେବେଳେ ନୟମୀ ଦେଶ ଛାଡି ଚାଲି ଯାଇଥିଲେ, ପରୀକ୍ଷା ହେତୁରୁ, କଠିନ ସମୟ ହେତୁରୁ। ସେ ମୋୟାବୀୟ ଦେଶକୁ ଚାଲିଗଲେ, ଯାହାକି କେବଳ ଈଷଦୁଷ୍ଣ, ନାମମାତ୍ର ଖ୍ରୀଷ୍ଟିଆନମାନେ ଥିଲେ। କାରଣ, ମୋୟାବୀୟମାନେ ଲୋଟଙ୍କ ଝିଅରୁ ଉତ୍ପନ୍ନ ହୋଇଥିଲେ, ଏବଂ ସେମାନେ ତଥା-କଥିତ ବିଶ୍ୱାସୀମାନେ ଥିଲେ, ଓ ମିଶ୍ରିତ ଥିଲେ। ଆଉ ତାହାପରେ ତାଙ୍କ ସ୍ୱାମୀ ମରିଗଲେ, ଏବଂ ତାଙ୍କର ଦୁଇ ପୁଅ ମରିଗଲେ। ଏବଂ ଘରକୁ ଫେରିବା ରାସ୍ତାରେ, ନୟମୀ...ରୂତ ଓ ନୟମୀ, ତାଙ୍କର ଘରକୁ ଫେରିବା ବାଟରେ, ତାଙ୍କର...ତାଙ୍କର ଜଣେ ବୋହୂ, ଅର୍ପା, ସେ କହିଲା ଯେ ସେ ନିଜର ଦେଶକୁ, ନିଜର ଦେବତାମାନଙ୍କ ପାଖକୁ, ଏବଂ ନିଜର ମଣ୍ଡଳୀ, ଓ ନିଜର ଲୋକମାନଙ୍କ ପାଖକୁ ଫେରିଯିବ। ଏବଂ ନୟମୀ ରୂତଙ୍କୁ ମଧ୍ୟ ଚେଷ୍ଟା କରିଥିଲେ ଯେ ସେ ଫେରିଯାଉ, କିନ୍ତୁ ସେ କହିଲା, "ତୁମର

ଲୋକମାନେ ମୋର ଲୋକ । ତୁମର ପରମେଶ୍ୱର ମୋର ପରମେଶ୍ୱର । ଯେଉଁଠାରେ ତୁମେ ମରିବ, ମୁଁ ସେହିଠାରେ ମରିବି । ଯେଉଁଠାରେ ତୁମେ କବର ପାଇବ, ସେହିଠାରେ ମୁଁ କବର ପାଇବି । ଏବଂ ମୁଁ ପଛକୁ ଫେରିବି ନାହିଁ ।"

26 ତାହା ସେତେବେଳେ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ଏକ ଦର୍ଶନ ପାଇଥାନ୍ତି । ତାଙ୍କ ଲୋକମାନେ କଅଣ କହିଲେ ସେଥିରେ କିଛି ଯାଏ ଆସେ ନାହିଁ, "ତୁମେ ସେଠାକୁ ଏକ ପବିତ୍ର-ପାଖଣ୍ଡ କିମ୍ବା ସେହିପରି କିଛି ଗୋଟାଏ ହେବାକୁ ଯାଉଛ ।" ତାହା ରୂତଙ୍କୁ କୌଣସି ଫରକ୍ ପକାଇଲା ନାହିଁ । ପରମେଶ୍ୱରଙ୍କର ଏକ ଉଦ୍ଦେଶ୍ୟ ପୂରଣ ହେବାକୁ ଥିଲା ।

27 ଏବଂ ଯେତିକି ନିଶ୍ଚିତ ଭାବେ ଆପଣମାନେ ଆଜି ରାତିରେ ପବିତ୍ରଆତ୍ମା ପାଇଁ କ୍ଷୁଧିତ ଅଟନ୍ତି, ଏହା ଆପଣଙ୍କ ଭିତରେ ଏପରି କିଛି ଅଟେ, ଯାହାକି ଆପଣଙ୍କୁ ଟାଣି ନେଉଛି, ଯେ ଆପଣଙ୍କ ଜୀବନରେ ପରମେଶ୍ୱରଙ୍କ ଏକ ଉଦ୍ଦେଶ୍ୟ ପୂରଣ ହେବା ଆବଶ୍ୟକ ଅଟେ, ଯେପରିକି ତାହା ରୂତଙ୍କ ସହିତରେ ଥିଲା ।

28 କାହାଣୀଟି ବହୁତ ସୁନ୍ଦର! ମୁଁ ଏହାକୁ କିଛି ସମୟ ପାଇଁ ମଧ୍ୟ, ଛାଡିପାରେ ନାହିଁ । ଆପଣ ମୁକ୍ତିର ନିୟମ ଜାଣିଛନ୍ତି, ଯେ ଯେତେବେଳେ ବୋୟାଜ...ଆପଣ ଜାଣିଛନ୍ତି ଯେ ରୂତ କିପରି କ୍ଷେତରେ ଶସ୍ୟ ସାଉଁଟୁ ଥିଲେ ଏବଂ ବୋୟାଜଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଥିଲେ । ଏବଂ ଏହା ପୂର୍ବେକି ସେ ରୂତଙ୍କୁ ବିବାହ କରନ୍ତେ, ତାଙ୍କୁ ନୟମୀ ହରାଇଥିବା ସମସ୍ତ କିଛି ବିଷୟକୁ ମୁକ୍ତ କରିବାକୁ ଥିଲା । ଏବଂ ମୁକ୍ତିର ନିୟମରେ, ନୟମୀଙ୍କ ପତିତ ସମ୍ପତ୍ତିକୁ କେବଳ ଜଣେ ହିଁ ମୁକ୍ତ କରିପାରିଥାନ୍ତେ, ଜଣେ ନିକଟ ସମ୍ପର୍କୀୟ; ଏହା ପୂର୍ବେକି ସେ ମୁକ୍ତ କରନ୍ତେ ତାଙ୍କୁ ନିକଟ ସମ୍ପର୍କୀୟ ହେବାକୁ ଥିଲା । ଏବଂ ତାହା ତାଙ୍କର ନିକଟତମ ସମ୍ପର୍କୀୟ ଥିଲେ । ଏବଂ ତାଙ୍କୁ ଫାଟକ ବାହାରେ, ଏକ ସାର୍ବଜନୀନ ସଙ୍କେତ କରିବାକୁ ପଡିଥିଲା, କିମ୍ବା ଏକ ସର୍ବସାଧାରଣ ସ୍ୱୀକାରୋକ୍ତି ଯେ ସେ ନୟମୀ ହରାଇଥିବା ସମସ୍ତ ବିଶଜୟକୁ ମୁକ୍ତ କରିଛନ୍ତି । ଏବଂ ବୋୟାଜ ପ୍ରାଚୀନମାନଙ୍କ ଆଗରେ ନିଜର ପାଦୁକା ଫୋପାଡି ତାହା କରିଥିଲେ, ଏବଂ କହିଥିଲେ, "ଯଦି ଏଠାରେ ଏପରି କେହି ଅଛନ୍ତି ଯାହାଙ୍କ ପାଖରେ ଏପରି କିଛି ସମ୍ପତ୍ତି ଅଛି ଯାହାକି ନୟମୀର ଅଟେ, ତେବେ ଆଜିର ଦିନରେ ମୁଁ ତାହା ମୁକ୍ତ କରିଅଛି ।"

29 ଏବଂ ସେହିଭଳି ଭାବରେ ତ ପରମେଶ୍ୱର କରିଥିଲେ, ତାହାଙ୍କର ନିଜର ନିୟମକୁ ଅନୁସରଣ କରିଥିଲେ । ପରମେଶ୍ୱର ଅନୁସରଣ କରିପାରନ୍ତି ନାହିଁ, ଆପଣଙ୍କୁ ଅନୁସରଣ କରିବାକୁ ଗୋଟିଏ ନିୟମ ଦେବେ ଏବଂ ସେ ଅନ୍ୟକିଛି ଅନୁସରଣ କରିବେ । ସେ ତାହାଙ୍କର ନିଜର ନିୟମକୁ ଅନୁସରଣ କରନ୍ତି । ତାହାପରେ, ପରମେଶ୍ୱର, ହଜିଯାଇଥିବା ମଣ୍ଡଳୀ, ହଜିଯାଇଥିବା ଜଗତ, ହଜିଯାଇଥିବା ସୃଷ୍ଟିକୁ ମୁକ୍ତ କରିବା ପାଇଁ; ପରମେଶ୍ୱର, ଯିଏକି ଆତ୍ମାରେ ଅସୀମ, ହଜିଯାଇଥିବା ମାନବ ଜାତିକୁ ମୁକ୍ତ କରିବା ପାଇଁ, ପରମେଶ୍ୱର ନିଜେ ନିକଟ ସମ୍ପର୍କୀୟ, ଜଣେ ମଣିଷ, ଏକ ପୁତ୍ର ହୋଇଗଲେ ଯାହା ସେ ମରିୟମଙ୍କ ଗର୍ଭରେ ସୃଷ୍ଟି କରିଥିଲେ । ଏବଂ ତାହାପରେ ଯିରୁଶାଲମର ଫାଟକ ବାହାରେ, ସେ ଏକ ସଙ୍କେତ, ବା

ଏକ ସାକ୍ଷ୍ୟ ଦେଲେ; ସେ ଆକାଶ ଓ ପୃଥିବୀ ମଧ୍ୟରେ ଉପରକୁ ଉଠାଯାଇ, ମୃତ୍ୟୁବରଣ କଲେ, ଏବଂ ସବୁକିଛିକୁ ମୁକ୍ତ କଲେ । ଏବଂ ରକ୍ତ ପାତିତ କରିବାରେ, ସେ ଏକ ମଣ୍ଡଳୀକୁ ପବିତ୍ରୀକୃତ କଲେ ଯେପରିକି ସେ ନିଜେ ସେଥିରେ ବାସ କରିପାରନ୍ତି, ଏବଂ ସହଭାଗିତା କରିପାରନ୍ତି ଓ କଥାବାର୍ତ୍ତା କରିପାରନ୍ତି, ଏଦନ ବଗିଚାରୁ ହରାଇଥିବା ସେହି ସହଭାଗିତାର ସ୍ଥାନକୁ ଯେଉଁଠାରେକି ପରମେଶ୍ୱର ପ୍ରତିଦିନ ସନ୍ଧ୍ୟାରେ, ଗୀର୍ଜା ସମୟକୁ ଓହ୍ଲାଉଥିଲେ ।

କଅଣ ଆପଣମନେ ଧ୍ୟାନ ଦେଲେ? ପରମେଶ୍ୱର ଦିନର ସନ୍ଧ୍ୟା ସମୟରେ, ସୂର୍ଯ୍ୟାସ୍ତ ବେଳେ ଓହ୍ଲାଇ ଆସୁଥିଲେ । ଯେତେବେଳେ ରାତି ପାହିବା ଆରମ୍ଭ ହୁଏ ତାହା ବିଷୟରେ କିଛି ଗୋଟାଏ ଥାଏ, ଲୋକମାନେ ମଣ୍ଡଳୀ ଏବଂ ପରମେଶ୍ୱରଙ୍କ ବିଷୟରେ ଚିନ୍ତା କରିଥାନ୍ତି; ଖ୍ରୀଷ୍ଟିଆନମାନେ । ଆପଣ ସୂର୍ଯ୍ୟକୁ ଅସ୍ତ ହେଉଥିବାର ଦେଖନ୍ତି, ଆପଣ ଅନୁଭବ କରନ୍ତି ଯେ ଆପଣଙ୍କର ସୂର୍ଯ୍ୟ ଅସ୍ତ ହେଉଅଛି ।

30 ଏବଂ ସନ୍ଧ୍ୟାର ଶୀତରେ ସେ ଓହ୍ଲାଇ ଆସି ସେମାନଙ୍କ ସହିତ କଥୋପକଥନ କରିଥିଲେ । ଏବଂ ସେଠାରେ ସେ ସେହି ସହଭାଗିତାକୁ ହରାଇଥିଲେ, କାରଣ ପାପ ତାହାଙ୍କୁ ତାହା କରିବାକୁ ଦେଇ ନ ଥିଲା ।

ଆଉ ତାହାପରେ ସେ ମନୁଷ୍ୟ ହୋଇ ଆମ ମଧ୍ୟରେ ବାସ କଲେ, ଯେପରିକି ସେ ପୁନର୍ବାର ମନୁଷ୍ୟ ନିକଟକୁ ଫେରି ଆସିପାରନ୍ତି, ଓ ମନୁଷ୍ୟରେ ରହିପାରନ୍ତି, ଏବଂ ଜଣେ ମନୁଷ୍ୟକୁ ପୁନର୍ବାର ତାହାଙ୍କ ସହିତରେ ଏକ ସମ୍ପର୍କର ସ୍ଥିତିକୁ ପୁନଃସ୍ଥାପିତ କରିପାରନ୍ତି, ଓ ତାଙ୍କୁ ତାଙ୍କର ପରମେଶ୍ୱର-ଦତ୍ତ ଅଧିକାର ଫେରାଇ ଦେଇପାରନ୍ତି । ତାହାହିଁ ଥିଲା ଯାହାକି ସେ କରିଥିଲେ ।

31 ତାହାହିଁ ହେଉଛି ପବିତ୍ରଆତ୍ମାଙ୍କର ଉଦ୍ଦେଶ୍ୟ । ଏହା ପୁଣିଥରେ, ସେହି ପିତା ଅଟନ୍ତି, ପିତା ପରମେଶ୍ୱର ତାହାଙ୍କର ମୁକ୍ତିର ଯୋଜନାକୁ ସମ୍ପାଦନ କରିବା ପାଇଁ, ଆପଣଙ୍କଠାରେ ବାସ କରୁଥାଇ, ନିଜର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରୁଥାନ୍ତି; ଆପଣଙ୍କ ଦେଇ କାମ କରୁଥାନ୍ତି, ଆପଣଙ୍କୁ ତାଙ୍କର ସହ ଜଣେ ସହ-କର୍ମୀ କରୁଥାନ୍ତି; ଆପଣଙ୍କୁ ଏକ ସ୍ଥାନ ଦେଉଥାନ୍ତି, ଆପଣଙ୍କର ପତିତ, ହଜିଯାଇଥିବା ଭାଇ ଓ ଭଉଣୀ ନିମନ୍ତେ ଏକ ଅଂଶ ଦେଉଥାନ୍ତି; ଆପଣଙ୍କୁ ନିଜର ଆତ୍ମା ଏବଂ ପ୍ରେମ ପ୍ରଦାନ କରନ୍ତି, ଯେ ହଜିଯାଇଥିବା ଲୋକଙ୍କୁ ଯାଇଁ ଖୋଜି ଆଣିବେ, ଯେପରିକି ସେ ଏଦନ ବଗିଚାରେ କରିଥିଲେ । "ଆଦମ, ଆଦମ, ତୁମେ କେଉଁଠାରେ?" ତାହାହିଁ ଅଟେ ଯାହାକି ପବିତ୍ରଆତ୍ମା ଜଣେ ପୁରୁଷ କିମ୍ବା ଜଣେ ସ୍ତ୍ରୀ ପ୍ରତି କରିଥାନ୍ତି । ଯେତେବେଳେ ଏହା ସେମାନଙ୍କ ହୃଦୟରେ ଆଘାତ କରିଥାଏ ଏବଂ ନିଜର ବାସସ୍ଥାନ କରିଥାଏ, ସେତେବେଳେ ସେଠାରେ ହଜିଯାଇଥିବା ପ୍ରାଣଗୁଡିକ ନିମନ୍ତେ ଏକ ତୃଷା ଓ ଏକ କ୍ଷୁଧା ରହିଥାଏ ।

ଆଜିର ସଭାଗୁଡ଼ିକ ସହିତରେ ତାହା ହିଁ ତ ମାମଲା ଅଟେ । ଏଥିରେ ସେତିକି ଯଥେଷ୍ଟ ଆତ୍ମା-ସ୍ପର୍ଶ ନାହିଁ, ଯେ ହଜିଯାଉଥିବା ଏବଂ ମୃତ୍ୟୁବରଣ କରୁଥିବା ପ୍ରାଣଗୁଡିକ ପଛରେ

ଖୋଜିବାକୁ ଯାଉ । ତାହା ତ ଏକ ପ୍ରାଣ-ଜିତିବା କାର୍ଯ୍ୟକ୍ରମ ପରିବର୍ତ୍ତେ, ଅଧିକନ୍ତୁ ଏକ ନାମ, କିମ୍ବା ଏକ ମଣ୍ଡଳୀ, କିମ୍ବା ଏକ ଭବନ, କିମ୍ବା ଏକ ନାମଧାରୀ ସଂସ୍ଥା କରିବା ଅଟେ । କେତେ ଦୁଃଖଦ! ଆମେ ଏହା ଉପରେ ଅଧିକ ରହିପାରିବା ।

ପରମେଶ୍ୱର ଆପଣାକୁ ଖ୍ରୀଷ୍ଟଙ୍କଠାରେ ଢାଳି ଦେଇଥିଲେ । ସଠିକ୍ ।

32 ଖ୍ରୀଷ୍ଟ ଆପଣାକୁ ମଣ୍ଡଳୀ ମଧ୍ୟରେ ଢାଳି ଦେଇଥିଲେ । ତେଣୁକରି, ବର୍ତ୍ତମାନ ଦେଖନ୍ତୁ, "ସେହି ଦିନ ତୁମେ ଜାଣିବ ଯେ ମୁଁ ପିତାଙ୍କଠାରେ ଅଛି, ଏବଂ ତୁମେ ମୋ ଠାରେ ଅଛ, ଏବଂ ମୁଁ ତୁମଠାରେ ଅଛି । ସେହି ଦିନ ତୁମେ ତାହା ଜାଣିବ ।" କାରଣ, ଏହା ହେଉଛି, ସମଗ୍ର ବିଷୟଟି ହେଲା ଯେ ମୁକ୍ତିର ଏକ ଯୋଜନା ତଳକୁ ଆସିଲା, ଯେ ପରମେଶ୍ୱର ବାସ କରିବାକୁ, ନିଜର ଲୋକମାନଙ୍କ ସହିତରେ ରହିବାକୁ, ଓ କଥୋପକଥନ କରିବାକୁ ଫେରି ଆସୁଛନ୍ତି, ଯେପରିକି ସେ ଆରମ୍ଭରେ କରିଥିଲେ ।

ତେବେ, ତାହାପରେ, ଯେତେ ଶୀଘ୍ର ସେ ନିଜର ମଣ୍ଡଳୀକୁ କଥା କହିବା ଅବସ୍ଥାକୁ ଆଣି ପକାନ୍ତି, ନିଜର ମଣ୍ଡଳୀକୁ ଏପରି ଏକ ସ୍ଥାନକୁ ପହଞ୍ଚାଇ ଦିଅନ୍ତି ଯେଉଁଠାରେକି ତାହା ଦେଇ ସେ ନିଜକୁ ପ୍ରବାହିତ କରିପାରନ୍ତି, ଏବଂ ପ୍ରେମ କରିପାରନ୍ତି, ଓ ପ୍ରବର୍ତ୍ତାଇ ପାରନ୍ତି, ଏବଂ ସହଭାଗୀତା କରିପାରନ୍ତି, ତେବେ ଯାଇ ସେଠାରେ ଏକ ଏଦନ ଆସିବ । ସେ ତାହାଙ୍କର ମଣ୍ଡଳୀକୁ ସେହି ସ୍ଥାନକୁ ଫେରାଇ ନେବେ ଯେଉଁଠାରେ ଏହା—ଏହା ତାହାଙ୍କୁ ଛାଡି ଦେଇଥିଲା, ପୁନର୍ବାର ଏକ ଏଦନ ମଧ୍ୟକୁ ଫେରାଇ ନେବେ, ସେହି ସ୍ଥାନକୁ ଯେଉଁଠାରେକି ତାହା ପତିତ ହୋଇଥିଲା । ଏହା, ବର୍ତ୍ତମାନ...ସେହିଠାରେ ହିଁ ଅଟେ ଯେଉଁଠାରେକି ଏହା ତାହାର ପ୍ରଥମ ଆରମ୍ଭ, କିମ୍ବା ପତନ ହୋଇଥିଲା । ସେହିଠାରେ ହିଁ ଅଟେ ଯେଉଁଠାକୁକି, ମୁକ୍ତିର ପ୍ରତ୍ୟେକ ପରିଷ୍କାର ଫଳକ ସହିତ ଏହାକୁ ଠିକ୍ ଫେରାଇ ନିଆଯିବ, ପୁନର୍ବାର ସେମାନଙ୍କୁ ଠିକ୍ ସେହି ସ୍ଥାନ ନିକଟକୁ ଫେରାଇ ଆଣିବ ।

33 ମଣ୍ଡଳୀ କିଛି ସମୟ ହେଲା ଜଗତରେ ରହି ଆସିଛି । ଏବଂ ମଣ୍ଡଳୀ, ପ୍ରକୃତରେ, ସଂସ୍କାର କାଳ ପରେ, ପନ୍ଦର ଶହ ବର୍ଷର ଅନ୍ଧକାର ଯୁଗ ପରେ...ପ୍ରେରିତମାନଙ୍କ ସମୂହ ପରେ ଲୁଥର୍ ହିଁ ପ୍ରଥମ ସଂସ୍କାରକ ଆସିଥିଲେ । ଏବଂ ତାହାପରେ ଯେତେବେଳେ ଲୁଥର୍ ବାହାରି ଆସିଲେ, ପରମେଶ୍ୱର ଆତ୍ମାର ଟିକିଏ ଅଂଶକୁ ନେଲେ ଏବଂ ଧାର୍ମିକ ଗଣିତ ହେବାରେ, ଏହାକୁ ମଣ୍ଡଳୀ ଉପରେ ଢାଳି ଦେଲେ । ଏବଂ ତାହାପରେ ୱେସଲିଙ୍କ ସମୟରେ, ସେ ନିଜର ଆଉ ଟିକିଏ ଅଂଶକୁ, ପବିତ୍ରୀକରଣ ହେବାରେ ଢାଳି ଦେଲେ । ଏବଂ ଯୁଗ ଯେପରି ବଢି ଚାଲିଛି, ଶେଷ ସମୟ ଆଡକୁ, ପରମେଶ୍ୱର ତାହାଙ୍କର ମଣ୍ଡଳୀକୁ ପୂରଣ କରୁଅଛନ୍ତି । କେବଳ ଚାରିଆଡେ ଅନାନ୍ତୁ ଓ ଦେଖନ୍ତୁ ଯେ ତାହା ସତ୍ୟ, କି ନୁହେଁ ।

34 ଲୁଥରାନ୍ ଯୁଗକୁ ଦେଖନ୍ତୁ, ଆପଣ ଯେଉଁମାନେକି ଇତିହାସ ପାଠ କରିଛନ୍ତି, ସେମାନଙ୍କର ଉଦ୍ଦୀପନାକୁ ଦେଖନ୍ତୁ ଏବଂ ଦେଖନ୍ତୁ ଯେ ସେମାନେ କଅଣ କରିଥିଲେ । ଦେଖନ୍ତୁ ଯେ ୱେସଲିୟ ଉଦ୍ଦୀପନା କେତେ ଅଧିକ ବଡ ଥିଲା, ସେମାନଙ୍କର ପାଖରେ

କେତେ ଅଧିକ ଶକ୍ତି ଥିଲା, ମାତ୍ର ସଂଖ୍ୟାଲଘୁମାନଙ୍କ ମଧ୍ୟରେ । ପେଣ୍ଟିକଷ୍ଟ ଦିନଗୁଡିକରେ ଦେଖନ୍ତୁ, ସେତେବେଳେ ସେମାନଙ୍କ ପାଖରେ କି ଏକ ଉଦ୍ଦୀପନା ଥିଲା, କି ଏକ ମହାନ, ପ୍ରଶସ୍ତ ଲହର ଥିଲା ।

35 ଅବଶ୍ୟ, କ୍ୟାଥୋଲିକ୍ ଖବରକାଗଜ, *ଆୱର ସଣ୍ଡେ ଭିଜିଟର,* ଏହା ସ୍ୱୀକାରୋକ୍ତି ଦିଏ ଯେ ପେଣ୍ଟିକଷ୍ଟାଲ୍‌ମାନେ ଗୋଟିଏ ବର୍ଷରେ ପନ୍ଦର ଲକ୍ଷ ପରିବର୍ତ୍ତନ ଉତ୍ପନ୍ନ କରିଥିଲେ, ଅବଶିଷ୍ଟ ସମସ୍ତ ମଣ୍ଡଳୀଗୁଡ଼ିକୁ ଏକତ୍ର ମିଶାଇଲେ ମଧ୍ୟ ପଛରେ ପକାଇ ଦେଇଥିଲେ । କ୍ୟାଥୋଲିକ୍ ଦାବି କଲେ, ଯେ ସେମାନେ କେବଳ ଦଶ ଲକ୍ଷ, ପରିବର୍ତ୍ତନ କରିଥିଲେ । ସେମାନଙ୍କର ନିଜର *ସଣ୍ଡେ ଭିଜିଟର,* ସେହି *ସଣ୍ଡେ ଭିଜିଟର* ନାମକ ଖବରକାଗଜରେ, ବିବୃତ୍ତି ଦେଲେ ଯେ ପେଣ୍ଟିକଷ୍ଟାଲମାନେ ସେମାନଙ୍କୁ ପଛରେ ପକାଇ ଦେଇଛନ୍ତି ।

ଏବଂ, ମନେରଖନ୍ତୁ, ପେଣ୍ଟିକଷ୍ଟାଲ୍ ପରିବର୍ତ୍ତନଗୁଡ଼ିକ ପବିତ୍ର-ଆତ୍ମା-ପରିପୂର୍ଣ୍ଣ ରୂପାନ୍ତର ଅଟେ । ସଂଖ୍ୟାଲଘୁରେ, ଆରମ୍ଭ କରିବାରେ, ସେଠାରେ ସେହି ବାରଣ୍ଡାରେ ପାର୍ଶ୍ୱରେ, ଏକ—ଏକ ପୁରୁଣା ଗିଟାର ବାଦ୍ୟ ସହ । ଏବଂ ଏପରିକି ମହିଳାମାନେ ଏକ ଯୋଡି ଷ୍ଟକିଙ୍ଗ୍ସ ସୁଦ୍ଧା ପିନ୍ଧିବାର ସାହସ କରିପାରୁ ନ ଥିଲେ । ରେଲୱେ ଟ୍ରାକରେ ପଡ଼ି ରହୁଥିଲେ, ଏବଂ ଶସ୍ୟ ଉଠାଉଥିଲେ ଓ ଏହାକୁ ଗୁଣ୍ଡ କରୁଥିଲେ, ଆଉ ନିଜର ପିଲାମାନଙ୍କ ପାଇଁ ରୁଟି ତିଆରି କରୁଥିଲେ । ମାତ୍ର ଏହା କେଉଁ ଅବସ୍ଥାକୁ ଆସିଅଛି? ଆଜି ଜଗତରେ ରହିଥିବା ସବୁଠାରୁ ଶକ୍ତିଶାଳୀ-ମଣ୍ଡଳୀ, ଜଗତର ଦୃଷ୍ଟିରେ ନୁହେଁ, ମାତ୍ର ପରମେଶ୍ୱରଙ୍କ ଦୃଷ୍ଟିରେ, ଯେହେତୁ ସେ ଏହାକୁ ତାହା ଦ୍ୱାରା ପ୍ରମାଣ କରନ୍ତି ଯାହା ସେ ସେମାନଙ୍କ ପାଇଁ କରୁଅଛନ୍ତି । ସେ ନିଜକୁ ସେମାନଙ୍କ ମଧ୍ୟରେ ଢାଳୁଛନ୍ତି, ତାହା ଭିତରେ ଢାଳୁଛନ୍ତି ।

36 ତେବେ ଧ୍ୟାନ ଦିଅନ୍ତୁ ଯେ କଅଣ ଘଟିଥାଏ, ପରମେଶ୍ୱର ଆପଣାକୁ ସେମାନଙ୍କ ଭିତରେ ଢାଳିଥାନ୍ତି । ତେବେ ମଣ୍ଡଳୀ ଲୁଥର, ୱେସଲିଠାରୁ, ଏପରି ଏକ ସ୍ଥାନକୁ ଆସିଅଛି, ଏବଂ ଉଦ୍ଦୀପନା ପେଣ୍ଟିକଷ୍ଟ ପର୍ଯ୍ୟନ୍ତ ଗତି କରିଅଛି; ଓ ବର୍ତ୍ତମାନ ଏହି ଯୁଗକୁ ଯେଉଁଠାକୁକି ଆମେ ବର୍ତ୍ତମାନ ଆସୁଅଛୁ, ସେହି ସମାନ ପବିତ୍ରଆତ୍ମାଙ୍କ ଦ୍ୱାରା, ଏହା କେବଳ ତାର ଆହୁରି ଅଧିକ ଅଂଶରେ । ତେବେ, ଯେତେବେଳେ ସେଠାରେ ପଛ ସମୟରେ ଲୁଥରାନ୍‌ମାନେ ଉଦ୍ଧାର ପାଇଥିଲେ, ସେମାନେ ପବିତ୍ରଆତ୍ମାଙ୍କର ଏକ ଅଂଶ ପାଇଥିଲେ । ଯେତେବେଳେ ମେଥୋଡିଷ୍ଟମାନେ ପବିତ୍ରୀକୃତ ହୋଇଥିଲେ, ତାହା ପବିତ୍ରଆତ୍ମାଙ୍କର କାର୍ଯ୍ୟ ଥିଲା । ଦେଖନ୍ତୁ, ଏହା ପବିତ୍ରଆତ୍ମାଙ୍କର ଏକ ଅଂଶ ଥିଲା । "ସେମାନେ ଆମ ବିନା ସିଦ୍ଧ କରାଯାଇପାରନ୍ତି ନାହିଁ," ଶାସ୍ତ୍ର କୁହେ । ବୁଝିଲେ?

37 ତେବେ, ପରମେଶ୍ୱର, ଯେତେବେଳେ ଶେଷ ଦିନରେ ଆଲୋକ ଉଜ୍ଜ୍ୱଳ ହେବାକୁ ଲାଗୁଅଛି, ସେ ଆମଠାରୁ ଆଶା କରୁଛନ୍ତି, ଆମଠାରୁ ଏକ ବଡ଼ କଥା ଆଶା କରୁଛନ୍ତି । କାରଣ, "ଯେଉଁଠାରେ ବହୁତ କିଛି ଦିଆଯାଏ, ସେଠାରେ ବହୁତ କିଛି ଆବଶ୍ୟକ କରାଯାଏ ।" ତେଣୁ ସେ ଲୁଥରାନ୍ କିମ୍ବା ମେଥୋଡିଷ୍ଟମାନଙ୍କ ଅପେକ୍ଷା ଆମଠାରୁ ଅଧିକ ଆବଶ୍ୟକ କରିବାକୁ

ଯାଉଛନ୍ତି, କାରଣ ଆମେମାନେ ଏକ ବୃହତ୍ ଆଲୋକରେ, ଏକ ବୃହତ୍ ଶକ୍ତି ସହିତ, ଏକ ବୃହତ୍ ସହିତ…ଏକ—ଏକ ବୃହତ ସାକ୍ଷୀ ସହିତ ଗମନାଗମନ କରୁ ଯାହାକି ସେମାନଙ୍କର ରହିଥିଲା । ବର୍ତ୍ତମାନ, ଆମ ପାଖରେ ପୁନରୁତ୍ଥାନର ଏକ ଅଧିକ ବଡ଼ ସାକ୍ଷୀ ରହିଛି । ଆମ ପାଖରେ ଅଧିକ ଦୃଢ଼ିକୃତ ବିଷୟସବୁ, ସେମାନଙ୍କ ଅପେକ୍ଷା ଅଧିକ ସୁନିଶ୍ଚିତ ବିଷୟମାନ ରହିଛି ।

38 ମାତ୍ର ଏହା ଠିକ୍ ସେହିପରି ଅଟେ ଯେପରିକି ଅଳ୍ପ ଦିନ ପୂର୍ବରୁ, ମୁଁ ଏକ ଲୁଥରାନ୍ ବିଦ୍ୟାଳୟକୁ କହିଥିଲି ।

ସେମାନେ କହିଲେ, "ଆମେ ପାଖରେ କଅଣ ଅଛି?"

ମୁଁ କହିଲି, "ଜଣେ ବ୍ୟକ୍ତି ଏକ ଶସ୍ୟ କ୍ଷେତ୍ର ରୋପଣ କଲେ । ପ୍ରଥମେ ସେହି ଛୋଟ ପତ୍ର ଆସିଲା, ଏବଂ ସେ କହିଲେ, 'ଏକ—ଏକ ଶସ୍ୟ ଫସଲ ପାଇଁ ପ୍ରଭୁଙ୍କର ଧନ୍ୟବାଦ ହେଉ!' ସମ୍ଭବତଃ, ତାହା ତାଙ୍କ ପାଖରେ ରହିଥିଲା, ମାତ୍ର ତାଙ୍କ ପାଖରେ ତାହା କେବଳ ପ୍ରାରମ୍ଭିକ ରୂପରେ ଥିଲା । ଧୀରେ ଧୀରେ କରି, ତାହା ଏକ ଡେଙ୍ଗରେ ପରିଣତ ହେଲା ।"

ଏବଂ ତାହାପରେ ସେଥିରୁ ଏକ ଝୁମ୍ପା ବାହାରିଲା, ଯାହାକି ମେଥୋଡିଷ୍ଟ ଥିଲା ।

39 ଯଦି ଆପଣମାନେ ପ୍ରକୃତିକୁ ଲକ୍ଷ୍ୟ କରିବେ, ଆପଣ ପରମେଶ୍ୱରଙ୍କୁ କାମ କରୁଥିବାର ଦେଖିବେ । ସେଠାରେ ଏକ ଗୁପ୍ତ ମିଥ୍ୟାଟିଏ ମଧ୍ୟ ଅଛି ଯାହାକି ମୋର ସେବାକାର୍ଯ୍ୟ ସହିତ ଯାଇଥାଏ । ବୁଝିଲେ? ସେହି, ପ୍ରକୃତିକୁ ଲକ୍ଷ୍ୟ କରିବା, ଦେଖନ୍ତୁ ଏହା କିପରି କରିଥାଏ, କେଉଁ ଯୁଗ ଏବଂ କେଉଁ ସମୟ, ଆପଣ କେଉଁଠାରେ ରହୁଛନ୍ତି ଆପଣ ତାହା ଦେଖିପାରିବେ । ସେହି ଯୁଗକୁ ଲକ୍ଷ୍ୟ କରନ୍ତୁ ।

40 ତେବେ, ତାହାପରେ, ସେହି ମେଥୋଡିଷ୍ଟମାନେ, ସେମାନେ ଝୁମ୍ପା ଥିଲେ । ସେମାନେ ପଛକୁ ଲୁଥରାନମାନଙ୍କୁ ଚାହିଁଲେ, କହିଲେ, "ଆମ ପାଖରେ ପବିତ୍ରୀକରଣ ଅଛି; ତୁମ ପାଖରେ ଏଥିର କିଛି ହେଲେ ନାହିଁ ।"

କାଳ କ୍ରମେ, ସେହି ପରାଗ ରେଣୁରୁ, ମେଥୋଡିଷ୍ଟମାନଙ୍କଠାରୁ, ଏକ ଶସ୍ୟ ଉତ୍ପନ୍ନ ହୁଏ…ଶସ୍ୟର ଏକ ଗୁଚ୍ଛ । ତାହା ଥିଲା ପେଣ୍ଟିକୋଷ୍ଟ ।

ସେଠାରେ ଆପଣ ଅଛନ୍ତି, ଧାର୍ମିକ ଗଣିତ ହେବା, ତାହାର ଗୋଟିଏ ପର୍ଯ୍ୟାୟ । ପବିତ୍ରୀକରଣ ହେବା, ତାହାର ଅନ୍ୟ ଏକ ପର୍ଯ୍ୟାୟ । ପବିତ୍ରଆତ୍ମା, ତାହାର ଅନ୍ୟ ଏକ ପର୍ଯ୍ୟାୟ; ପେଣ୍ଟିକଷ୍ଟ । ଲୁଥର୍, ୱେସଲି, ପେଣ୍ଟିକଷ୍ଟ ।

41 ତେବେ ପେଣ୍ଟିକଷ୍ଟ କଅଣ କରେ? ମୁଁ ଏହାକୁ ପସନ୍ଦ କରେ, କାରଣ, ପେଣ୍ଟିକଷ୍ଟରେ, ଏହା ଫେରାଇ ଆଣିଥିଲା, ଏକ ସବୁଜ ପତ୍ର ନୁହେଁ, ଏକ ଝୁମ୍ପା ନୁହେଁ, ମାତ୍ର…

ସେହି ଶସ୍ୟ ଦାନା ଝୁମ୍ପାକୁ କହିପାରେ ନାହିଁ, "ମୋତେ ତୁମର କୌଣସି ଦରକାର ନାହିଁ ।" କିମ୍ବା, ସେହି ଝୁମ୍ପା ପତ୍ର—ପତ୍ରକୁ କହିପାରେ ନାହିଁ, "ମୋତେ ତୁମର କୌଣସି

ଦରକାର ନାହିଁ," କାରଣ ପତ୍ରରେ ଥିବା ସେହି ସମାନ ଜୀବନ ହିଁ ଝୁମ୍ପାକୁ ତିଆରି କରିଥିଲା। ଝୁମ୍ପାରେ ରହିଥିବା ସେହି ସମାନ ଜୀବନ ହିଁ ଶସ୍ୟ ଗୁଚ୍ଛକୁ ତିଆରି କରିଥିଲା।

ଏବଂ ଏହା ଏକ ଲୁଥରାନ୍ ମଣ୍ଡଳୀ ଥିଲା ଯାହାକି ୱେସଲି ମଣ୍ଡଳୀକୁ ନିର୍ମାଣ କରିଥିଲା। ଏହା ୱେସଲି ମଣ୍ଡଳୀ ଥିଲା ଯାହାକି ପେଣ୍ଟିକଷ୍ଟକୁ ନିର୍ମାଣ କରିଥିଲା।

ମାତ୍ର, ପେଣ୍ଟିକୋଷ୍ଟ, ଏହା କଅଣ ଅଟେ? ଏହା ସେହି ସମାନ ପ୍ରକାରର ଶସ୍ୟର ପୁନଃସ୍ଥାପନ ଅଟେ ଯାହାକି ଆରମ୍ଭରେ ଭୂମି ଭିତରକୁ ଯାଇଥିଲା, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା, ଦେଖନ୍ତୁ, ଏହି ଶେଷ ଦିନରେ, ପେଣ୍ଟିକଷ୍ଟର ଶକ୍ତିର ସମସ୍ତ ପରିପୂର୍ଣ୍ଣତା ଫେରାଇ ଆଣିଥାଏ। ଓଃ, ଏହାକୁ ଦେଖିବା, ବିଶ୍ୱାସ କରିବା, ଏବଂ ଲକ୍ଷ୍ୟ କରିବା ଏକ ବହୁତ ବଡ଼ କଥା ଅଟେ।

42 ତେବେ ଏହି ଯୁଗରେ ଯେଉଁଥିରେକି ଆମେମାନେ ବର୍ତ୍ତମାନ ବାସ କରୁଅଛୁ, ଏହି ଯୁଗ, ଏହା ପେଣ୍ଟିକଷ୍ଟରୁ ଉର୍ଦ୍ଧ୍ୱରେ ଅଟେ।

ପେଣ୍ଟିକଷ୍ଟ ନିଜକୁ ସଂଗଠନରେ ସଂସ୍ଥାଗତ କରିସାରିଛି, ଏବଂ ସଂଗଠନ ବିଷୟରେ ସମ୍ପୂର୍ଣ୍ଣ ଜାଲ୍ କରିବା ଆରମ୍ଭ କରିଦେଇଛି, "ଆମେ *ଏହା* ଏବଂ ଆମେ *ତାହା।*" ତାହା କେବଳ ପ୍ରକୃତି ଅଟେ। ଆପଣ ତାହା ସହିତ ଆଉ କିଛି କରିପାରନ୍ତି ନାହିଁ। ଏହା ପ୍ରକୃତି ଅଟେ। ସେମାନେ ତାହା କରିବେ। ତାହା କରିବା ପାଇଁ, ଏହା ହେଉଛି ସେମାନଙ୍କର ଯୋଜନା।

କିନ୍ତୁ ମଣ୍ଡଳୀ ଆଗକୁ ବଢିଯାଇଛି। ଏହା ଆହୁରି ଅଧିକ, ଅଧିକ ଶକ୍ତିଶାଳୀ ବିଷୟକୁ ଗତି କରିଛି। ଏହା ଦାନ ବରଦାନଗୁଡିକର ପୁନଃସ୍ଥାପନ ଅଟେ।

ଏବଂ ଅନେକ ପେଣ୍ଟିକଷ୍ଟାଲ୍ ଲୋକମାନେ ଈଶ୍ୱରୀୟ ଆରୋଗ୍ୟତା, ଦୂତମାନଙ୍କର ସେବାକାର୍ଯ୍ୟ, ଏବଂ ପରମେଶ୍ୱରଙ୍କ ଶକ୍ତି ଉପରେ ବିଶ୍ୱାସ କରନ୍ତି ନାହିଁ। ଅନେକ ପେଣ୍ଟିକଷ୍ଟାଲମାନେ ଏହି ଦର୍ଶନଗୁଡିକୁ ଯାହା ମୁଁ ଦେଖେ ତାହାକୁ, "ଶୟତାନ" ବୋଲି କୁହନ୍ତି। ପେଣ୍ଟିକଷ୍ଟରେ, ଅନେକ ସଂସ୍ଥାମାନେ ଏହା ସହିତ କୌଣସି ସମ୍ପର୍କ ସୁଦ୍ଧା ରଖନ୍ତି ନାହିଁ। ଦେଖନ୍ତୁ, ଆମେ ଏହା ସବୁଠାରୁ ଆଗକୁ ବଢି ଯାଇଛୁ। ଠିକ୍ ଯେପରିକି ମେଥୋଡିଷ୍ଟମାନେ ପେଣ୍ଟିକଷ୍ଟାଲକୁ ପରଭାଷାରେ କଥା କହିବା ଯୋଗୁଁ, "ପାଗଳ," ବୋଲି କୁହନ୍ତି। ଯେପରିକି ଲୁଥରାନ୍ ମେଥୋଡିଷ୍ଟମାନଙ୍କୁ ଉଚ୍ଚ ପାଟିରେ ଚିତ୍କାର କରିବା ଯୋଗୁଁ, "ପାଗଳ," ବୋଲି ଡାକନ୍ତି। ବୁଝିଲେ?

ମାତ୍ର ଏହା ସବୁ ପବିତ୍ରଆତ୍ମାଙ୍କ ଆଗ-ମନ ଅଟେ, ଯେପର୍ଯ୍ୟନ୍ତକି ସେହି ମହାନ ମଣ୍ଡଳୀ ପରିପୂର୍ଣ୍ଣ ନ ହୋଇଯାଏ, ଏବଂ ସର୍ବଶକ୍ତିମାନ ପରମେଶ୍ୱରଙ୍କ ମହାନ ଶକ୍ତିର, ସମ୍ପୂର୍ଣ୍ଣରୂପେ ପୂର୍ଣ୍ଣ ନ ହୋଇଯାଏ, ହାଲ୍ଲେଲୁୟା। ଏପରିକି, ଏହା ଏପରି ଏକ ସ୍ଥାନକୁ ନ ପହଞ୍ଚିଯାଏ ଯେପର୍ଯ୍ୟନ୍ତକି ସେହି କାମଗୁଡିକ ଯାହାକି ଯୀଶୁ କରିଥିଲେ ତାହା ଠିକ୍ ବର୍ତ୍ତମାନ ମଣ୍ଡଳୀରେ ନିଜକୁ ପ୍ରକାଶ ନ କରୁଥାଏ। ଆମେ ଅତି ନିକଟବର୍ତ୍ତୀ ଅଟୁ, ବନ୍ଧୁଗଣ।

43 ମୋତେ ଏଠାରେ ମାତ୍ର ଗୋଟିଏ ମିନିଟ୍ ପାଇଁ, ଅଟକିବାକୁ ଦିଅନ୍ତୁ, ଏହା ଜାଣିବା ହେତୁ ଯେ ପରମେଶ୍ୱର ପବିତ୍ରଆତ୍ମାଙ୍କୁ ମଣ୍ଡଳୀରେ କଅଣ ପାଇଁ ରଖିଛନ୍ତି, ଆପଣଙ୍କୁ ଅନ୍ୟ ଏକ ପ୍ରତିରୂପ ଦେବାକୁ ଯେପରିକି ଆପଣ ଏହା ଜାଣିଯିବେ । ପଶ୍ଚାତ ସମୟରେ ପୁରାତନ ନିୟମରେ, ଯେତେବେଳେ ଏକ—ଏକ ଶିଶୁ...

ଜଣେ ବ୍ୟକ୍ତି ନିଜ ପାଇଁ ଏକ ଘର କଲା । ସେ ନିଜର ଭାର୍ଯ୍ୟା ପାଇଲା, ତାହା ହେଉଛି ପ୍ରଥମ ବିଷୟ ।

ତାହାପରେ ସେ ଜଣେ ମହାନ ବ୍ୟକ୍ତି ହୋଇଗଲା, ଯେପରିକି ଗୋଟିଏ ସଂଗଠନ । ତାହା ଉତ୍ତମ ଥିଲା ।

ପରବର୍ତ୍ତୀ ବିଷୟ ଯାହା ଘଟିଲା, ସେହି ଘରେ ଏକ ଶିଶୁ ଜନ୍ମ ହେଲା । ସେତେବେଳେ ହଁ ଅଟେ ଯେତେବେଳେକି ସେହି ପବିତ୍ରଆତ୍ମା, ଦେଖନ୍ତୁ, ଅନ୍ୟ ଏକ ଆତ୍ମା ଆସିଲା, ଯାହାକି ଏକ ପୁତ୍ର ଥିଲା । ସେହି ପୁତ୍ର, ସେ ସମ୍ପୂର୍ଣ୍ଣ ଦାୟିତ୍ୱରେ ନ ଥିଲା, କିମ୍ବା ସେ ଏକ ଉତ୍ତରାଧିକାରୀ ମଧ୍ୟ ନ ଥିଲା ଯେପର୍ଯ୍ୟନ୍ତକି ସେ ଏକ ନିର୍ଦ୍ଦିଷ୍ଟ ବୟସକୁ ନ ଆସିଗଲା । ଏବଂ ପ୍ରଥମେ, ତାଙ୍କୁ ପ୍ରମାଣ କରାଯିବାକୁ ଥିଲା । ହଁ ।

ଏବଂ ତାହାପରେ ସେମାନଙ୍କର ପୁତ୍ରତ୍ୱର ନିୟମ ଥିଲା । ଆପଣ ସେବକମାନଙ୍କ ପାଇଁ, "ଜଣେ ପୁତ୍ରର ସ୍ଥାପନ" କରିବା ବିଷୟ, ଯାହାକି ମୁଁ ବର୍ତ୍ତମାନ କହୁଅଛି, ଦେଖନ୍ତୁ, ତାହାପରେ ଯେତେବେଳେ ସେ ଏପରି ଏକ ସ୍ଥାନକୁ ଆସିଲା ଯେଉଁଠାରେକି ତାଙ୍କୁ ଗ୍ରହଣ କରାଯାଇଥିଲା । ଯୀଶୁ ଏହାର ଏକ ସୁନ୍ଦର ଦୃଷ୍ଟାନ୍ତ, ରୂପାନ୍ତରଣ ପର୍ବତ ଉପରେ ଦେଇଥିଲେ ।

44 ଯେପରି ମୁଁ କହିଥିଲି, ପରମେଶ୍ୱର କଦାପି କିଛି କରିବା ପାଇଁ ତାହାଙ୍କର ନିୟମରୁ ବାହାରକୁ ଯିବେ ନାହିଁ ।

ଯଦି ଆପଣଙ୍କର *ଏହି* ପାହାଡ ଉପରେ ଏକ କୂଅ ଅଛି, ଯାହାକି ବାୟୁମଣ୍ଡଳରେ ସବୁଆଡେ ପାଣି ପ୍ରବାହିତ କରେ, ଏବଂ ଏହି ଅନ୍ୟ ପାହାଡ ଉପରେ *ଏଠାରେ,* ଆପଣଙ୍କର ଏକ ଫସଲ ଜଳୁଥାଏ, ଆପଣ ଏହି ପାହାଡ ଉପରେ ଛିଡ଼ା ହୋଇ ଚିତ୍କାର କରିପାରିନ୍ତି, "ହେ, ପାଣି, ଏଠାରେ ପ୍ରବାହିତ ହୁଅ ଓ ମୋର ଫସଲକୁ ପରିପୂର୍ଣ୍ଣ କର! ହେ ପାଣି, ମୋ ଫସଲ ନିକଟକୁ ଯାଅ!" ଏହା କଦାପି ତାହା କରିବ ନାହିଁ । କିନ୍ତୁ ଯଦି ଆପଣ ମାଧ୍ୟାକର୍ଷଣ ନିୟମ ଅନୁଯାୟୀ କାର୍ଯ୍ୟ କରିବେ, ଆପଣ ସେହି ଫସଲକୁ ପାଣି ଦେଇ ପାରିବେ ।

45 ଆପଣଙ୍କ ପାଖରେ ଏଠାରେ ଜଣେ ଅସୁସ୍ଥ ଲୋକ ଅଛି, କିମ୍ବା ଏଠାରେ ଜଣେ ପାପୀ ପଡ଼ି ରହିଛି, କିଅବା ଏପରି ଜଣେ ବ୍ୟକ୍ତି ଅଛି ଯିଏକି ଠିକ୍ ହେବାକୁ ଚାହେଁ, ମଦ ପିଇବା ଛାଡିପାରୁ ନାହିଁ, ଧୂମପାନ ଛାଡିପାରୁ ନାହିଁ, କାମ ବାସନା ଓ ଅନ୍ୟାନ୍ୟ ବିଷୟସବୁ ଛାଡିପାରୁ ନାହିଁ । ଯଦି ଆପଣ କେବଳ ପରମେଶ୍ୱରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରିବେ, ପବିତ୍ରଆତ୍ମାଙ୍କୁ ସେଠାରେ ଆସିବାକୁ ଦେବେ, ତାହାହେଲେ ସେ ଆଉ ନିଜର ନୁହେଁ । ସେ,

ସେ ସେହି ବିଷୟକୁ ବନ୍ଦ କରିଦେବେ, କାରଣ ପବିତ୍ରଆତ୍ମା ତାଙ୍କୁ ଅଧିକାର କରି ନିଅନ୍ତି। ମାତ୍ର ଆପଣଙ୍କୁ ତ ପରମେଶ୍ୱରଙ୍କ ବ୍ୟବସ୍ଥା, ପରମେଶ୍ୱରଙ୍କ ନିୟମାବଳୀ ଅନୁଯାୟୀ କାର୍ଯ୍ୟ କରିବାକୁ ପଡିବ।

46 ତେବେ, ପୁରାତନ ନିୟମରେ, ଯେତେବେଳେ ଏହି ଶିଶୁଟି ଜନ୍ମ ହେଲା, ସେମାନେ ଏହା ଦେଖିବା ପାଇଁ, ତାହାକୁ ଲକ୍ଷ୍ୟ କରିଥିଲେ ଯେ ଏହା କିପରି ବ୍ୟବହାର କରୁଛି, ଆଚରଣ କରୁଛି।

ତେବେ ସେହି ବାପା, ଏହି ସମୟ ପର୍ଯ୍ୟନ୍ତ ଜଣେ ମହାନ ବ୍ୟବସାୟୀ ହୋଇଥିବାରୁ, ବୋଧହୁଏ ତାଙ୍କର ଚାଳିଶ କିମ୍ଵା ପଚାଶ ବର୍ଷ ବୟସରେ, ଏହି ଶିଶୁକୁ ନିଜେ, ଶିଖାଇବା ପାଇଁ ତାଙ୍କ ପାଖରେ ସମୟ ନ ଥିଲା, ତେଣୁ ସେ...ସେହି ଦିନମାନଙ୍କରେ ସେମାନଙ୍କର ସାର୍ବଜନୀନ ବିଦ୍ୟାଳୟମାନ ନ ଥିଲା ଯେପରିକି ସେମାନଙ୍କର ବର୍ତ୍ତମାନ ଅଛି, ତେଣୁ ସେମାନେ ଯାଇ ଜଣକାକୁ ଡାକି ଆଣନ୍ତି ଯାହାକୁ ସେମାନେ କହନ୍ତି ଜଣେ "ଶିକ୍ଷକ," କିମ୍ଵା ଜଣେ "ପାଳନକର୍ତ୍ତା," ବିଦ୍ୟାଳୟ ଶିକ୍ଷକ। ଏବଂ ଏହି ବିଦ୍ୟାଳୟ ଶିକ୍ଷକ ସବୁଠୁ ସର୍ବଶ୍ରେଷ୍ଠ ଥିଲେ ଯାହାକି ସେ ପାଇ ପାରିଥିଲେ, ଯେପରିକି ସେ ସତ୍ୟବାଦୀ ହେବେ ଓ ପିତାଙ୍କୁ ଏହା ବିଷୟରେ ସତ କହିବେ।

47 ଏବଂ ତାହାପରେ ଯେତେବେଳେ ଏହି ବାଳକ ଏକ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିଲା, କହିବାକୁ ଗଲେ, ସେ ପରିପକ୍ୱ ହେଲା। ଯଦି ସେହି ବାଳକ କେବଳ ଜଣେ ବିଦ୍ରୋହୀ ଥିଲା, ଭଲ ନ ଥିଲା, ପିତାଙ୍କ ବ୍ୟବସାୟ ପାଇଁ ଚିନ୍ତା ନ କରୁଥିଲା; ସମସ୍ତ କିଛି ଯାହା ସେ ଭାବୁଥିଲା ତାହା କେବଳ ମହିଳାଙ୍କ ସହିତ ପ୍ରେମଗଳ୍ପ କରିବା ଏବଂ ବୁଲିବା, କିମ୍ଵା—କିମ୍ଵା ମଦ୍ୟପାନ କରିବା, କିମ୍ଵା ଜୁଆ ଖେଳିବା, କିମ୍ଵା ଘୋଡା ଦୌଡ଼ରେ ପଇସା ଲଗାଇବା; ସେହି ପୁଅଟି ସର୍ବଦା ଏକ ପୁଅ ହିଁ ହୋଇ ରହିବ, ମାତ୍ର ତାହାକୁ କେବେହେଲେ ସେହି ସମସ୍ତ ଉପରେ ଉତ୍ତରାଧିକାରୀର ଅବସ୍ଥାରେ ରଖାଯିବ ନାହିଁ ଯାହା ସବୁକି ତାର ପିତାର ଥିଲା।

କିନ୍ତୁ ଯଦି ସେ ଜଣେ ଭଲ ବାଳକ ଥିଲା, ଏବଂ ସେ ପିତାଙ୍କ ବ୍ୟବସାୟ ବିଷୟରେ ଚିନ୍ତା କରିଥିଲା, ଆଉ ସେ ସଠିକ୍ ସନ୍ତାନ ବୋଲି ପ୍ରମାଣ କରିଥିଲା, ତେବେ ସେମାନଙ୍କର ଏକ ସମାରୋହ ହୋଇଥିଲା। ସେମାନେ ସେହି ବାଳକଟିକୁ ରାସ୍ତାକୁ ନେଇଯାଆନ୍ତି ଓ ତାହା ଉପରେ ଏକ ଧଳା ପୋଷାକ ପିନ୍ଧାନ୍ତି, ଏବଂ ସେମାନେ ତାହାଙ୍କୁ ଏକ ଉଚ୍ଚ ଆସନରେ ବସାନ୍ତି ଯେପରିକି ସମସ୍ତ ସହର ଦେଖିପାରିବେ। ସେମାନେ ଏକ ଭୋଜି ଏବଂ ଏକ ଜୟନ୍ତୀ ଆୟୋଜନ କରନ୍ତି, ଆଉ ତାହାପରେ ପିତା ପୁତ୍ରତ୍ୱର ଗ୍ରହଣ କରାଯିବାର ସମାରୋହ କରନ୍ତି। ସେ ନିଜର ପୁଅକୁ ନିଜ ବ୍ୟବସାୟରେ ଗ୍ରହଣ କରନ୍ତି, ଏବଂ ତାହାପରେ ସେହି ପୁଅ ତାଙ୍କ ପିତାଙ୍କ ସହ ସମ-କକ୍ଷ ହୋଇଯାଏ। ଅନ୍ୟ ଶବ୍ଦରେ କହିବାକୁ ହେଲେ, ଯଦି ତାହା ଆଜି ହୋଇଥାନ୍ତା, ତେବେ ପୁଅର ନାମ ଚେକ୍ ବହିରେ ପିତାଙ୍କ ପରି ହିଁ ସେତିକି ସଠିକ୍ ହେବ।

48 ତେବେ ଦେଖନ୍ତୁ ଯେ ପରମେଶ୍ୱର କଅଣ କରିଥିଲେ । ଯେତେବେଳେ ତାଙ୍କର ପୁତ୍ର ଜନ୍ମ ହେଲା, ସେ ତାଙ୍କୁ ତିରିଶ ବର୍ଷ ପର୍ଯ୍ୟନ୍ତ ଛାଡ଼ି ଦେଲେ, ତାଙ୍କୁ ପରୀକ୍ଷା କଲେ, ତାଙ୍କୁ ଯାଞ୍ଚ କଲେ । ତାହାପରେ ସେ ତାଙ୍କୁ ତିନି ବର୍ଷର କଠିନ ପରୀକ୍ଷା ଦେଲେ । ଏବଂ ତାହାପରେ କଠିନ ପରୀକ୍ଷାର ଶେଷରେ, ଯେତେବେଳେ ସେ ଦେଖିଲେ ଯେ ତାହାଙ୍କର ପୁତ୍ର ପିତାଙ୍କ ବ୍ୟବସାୟ ବିଷୟରେ ଚିନ୍ତା କରେ; ରୂପାନ୍ତରଣ ପର୍ବତ, ଲୂକ ପୁସ୍ତକ; ସେ ପିତର, ଯାକୁବ, ଏବଂ ଯୋହନ, ତିନିଜଣ ସାକ୍ଷୀଙ୍କୁ, ନେଇ ପର୍ବତ ଉପରକୁ ଗଲେ, ଏବଂ ସେଠାରେ ପରମେଶ୍ୱର ପୁତ୍ରତ୍ତ୍ୱ ଗ୍ରହଣ କରିବାର ନିୟମକୁ ପାଳନ କଲେ । ସେ...ସେମାନେ ଉପରକୁ ଅନାଇ ଯୀଶୁଙ୍କୁ ଦେଖିଲେ, ଆଉ ତାହାଙ୍କର ବସ୍ତ୍ର ବିଜୁଳି ସଦୃଶ ଧଳା ଥିଲା । ଏବଂ ଯେତେବେଳେ ଏକ ମେଘ ତାହାଙ୍କୁ ଆଚ୍ଛାଦନ କଲା, ଆଉ ମେଘରୁ ଏକ ସ୍ୱର ଆସିଲା, ଓ କହିଲା, "ଏହା ଆମ୍ଭର ପ୍ରିୟ ପୁତ୍ର; ତୁମେ ତାହାଙ୍କର ଶୁଣ । ମୁଁ ବର୍ତ୍ତମାନ ବସିଯିବି ଏବଂ ଆଉ କିଛି କହିବି ନାହିଁ । ସେ ଯାହା କହିବ ତାହାହିଁ ହେଉଛି ବ୍ୟବସ୍ଥା ଓ ସତ୍ୟ ।"

49 ତେବେ ମଣ୍ଡଳୀ ସେହି ବିଦ୍ୟାଳୟଗୁଡ଼ିକ ଦେଇ ଗତି କରି ଆସିଛି । ସେ ବହୁ ସମୟ ପୂର୍ବରୁ, ପଶ୍ଚାତ୍ କାଳରେ ବିବାହ କରିଥିଲା, ଏବଂ ଏକ ନାମଧାରୀ ସଂସ୍ଥା, ଏକ ସଂଗଠନ ହୋଇ ସାରିଥିଲା । କିନ୍ତୁ, ଆପଣ ଧ୍ୟାନ ଦିଅନ୍ତୁ, ଜନ୍ମ ଅନ୍ୟ କିଛି ଗୋଟାଏ ଉତ୍ପନ୍ନ କରିଥିଲା । ଏବଂ ବର୍ତ୍ତମାନ ତାହା ଏପରି ଏକ ସ୍ଥାନରେ ପହଞ୍ଚି ଅଛି ଯେଉଁଠାରେକି ନୂତନ ଜନ୍ମ ସହିତ, ପେଣ୍ଟିକଷ୍ଟାଲ୍ ମଣ୍ଡଳୀ, ପରୀକ୍ଷା କରାଯାଇ ଯାଞ୍ଚ କରାଯାଇଛି, ଏବଂ ବର୍ତ୍ତମାନ ତାହା ଏପରି ଏକ ସ୍ଥାନକୁ ଆସୁଅଛି...ପରମେଶ୍ୱର ମଣ୍ଡଳୀ ସହିତ କେବଳ ଏକ ସଂଗଠନ ଭାବରେ ବ୍ୟବହାର କରନ୍ତି ନାହିଁ । ସେ ମଣ୍ଡଳୀ ସହିତ ଲୋକମାନଙ୍କର ଏକ—ଏକ ଗୋଷ୍ଠୀ ଭାବରେ ବ୍ୟବହାର କରନ୍ତି ନାହିଁ ।

ସେ ମଣ୍ଡଳୀ ସହିତ ବ୍ୟକ୍ତିଗତ ଜଣ ଜଣ ଭାବରେ, ମଣ୍ଡଳୀରେ ଥିବା ପ୍ରତ୍ୟେକ ବ୍ୟକ୍ତି ସହିତରେ ବ୍ୟବହାର କରନ୍ତି । ଏବଂ ବର୍ତ୍ତମାନ ଏହା ଏପରି ଏକ ସମୟକୁ ଆସିଅଛି...ଏବଂ ଏହା କୌଣସି ରହସ୍ୟ ନୁହେଁ; ଆମେ ସମସ୍ତେ ଏହାକୁ ଦେଖୁଅଛୁ । ଯେତେବେଳେ ଜଣେ ବ୍ୟକ୍ତି ପ୍ରମାଣ କରାଯାଆନ୍ତି, ଏବଂ ପରମେଶ୍ୱର ତାଙ୍କୁ ପ୍ରେମ କରନ୍ତି, ସେ ତାଙ୍କୁ ନିଜ ନିକଟକୁ କୌଣସି ସ୍ଥାନକୁ ନେଇଯାଆନ୍ତି । ସେଠାରେ ସେହି ସ୍ୱର୍ଗଦୂତମାନଙ୍କ ସମ୍ମୁଖରେ ସେ ତାଙ୍କ ପାଇଁ କିଛି ଗୋଟାଏ କରନ୍ତି । ସେ ତାଙ୍କୁ ସେଠାରେ ପରମେଶ୍ୱରଙ୍କ ଉପସ୍ଥିତିରେ ଉପରକୁ ଉଠାଇ ନିଅନ୍ତି, ଏବଂ ତାଙ୍କୁ ବରଦାନ ଦିଅନ୍ତି, ଓ ତାଙ୍କୁ ପୂରଣ କରନ୍ତି, ଆଉ ତାଙ୍କୁ ପୃଥକ ରଖନ୍ତି । ତାହାହିଁ ସେହି ଯୁଗ ଅଟେ ଯେଉଁଥିରେକି ଆମେମାନେ ବାସ କରୁଅଛୁ ।

50 ସେହି ସମାନ ପବିତ୍ରଆତ୍ମା ଯାହାକି ଲୁଥରାନ୍‌ମାନଙ୍କୁ ଉଦ୍ଧାର କରିଥିଲେ, ଯାହାକି ମେଥୋଡିଷ୍ଟମାନଙ୍କୁ ପବିତ୍ର କରିଥିଲେ, ଯାହାକି ପେଣ୍ଟିକଷ୍ଟାଲମାନଙ୍କୁ ବାପ୍ତିଜିତ କରିଥିଲେ, ବର୍ତ୍ତମାନ ପ୍ରଭୁ ଯୀଶୁଙ୍କ ଆଗମନକୁ କ୍ରମରେ ସ୍ଥିର କରୁଅଛନ୍ତି । ଯେତେବେଳେକି, ଏହା ଏତେ ଶକ୍ତିଶାଳୀ ହେବ, ଯେ ସେହି ଶରୀର, ଏହି ସମୂହ, ଏକ ମଣ୍ଡଳୀକୁ ଆସିବ, ଯାହାକି ସେହି

ଅବଶିଷ୍ଟମାନଙ୍କୁ କବରରୁ ଉଠାଇ ଆଣିବ । ସେଠାରେ ଏକ ପୁନରୁତ୍‌ଥାନ ହେବ । ସେଇଥି ପାଇଁ ତ ସେହି ପବିତ୍ରଆତ୍ମା ଅଟନ୍ତି । ପବିତ୍ରଆତ୍ମା କଅଣ ଅଟେ? “ଆମ ବିନା ସେମାନେ ସିଦ୍ଧ କରାଯାଇ ପାରିବେ ନାହିଁ ।” ଦିନେ, ସେମାନେ ତାହା ତଳେ ବାସ କରୁଥିଲେ । ଆମେ ଅନ୍ୟ ଦିନରେ ବାସ କରୁଅଛୁ ।

“ଯେତେବେଳେ ଶତ୍ରୁ ବନ୍ୟା ପରି ଆସେ, ମୁଁ କରିବି…ପରମେଶ୍ୱରଙ୍କ ଆତ୍ମା ତାହା ବିରୁଦ୍ଧରେ ଏକ ମାନଦଣ୍ଡ ଛିଡ଼ା କରିବେ ।” ବୁଝିଲେ? ଆମେ ତେବେ ଏପରି ଏକ ଦିନରେ ଅଛୁ…

51 ସେଠାରେ ପଶ୍ଚାତ ଦିନଗୁଡିକରେ, ସେମାନେ ଆଜି ଯେତିକି ପ୍ରଖର ଅଛନ୍ତି ତାର ଅଧା ବି ନ ଥିଲେ । ସେମାନେ ପରମାଣୁ ବୋମା କିମ୍ବା ଏକ ମୋଟର ଗାଡି ତିଆରି କରିପାରି ନ ଥିଲେ । ସେମାନଙ୍କ ପାଖରେ ବିଜ୍ଞାନ ଏବଂ ବିଭିନ୍ନ ବିଷୟଗୁଡିକ ନ ଥିଲା ଯାହାକି ଆଜି ଆମ ପାଖରେ ବର୍ତ୍ତମାନ ରହିଛି, ମାତ୍ର, ଏବଂ ରହସ୍ୟମୟୀ ଜିନିଷଗୁଡ଼ିକର ବିଷୟମାନ; ଏହା କହିବାକୁ ଚେଷ୍ଟା କରିବା ଯେ ମନୁଷ୍ୟ, କିଛି ଧୂଳି ଓ ଇତ୍ୟାଦି ଦ୍ୱାରା ଉଡିଗଲା, ଓ ଲୋକମାନଙ୍କ ମଧ୍ୟରୁ ଅବିଶ୍ୱାସୀ କରିବା ପାଇଁ, କିଛି ବିଶ୍ଳେଷଣ ନେଇ ତାହାକୁ ପ୍ରମାଣ କରିବାକୁ ଚେଷ୍ଟା କରିଥିଲା ।

ମାତ୍ର ବର୍ତ୍ତମାନ, ଯେତେବେଳେ ଆମେ ଏହା ଆବଶ୍ୟକ କରୁ, ପରମେଶ୍ୱରଙ୍କ ଆତ୍ମା ଏକ ମାନଦଣ୍ଡ ଛିଡ଼ା କରନ୍ତି । ଏହା କଅଣ ଅଟେ? ସେ ନିଜର ଆତ୍ମାକୁ ଢାଳୁଛନ୍ତି । ତାହାପରେ, ସେମାନେ ଯେଉଁମାନେକି କବରରେ, କିମ୍ବା ପରମେଶ୍ୱରଙ୍କ ବେଦୀ ତଳେ ବିଶ୍ରାମ କରୁଛନ୍ତି, ଯେପରିକି ଶାସ୍ତ୍ର ବ୍ୟକ୍ତ କରେ, ସେମାନେ କାନ୍ଦୁଛନ୍ତି, “ପ୍ରଭୁ, ଆଉ କେତେ କାଳ? କେତେ କାଳ? ଆଉ କେତେ କାଳ?” ପରମେଶ୍ୱର ମୋ ଉପରେ ଏବଂ ଆପଣଙ୍କ ଉପରେ ଅପେକ୍ଷା କରିଛନ୍ତି । ମଣ୍ଡଳୀ ମୋ ଉପରେ ଏବଂ ଆପଣଙ୍କ ଉପରେ ଅପେକ୍ଷା କରିଛି । ପୁତ୍ରତ୍ୱ ଗ୍ରହଣ କରିବାର ସମୟ, ଯେତେବେଳେ ପରମେଶ୍ୱର ଆମ ଭିତରେ ତାହାଙ୍କର ପରିପୂର୍ଣ୍ଣତା, ତାହାଙ୍କର ଶକ୍ତି, ତାହାଙ୍କର ପୁନରୁତ୍‌ଥାନ ଢାଳି ଦେଇପାରନ୍ତି, ଏପରିକି ସେହି ମଣ୍ଡଳୀ ଏବଂ ଖ୍ରୀଷ୍ଟ ଏତେ ଅଧିକ ଏକ ହୋଇଯିବେ ଯେ ଖ୍ରୀଷ୍ଟ ଆମମାନଙ୍କ ମଧ୍ୟରେ ଦୃଶ୍ୟମାନ ହୁଅନ୍ତି, ଏବଂ ମୃତମାନଙ୍କୁ ପୁନରୁତ୍‌ଥିତ କରନ୍ତି, ଆଉ ଆମେମାନେ ସ୍ୱର୍ଗାରୋହଣରେ ଚାଲିଯାଉ ।

52 ତେବେ ଆମେ କହିବାକୁ ଯାଉଛୁ, କିଛି ସମୟ ପରେ ଦେଖାଇବା, ଯେ କେବଳ ସେମାନେ ଯେଉଁମାନେକି ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି ସ୍ୱର୍ଗାରୋହଣରେ ଯାଆନ୍ତି । “ଅବଶିଷ୍ଟ ମୃତମାନେ ଏକ ହଜାର ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିବେ ନାହିଁ ।” ତାହା ଠିକ୍ ଅଟେ । କେବଳ ପବିତ୍ର-ଆତ୍ମା-ପରିପୂର୍ଣ୍ଣ ଲୋକମାନେ ହିଁ ସମସ୍ତେ ସ୍ୱର୍ଗାରୋହଣରେ ଯାଆନ୍ତି । ତେବେ, ପରମେଶ୍ୱର ପବିତ୍ରଆତ୍ମାଙ୍କୁ ଦେଲେ…

53 ମୋ ପାଖରେ ଏଠାରେ, ଯୋହନ 14:12 ରେ ଆଉ ଏକ ଶାସ୍ତ୍ରାଂଶ ଅଛି । ତାହା ଏଠାରେ ଆରାଧନାଳୟରେ ଥିବା ସମସ୍ତ ଲୋକମାନଙ୍କ ପାଇଁ ଏକ ଅତି ଚିର ପରିଚିତ ଶାସ୍ତ୍ରାଂଶ ଅଟେ ।

*ସତ୍ୟ, ସତ୍ୟ, ମୁଁ ତୁମ୍ଭକୁ କହୁଅଛି, ଯିଏ ମୋ ଠାରେ ବିଶ୍ୱାସ କରେ...*

ତେବେ, ସେହି ଶବ୍ଦ "ବିଶ୍ୱାସ" କୁ ଆପଣଙ୍କୁ ଏକ ପ୍ରକାର ପଛକୁ ବିଶ୍ରାମ କରିବା ପାଇଁ ଦିଅନ୍ତୁ ନାହିଁ। ଏକ ନାମମାତ୍ର ମଣ୍ଡଳୀରେ, କହିବେ, "ହଁ, ମୁଁ ବିଶ୍ୱାସ କରେ। ନିଶ୍ଚିତରେ, ମୁଁ ବିଶ୍ୱାସ କରେ ଯେ ଯୀଶୁ ଖ୍ରୀଷ୍ଟ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି।" ଶୟତାନ ମଧ୍ୟ ସେହି ସମାନ କଥା ବିଶ୍ୱାସ କରେ। ତାହା ଅବିକଳ ଠିକ୍ ଅଟେ। ବାଇବଲ କୁହେ ଯେ ସେ ତାହା କରେ।

ମାତ୍ର ଯୋହନରେ, ଶାସ୍ତ୍ର କୁହେ, ଯେ, "କୌଣସି ବ୍ୟକ୍ତି ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି କହିପାରିବେ ନାହିଁ, କେବଳ ପବିତ୍ରଆତ୍ମାଙ୍କ ଦ୍ୱାରା।" ଆପଣ, ପ୍ରକୃତରେ, ଶାସ୍ତ୍ର ଦ୍ୱାରା... ମୋତେ ଏଠାରେ ମାତ୍ର ଗୋଟିଏ ମିନିଟ୍ ବନ୍ଦ କରିବାକୁ ଦିଅନ୍ତୁ, ଏହା ପୂର୍ବେକି ମୁଁ ପାଠ କରିବା ଶେଷ କରେ। ଆପଣ ପବିତ୍ରଆତ୍ମା ଗ୍ରହଣ ନ କରିବା ପର୍ଯ୍ୟନ୍ତ ଆପଣ ପରିବର୍ତ୍ତିତ ନୁହଁନ୍ତି। ତାହା ଠିକ୍ ଅଟେ।

54 ଆପଣ ବିଶ୍ୱାସ "କରୁଅଛନ୍ତି।" ପବିତ୍ରଆତ୍ମା ଆପଣଙ୍କୁ କଥା କହିଅଛନ୍ତି, ଏବଂ ଆପଣ ତାହାଙ୍କୁ ସର୍ବସାଧାରଣରେ ସ୍ୱୀକାର କରିଛନ୍ତି। ଶୟତାନ ପାଖରେ ସେହି ସମାନ ବିଷୟ ଅଛି। "ମୁଁ ତାହାଙ୍କୁ ପରମେଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରେ।" ଶୟତାନ ମଧ୍ୟ ସେହିପରି କରେ। କିନ୍ତୁ ଆପଣ ତାହାଙ୍କ ଆଡକୁ ଚାଲି ଯାଉଛନ୍ତି।

ଯେତେବେଳେକି, ପିତରଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିବା ହେତୁ, ଡକାଗଲା ଓ ଧାର୍ମିକ ଗଣନା କରାଗଲା; ଏବଂ ଯୋହନ 17:17 ରେ, ଯୀଶୁ ସେମାନଙ୍କୁ ବାକ୍ୟ ଦ୍ୱାରା ପବିତ୍ରୀକୃତ କଲେ, କାରଣ ବାକ୍ୟ ସତ୍ୟ ଥିଲା। ଏବଂ ସେ ବାକ୍ୟ ଥିଲେ। 1ମ, ଯୋହନ କୁହନ୍ତି, "ଆଦ୍ୟରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତ ଥିଲା, ଏବଂ ବାକ୍ୟ ପରମେଶ୍ୱର ଥିଲା। ଏବଂ ବାକ୍ୟ ଦେହବନ୍ତ ହେଲା, ଓ ଆମମାନଙ୍କ ମଧ୍ୟରେ ବାସ କଲା।" ସେ ବାକ୍ୟ ଥିଲେ, ତେଣୁ ସେ ସେମାନଙ୍କୁ ପବିତ୍ରୀକୃତ କଲେ। ସେ କହିଲେ, "ପିତା," ତାଙ୍କଠାରେ ଥିବା ଆତ୍ମାଙ୍କ ସହିତ କଥାବାର୍ତ୍ତା କରିଥିଲେ, "ମୁଁ ସେମାନଙ୍କୁ ବାକ୍ୟ ଦ୍ୱାରା ପବିତ୍ର କରେ," ନିଜେ, ସେମାନଙ୍କ ଉପରେ ହାତ ରଖିବା ଦ୍ୱାରା। "ତୁମର ବାକ୍ୟ ସତ୍ୟ ଅଟେ।" ଜଣେ ସ୍ତ୍ରୀଲୋକର ଗର୍ଭରେ, କେବଳ କଥା କହି ତାଙ୍କୁ ଅସ୍ତିତ୍ୱରେ ଆଣିଥଲେ; ଓଃ, ପରମେଶ୍ୱରଙ୍କ ଏହି ବାକ୍ୟ ବ୍ୟତୀତ ଅନ୍ୟ କୌଣସି ଉପାୟରେ ତାହାଙ୍କୁ ପ୍ରକାଶ କରିବା ତାହାଙ୍କ ପାଇଁ ସମ୍ପୂର୍ଣ୍ଣ ଅସମ୍ଭବ ଥିଲା। "ମୁଁ ସେମାନଙ୍କୁ ପବିତ୍ର କରେ।"

55 ସେ ସେମାନଙ୍କୁ ଅଶୁଚି ଆତ୍ମା ବିରୁଦ୍ଧରେ ଶକ୍ତି ଦେଇଥିଲେ। ସେମାନେ ବାହାରକୁ ଗଲେ। ସେ ସେମାନଙ୍କର ନାମଗୁଡିକ ମେଷଶାବକଙ୍କ ଜୀବନ ପୁସ୍ତକରେ ରଖିଥିଲେ। ଏବଂ ସେ ସେମାନଙ୍କୁ ପଠାଇଥିଲେ, ଯୋହନ...ମାଥିଉ 10, ଏବଂ ସେମାନଙ୍କୁ ଅଶୁଚି ଆତ୍ମାମାନଙ୍କ ଉପରେ; ମନ୍ଦ ଆତ୍ମାଗୁଡିକୁ ବାହାର କରିବା ପାଇଁ, ଏବଂ କାର୍ଯ୍ୟଗୁଡିକ ସଧାନ କରିବା ପାଇଁ, ଓ ପ୍ରଭୃତି ସବୁ କରିବା ପାଇଁ ଶକ୍ତି ଦେଇଥିଲେ। ଏବଂ ସେମାନେ ଆନନ୍ଦରେ, ଫେରି ଆସି, କହିଲେ, "ଏପରିକି ଦୁଷ୍ଟାତ୍ମାମାନେ ସୁଦ୍ଧା ଆମର ବଶୀଭୂତ ଅଟନ୍ତି।"

ସେ କହିଲେ, "ସେଥିରେ ଆନନ୍ଦ କର ନାହିଁ ଯେ ଦୁଷ୍ଟାତ୍ମାଗୁଡ଼ିକ ତୁମର ବଶୀଭୂତ ଅଟନ୍ତି; ମାତ୍ର ଏଥି ପାଇଁ ଆନନ୍ଦ କର ଯେ ତୁମର ନାମଗୁଡିକ ପୁସ୍ତକରେ ଲେଖା ଅଛି।" ଆଉ ଯିହୂଦା ସେମାନଙ୍କ ସହିତରେ ଥିଲେ। ଦେଖନ୍ତୁ ଯେ ସେ କେତେ ନିକଟତର ଆସିପାରିବ; ଠିକ୍ ଧାର୍ମିକ ଗଣନା ଦେଇ, ପବିତ୍ରୀକରଣ ମଧ୍ୟକୁ ଆସିଯାଏ। କିନ୍ତୁ ସେ ନିଜର ଆଲୋକ କେଉଁଠାରେ ଦେଖାଇଲା? ସେ ନିଜକୁ କେଉଁଠାରେ ଦେଖାଇଲା? ପେଣ୍ଟିକଷ୍ଟ ପୂର୍ବରୁ, ସେ ନିଜର ରଙ୍ଗ ଦେଖାଇଥିଲା।

56 ଦେଖନ୍ତୁ, ସେହି ଆତ୍ମା ଯେତିକି ଧାର୍ମିକ ଏବଂ ଯେତିକି ପବିତ୍ର ହୋଇପାରିବ ସେତିକି ହେବ, ଯେପର୍ଯ୍ୟନ୍ତକି ଏହା ପବିତ୍ରଆତ୍ମାଙ୍କ ନିକଟକୁ ନ ଆସିଯାଏ, ଏବଂ ସେମାନେ ଏହାକୁ ଠିକ୍ ସେହିଠାରେ ହିଁ କାଟି ଦେବେ। ତାହାହିଁ ସେହି ଆତ୍ମା (କଅଣ ଆପଣ ଏହାକୁ ଦେଖିପାରୁ ନାହାଁନ୍ତି କି?) ଉପରକୁ ଯାଉଅଛି, ସେହି ଖ୍ରୀଷ୍ଟବିରୋଧୀ। ଆଉ ଯୀଶୁ କହିଲେ, "ସେମାନେ ଏହି ଶେଷ ଦିନରେ, ଏତେ ନିକଟବର୍ତ୍ତୀ ହେବେ, ଯେ ଯଦି ସମ୍ଭବ ହୁଏ ତାହା ମନୋନୀତ ଲୋକମାନଙ୍କୁ ସୁଦ୍ଧା ପ୍ରତାରିତ କରିବ।" ମାତ୍ର, ମନେରଖନ୍ତୁ, ଏହା କେବଳ ମନୋନୀତମାନେ ହିଁ ଅଟନ୍ତି ଯିଏକି ଏହାକୁ ଦେଖିବେ।

ପରମେଶ୍ବର ନିର୍ବାଚନ ଦ୍ଵାରା ଡାକନ୍ତି। ଆପଣ, କଅଣ ଆପଣ ଖୁସି ନୁହଁନ୍ତି ଯେ ଆପଣ ସେମାନଙ୍କ ମଧ୍ୟରୁ ଜଣେ ଅଟନ୍ତି? ଆଜି ରାତିରେ ଏଠାରେ ଥିବା ଲୋକମାନେ, କଅଣ ଆପଣ ନୁହଁନ୍ତି, ଏହା ଜାଣି ଯେ ଆପଣଙ୍କର ହୃଦୟରେ କିଛି ଗୋଟାଏ ବିଷୟ ଟାଣୁଅଛି, "ମୁଁ ସେହି ପବିତ୍ରଆତ୍ମା ଚାହେଁ। ହେ ପ୍ରଭୁ, ମୁଁ ମୋର ହୃଦୟରେ, ତୁମକୁ ଚାହେଁ"? ଏହାର କାରଣ ହେଉଛି ପରମେଶ୍ବର ଜଗତର ପତ୍ତନାବଧି ମେଷଶାବକଙ୍କ ଜୀବନ ପୁସ୍ତକରେ ଆପଣମାନଙ୍କର ନାମକୁ ରଖିଛନ୍ତି। ସେ ତାହା କହିଥିଲେ।

"କୌଣସି ଲୋକ ମୋ ପାଖକୁ ଆସିପାରନ୍ତି ନାହିଁ," ଯୀଶୁ କହିଲେ, "ଯେପର୍ଯ୍ୟନ୍ତକି ମୋ ପିତା ତାଙ୍କୁ ପ୍ରଥମେ ଆକର୍ଷିତ ନ କରନ୍ତି। ଏବଂ ଯେସମସ୍ତେ ମୋ ପାଖକୁ ଆସନ୍ତି, ମୁଁ ସେମାନଙ୍କୁ ଅନନ୍ତ ଜୀବନ ଦେବି।" ଅନନ୍ତ ଜୀବନ କଅଣ ଅଟେ? ପବିତ୍ରଆତ୍ମା। "ଅନନ୍ତ ଜୀବନ," ସେହି ଶବ୍ଦକୁ ନିଅନ୍ତୁ ଏବଂ ଗ୍ରୀକ୍ ଭାଷାରେ ଚଲାଇ ଦେଖନ୍ତୁ, ତେବେ ଏହା କୁହେ, *ଜୋଇ*। ଜୋଇ ହେଉଛି ପବିତ୍ରଆତ୍ମା। "ଯେସମସ୍ତଙ୍କୁ ପିତା ମୋତେ ଦେଇଛନ୍ତି ସେମାନେ ମୋ ନିକଟକୁ ଆସିବେ। ଏବଂ ଯେସମସ୍ତେ ମୋ ପାଖକୁ ଆସିବେ, ମୁଁ ତାଙ୍କୁ ପବିତ୍ରଆତ୍ମା ଦେବି, ଆଉ ମୁଁ ତାଙ୍କୁ ଶେଷ ଦିନରେ ଉଠାଇବି। ମୁଁ ତାହା କରିବି," ସେ କହିଲେ। ଏହା ବିଷୟରେ ଯଦି-ଏହା-ଏବଂ-ତାହା ନୁହେଁ। "ମୁଁ କରିବି। ଯେସମସ୍ତେ ଆସିବେ; ଆଉ ମୁଁ ଅନନ୍ତ ଜୀବନ ଦେବି।" ତାଙ୍କୁ ଉଠାଇବାକୁ ପଡିବ, କାରଣ ତାଙ୍କ ପାଖରେ ଅନନ୍ତ ଜୀବନ ଅଛି। ତାଙ୍କୁ ଆସିବାକୁ ହେବ। ସେ ସେପର୍ଯ୍ୟନ୍ତ ମରିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ପରମେଶ୍ବର ମରିପାରନ୍ତି ନାହିଁ।

57 ଏହି ଦେଶ ତଥା ଏହି ଛୋଟ ସହରର ଆଖପାଖରେ ଥିବା, ହେ ମୋର ପ୍ରିୟ ବନ୍ଧୁମାନେ, ଯଦି ମୁଁ କେବଳ, ମୋର ମାନବୀୟ ସ୍ୱର ସହିତରେ, ଆପଣମାନଙ୍କର ହୃଦୟରେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମକୁ ଗ୍ରହଣ କରିବାର ମହତ୍ତ୍ୱକୁ ଉପସ୍ଥାପିତ କରିପାରନ୍ତି, ତାହାହେଲେ ଏହା ଆପଣମାନଙ୍କ ଜୀବନରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ପ୍ରକାଶନ ହେବ ଯାହାକି ଆପଣ କେବେ ପାଇପାରିଥାନ୍ତି । ଏହା ଦେଖିବାକୁ ଯେ କଅଣ…ଆପଣଙ୍କୁ ଏହା କରିବାକୁ ପଡ଼ିବ ।

ମୋତେ ତାହା ବିଷୟରେ, ସ୍ପଷ୍ଟ କରିବାକୁ ଦିଅନ୍ତୁ, "ଆପଣ ପରିବର୍ତ୍ତିତ ନୁହଁନ୍ତି ।"

58 ପିତର ଉଦ୍ଧାର ପାଇଥିଲେ । ସେ ପ୍ରଭୁଙ୍କଠାରେ ବିଶ୍ୱାସ କରିଥିଲେ, ଓ ତାହାଙ୍କୁ ଅନୁସରଣ କରିଥିଲେ । ଯୀଶୁ ତାଙ୍କୁ କହିଲେ ଯେ ସେ କିଏ ଅଟନ୍ତି, ତାଙ୍କୁ ନିଜ ପଛରେ ଅନୁସରଣ କରାଇଥିଲେ । ସେ ତାଙ୍କୁ ଅଶୁଚି ଆତ୍ମାମାନଙ୍କ ବିରୁଦ୍ଧରେ ଶକ୍ତି ଦେଇଥିଲେ ଏବଂ ତାଙ୍କୁ ପବିତ୍ର କରିଥିଲେ । କିନ୍ତୁ ଏହିସବୁ ପରେ, ଆଉ ଦଳର ମୁଖ୍ୟ ମୁଖପାତ୍ର ହୋଇଥିଲେ; ଯେପରିକି କ୍ୟାଥୋଲିକମାନେ ଏହାକୁ କହିବାକୁ ଚାହାଁନ୍ତି, "ମଣ୍ଡଳୀର ବିଶପ୍, କିମ୍ୱା ପୋପ୍," କିମ୍ୱା ଏହା ଯାହାକିଛି ବି ଥିଲା, ମଣ୍ଡଳୀର ମୁଖ୍ୟ ବ୍ୟକ୍ତି; ତଥାପି ଯୀଶୁ କହିଲେ, ଶତ୍ରୁହସ୍ତରେ ସମର୍ପଣ କରିବା ତାଙ୍କର ରାତ୍ରି, "ପିତର, କଅଣ ତୁମେ ମୋତେ ପ୍ରେମ କର?"

ଆଉ ସେ ଉତ୍ତର ଦେଲେ, "ପ୍ରଭୁ, ତୁମେ ଜାଣ ଯେ ମୁଁ ତୁମକୁ ପ୍ରେମ କରେ ।"

କହିଲେ, "ମୋର ମେଷମାନଙ୍କୁ ପରିପୋଷଣ କରାଅ ।" ସେ ଏହା ତିନିଥର କହିଲେ ।

ପୁଣି ପିତର କହିଲେ, "ତୁମେ ଜାଣ ଯେ ମୁଁ ତୁମକୁ ପ୍ରେମ କରେ, ଏପରିକି ମୁଁ ତୁମ ସହିତ ସେହି—ସେହି ଶେଷ ପର୍ଯ୍ୟନ୍ତ ଯିବି, ଏବଂ ମୁଁ ତୁମ ସହିତ ମୃତ୍ୟୁ ପର୍ଯ୍ୟନ୍ତ ଯିବି," ଏବଂ ପ୍ରଭୃତି ସବୁ ।

59 ସେ କହିଲେ, "କୁକୁଡ଼ା ତିନିଥର ଡାକିବା ପୂର୍ବରୁ, ତୁମେ…କୁକୁଡ଼ା ଡାକିବା ପୂର୍ବରୁ, ତୁମେ ମୋତେ ତିନିଥର ଅସ୍ୱୀକାର କରିବ ।" ସେ କହିଲେ, "କିନ୍ତୁ, ପିତର, ମୁଁ ତୁମ ପାଇଁ ପ୍ରାର୍ଥନା କରିଅଛି ।" ଶୁଣନ୍ତୁ । ତାହାହିଁ ଏହାର ସବୁକିଛି ନୁହେଁ । "ମୁଁ ତୁମ ପାଇଁ ପ୍ରାର୍ଥନା କରିଛି । ଏବଂ ତୁମେ ଫେରିଲା ଉତ୍ତାରେ, ଆପଣା ଭାଇମାନଙ୍କୁ ସୁସ୍ଥିର କର ।"

"ତୁମେ ଫେରିଲା ଉତ୍ତାରେ ।" ସେ ଉଚ୍ଚ ସ୍ୱରରେ ପାଟି କରିଥିଲେ । ସେ ବୋଧହୁଏ ଆତ୍ମାରେ ନାଚିଥିଲେ । ସେ, ସେ ସବୁ ପ୍ରକାର କାର୍ଯ୍ୟ କରିଥିଲେ, କିନ୍ତୁ ସେ ଏପର୍ଯ୍ୟନ୍ତ ପବିତ୍ରଆତ୍ମା ଗ୍ରହଣ କରି ନ ଥିଲେ । "ତୁମେ ଫେରିଲା ଉତ୍ତାରେ, ଆପଣା ଭାଇମାନଙ୍କୁ ସୁସ୍ଥିର କର," ତାହା ସତ, "ତାହାଙ୍କର ଯୋଜନା କାର୍ଯ୍ୟକାରୀ କର ।"

60 ତେବେ ମୁଁ ଯୋହନ 14:12 ପାଠ କରିବା ସମାପ୍ତ କରେ । ତେବେ 14ତମ ପର୍ବ ଓ 12ଶ ପଦରେ, ଯୀଶୁ କହିଥିଲେ, "ସତ୍ୟ, ସତ୍ୟ, ମୁଁ ତୁମକୁ କହୁଅଛି, ଯେ ବିଶ୍ୱାସ କରେ…" ଏବଂ ଆପଣ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବେ ନାହିଁ…"ମୋ ଉପରେ ବିଶ୍ୱାସ କର ।" ଆପଣ ତାହାଙ୍କ*ଠା*ରେ ବିଶ୍ୱାସ କରିପାରନ୍ତି । କେତେ ଲୋକ ଏହା ବୁଝନ୍ତି? କୁହନ୍ତୁ, "ଆମେନ୍ ।" [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।]

61 ଆପଣଙ୍କର ମନେ ଥିବ, ପ୍ରେରିତ 19 ରେ । ମୁଁ ଏହାକୁ ଏଠାରେ ବନ୍ଦ କରିବାକୁ ଘୃଣା କରେ, କିନ୍ତୁ ମୋ ପାଖକୁ ତାହା ଯେପରି ଆସେ ମୋତେ ଏହା କହିବାକୁ ପଡିବ । ପ୍ରେରିତ 19ଶ ପର୍ବରେ, ଯେତେବେଳେ ଏହି ବାପ୍‌ଟିଷ୍ଟ ପ୍ରଚାରକ, ଯିଏକି ଜଣେ—ଜଣେ ଓକିଲ ଥିଲେ ଏବଂ ପରିବର୍ତ୍ତିତ ଥିଲେ, ଆଉ ସେ ପ୍ରଚାର କରୁଥିଲେ ଏବଂ ଲୋକମାନେ ଉଦ୍ଧାରପ୍ରାପ୍ତ ହେଉଥିଲେ । ଏବଂ ସେମାନଙ୍କର ବହୁତ ଆନନ୍ଦ ଥିଲା, କେବଳ ଆନନ୍ଦ ଉଲ୍ଲାସ କରୁଥିଲେ ଓ ପାଟି ତୁଣ୍ଡ କରୁଥିଲେ, ଏକ ସଭା ଚାଲିଥିଲା । ପ୍ରେରିତ 18, ଆକ୍ୱିଲା ଏବଂ ପ୍ରିସ୍କିଲା, ଆମେ ଗତ ସନ୍ଧ୍ୟାରେ ଏହାକୁ ଉଦ୍ଧୃତ କରିଥିଲୁ, ଏବଂ ସେମାନେ ତାଙ୍କୁ ଦେଖା କରିବାକୁ ଯାଇଥିଲେ । ଏବଂ ସେମାନେ ଜାଣିଥିଲେ ଯେ ସେ ଜଣେ ମହାନ ବ୍ୟକ୍ତି ଥିଲେ, ଆଉ ସେ ଜଣେ ଅଧ୍ୟୟନକାରୀ ଥିଲେ । ଏବଂ ସେ ବାଇବଲ ଦ୍ୱାରା ଏହା ପ୍ରମାଣ କରୁଥିଲେ ଯେ ଯୀଶୁ ହିଁ ପରମେଶ୍ୱରଙ୍କ ପୁତ୍ର ଥିଲେ, କେବଳ ଯୋହନଙ୍କ ବାପ୍ତିସ୍ମ ବିଷୟ ଜାଣିଥିଲେ । ସେ ଏପର୍ଯ୍ୟନ୍ତ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବିଷୟ ଜାଣି ନ ଥିଲେ । ତେଣୁ ସେ କହିଲେ…

ଆକ୍ୱିଲା ଏବଂ ପ୍ରିସ୍କିଲା, ସେହି ସ୍ୱାମୀ ଏବଂ ସ୍ତ୍ରୀ, ଛୋଟ ତମ୍ବୁ ନିର୍ମାଣକାରୀ; ଯାହାକି, ପାଉଲ, ମଧ୍ୟ ଏକ ତମ୍ବୁ ନିର୍ମାଣକାରୀ ଥିଲେ । ଏବଂ ସେମାନେ ପାଉଲଙ୍କ ଶିକ୍ଷାର ଅଧୀନରେ ପବିତ୍ରଆତ୍ମା ଗ୍ରହଣ କରିଥିଲେ । ସେମାନେ କହିଲେ, "ଆମର ଜଣେ ସାନ ଭାଇ ଅଛନ୍ତି ଯିଏକି ଏଠାକୁ ଆସୁଛନ୍ତି । ଆମ ସହିତ ତାହା ବିଷୟରେ ସେ ଟିକିଏ କଥା ହୁଅନ୍ତୁ ।"

ଆଉ ଯେତେବେଳେ ପାଉଲ ଆସି ତାଙ୍କୁ ପ୍ରଚାର କରୁଥିବାର ଶୁଣିଲେ, ଜାଣିଲେ ଯେ ସେ ଜଣେ ମହାନ ବ୍ୟକ୍ତି ଥିଲେ, ସେ କହିଲେ, "କଅଣ ତୁମେମାନେ ବିଶ୍ୱାସ କରିବା ଦିନଠାରୁ ପବିତ୍ରଆତ୍ମା ଗ୍ରହଣ କରିଛ କି?"

ସେମାନେ କହିଲେ, "ଆମେ ଜାଣି ନାହୁଁ ଯେ ସେଠାରେ…କୌଣସି ପବିତ୍ରଆତ୍ମା ବି ଅଛନ୍ତି ।"

ସେ କହିଲେ, "ତାହାହେଲେ କାହିଁରେ," କିମ୍ବା ସେଠାରେ ପ୍ରକୃତ ଗ୍ରୀକ୍ ଶବ୍ଦ ହେଉଛି, "ତୁମେମାନେ କିପରି ବାପ୍ତିଜିତ ହେଲ?"

ସେମାନେ କହିଲେ, "ଆମେ ବାପ୍ତିଜକ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହୋଇସାରିଛୁ ।"

62 ତେବେ ଦେଖନ୍ତୁ ଯେ ପାଉଲ କଅଣ କହିଲେ । ପାଉଲ କହିଲେ, "ଯୋହନ ପ୍ରକୃତରେ ମନଫେରଣ ପାଇଁ ବାପ୍ତିସ୍ମ ଦେଇଥିଲେ; ପାପ ମୋଚନ ପାଇଁ ନୁହେଁ, ବରଂ ମନଫେରଣ ନିମନ୍ତେ, ଏହା କହିଲେ ଯେ ତାହାହିଁ ଅଟେ ଯାହାକି ଆପଣମାନେ ବିଶ୍ୱାସ କରିଛନ୍ତି ।"

ଯେତେବେଳେ ଆପଣ ଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତି, ସେତେବେଳେ ଆପଣ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ *ଉପରେ* ବିଶ୍ୱାସ କରୁଥାନ୍ତି । ମୋର ପ୍ରିୟ ବାପ୍‌ଟିଷ୍ଟ ଭାଇମାନେ, ତାହା ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ନୁହେଁ । ଏହା ଭୁଲ ଅଟେ ।

ଅନ୍ୟ ଏକ ଦିନ ଜଣେ ଭାଇ ମୋତେ କହିଲେ, କହିଲେ, "ଭାଇ ବ୍ରାନହାମ୍," କିମ୍ବା କିଛି ସମୟ ପୂର୍ବରୁ, ମାସ ପୂର୍ବରୁ, ସେ କହିଲେ, "ଭାଇ ବ୍ରାନହାମ୍, ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କଲେ, ଏବଂ ଏହା ତାଙ୍କ ପାଇଁ ଧାର୍ମିକତା ବୋଲି ଗଣନା କରାଯାଇଥିଲା।"

ମୁଁ କହିଲି, "ସତ୍ୟ ଅଟେ।"

କହିଲେ, "ଜଣେ ବ୍ୟକ୍ତି ବିଶ୍ୱାସ କରିବା ଅପେକ୍ଷା ଆଉ କଅଣ ବା ଅଧିକ କରିପାରେ?"

63 ମୁଁ କହିଲି, "ତାହାହିଁ ତ ସବୁ ଯାହାକି ଜଣେ ବ୍ୟକ୍ତି କରିପାରେ। ତାହାହିଁ ସବୁକିଛି ଯାହାକି ସେ ଆଜି କରିପାରେ, ତାହା ହେଲା ପରମେଶ୍ୱରଙ୍କୁ ବିଶ୍ୱାସ କରିବା। ମାତ୍ର ପରମେଶ୍ୱର ତାଙ୍କୁ ସୁନ୍ନତର ଏକ ମୁଦ୍ରାଙ୍କନ ଦେଲେ," ଯାହାକୁ ଆମେ ଗତ ରାତିରେ ଦେଖିଥିଲୁ, "ଏକ ଚିହ୍ନ ଭାବରେ ଯେ ସେ ତାହାଙ୍କ ଉପରେ ଥିବା ବିଶ୍ୱାସକୁ ଗ୍ରହଣ କରିଥିଲେ।" ଏବଂ, ଆଜି, ପରମେଶ୍ୱର ଯେପର୍ଯ୍ୟନ୍ତ...

ଯେତେବେଳେ ଆପଣ ତାହାଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତି ଆପଣ ତାହାଙ୍କ ଉପରେ ବିଶ୍ୱାସ କରନ୍ତି। ମାତ୍ର ଯେତେବେଳେ ପରମେଶ୍ୱର ଆପଣଙ୍କୁ ପବିତ୍ରଆତ୍ମାଙ୍କ ମୁଦ୍ରାଙ୍କନ ଦିଅନ୍ତି, ସେତେବେଳେ ସେ ଆପଣଙ୍କୁ ଆପଣଙ୍କର ଅନନ୍ତ ଗନ୍ତବ୍ୟସ୍ଥଳ ପ୍ରତି ମୁଦ୍ରାଙ୍କିତ କରିଥାନ୍ତି। ତେବେ ଆପଣ ବାପ୍ଟିଷ୍ଟମାନେ ତାହାକୁ ନିଅନ୍ତୁ, ଏବଂ ମୁଁ ଅନନ୍ତ ସୁରକ୍ଷା ଉପରେ ଆପଣଙ୍କ ସହିତରେ ଯିବି। ଠିକ ଅଛି, ଆଜ୍ଞା। କାରଣ, "ପରମେଶ୍ୱରଙ୍କ ଯେଉଁ ପବିତ୍ରଆତ୍ମାଙ୍କ ଦ୍ୱାରା ତୁମକୁ ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ କରାଯାଇଛି, ତାହାକୁ ଦୁଃଖ ଦିଅ ନାହିଁ।" ଆପଣ ତାହାଙ୍କ *ଉପରେ* ବିଶ୍ୱାସ କରିବା ଦ୍ୱାରା ମୁଦ୍ରାଙ୍କିତ ହୋଇ ନାହାଁନ୍ତି, କିନ୍ତୁ ପବିତ୍ରଆତ୍ମାଙ୍କ ଦ୍ୱାରା ମୁଦ୍ରାଙ୍କିତ ହୋଇଛନ୍ତି। ଏଫିସୀୟ 4:30, "ପରମେଶ୍ୱରଙ୍କ ଯେଉଁ ପବିତ୍ରଆତ୍ମାଙ୍କ ଦ୍ୱାରା ତୁମକୁ ମୁକ୍ତିର ଦିବସ ନିମନ୍ତେ ମୁଦ୍ରାଙ୍କିତ କରାଯାଇଛି, ତାହାକୁ ଦୁଃଖ ଦିଅ ନାହିଁ।" ତାହା ଆପଣଙ୍କୁ ମୁଦ୍ରାଙ୍କିତ କରିଥାଏ, ଯେତେବେଳେ ଆପଣ ପରମେଶ୍ୱରଙ୍କଠାରୁ ଅନୁଗ୍ରହ ପାଇଥାନ୍ତି, ଏବଂ ସେ ଆପଣଙ୍କୁ ପବିତ୍ରଆତ୍ମା ଦ୍ୱାରା ମୁଦ୍ରାଙ୍କିତ କରିଥାନ୍ତି।

ତାହାହିଁ ସେହିପରି ଅଟେ, କାରଣ ବାଇବଲ କୁହେ, "କୌଣସି ବ୍ୟକ୍ତି ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି କହିପାରେ ନାହିଁ, କେବଳ ପବିତ୍ରଆତ୍ମାଙ୍କ ଦ୍ୱାରା କହିପାରେ।"

64 ଆପଣ କୁହନ୍ତି, "ମୁଁ ଏହାକୁ ଏଇଥି ପାଇଁ ବିଶ୍ୱାସ କରେ କାରଣ ପାଳକ ଏହା କହିଛନ୍ତି।" ସେ ଠିକ୍ କହିଛନ୍ତି, କିନ୍ତୁ ତାହା ଆପଣଙ୍କ ପାଇଁ ଗଣନା ହୁଏ ନାହିଁ। "ମୁଁ ଏହାକୁ ଏଇଥି ପାଇଁ ବିଶ୍ୱାସ କରେ କାରଣ ବାକ୍ୟ ଏହିପରି କୁହେ।" ତାହା ଠିକ୍, କିନ୍ତୁ ତାହା ଆପଣଙ୍କ ପାଇଁ ନୁହେଁ, ତାହା ଆପଣଙ୍କ ପାଇଁ ଗଣନା କରାଯାଏ ନାହିଁ।

ଏକମାତ୍ର ଉପାୟ ଯେ ଆପଣ କହିପାରନ୍ତି ଯେ ଯୀଶୁ ହେଉଛନ୍ତି ଖ୍ରୀଷ୍ଟ, ତାହା ସେତେବେଳେ ଅଟେ ଯେତେବେଳେ ପବିତ୍ରଆତ୍ମା ଆପଣଙ୍କ ଭିତରକୁ ଆସନ୍ତି ଓ ଅଭିଲେଖ ରଖନ୍ତି, ଏବଂ ନିଜେ ସାକ୍ଷୀ ଦିଅନ୍ତି, "ସେ ପରମେଶ୍ୱରଙ୍କ ପୁତ୍ର।" ତାହାହିଁ ଏକମାତ୍ର ଉପାୟ

ଯେ ଆପଣ ପୁନରୁତ୍‌ଥାନ ବିଷୟରେ ଜାଣନ୍ତି, ସେତେବେଳେ ଅଟେ ଯେତେବେଳେ ପବିତ୍ରଆତ୍ମା ଅଭିଲେଖ ରଖନ୍ତି । "ଯେତେବେଳେ ସେ ଅର୍ଥାତ ପବିତ୍ରଆତ୍ମା ଆସିବେ, ସେ ମୋ ବିଷୟରେ ସାକ୍ଷ୍ୟ ଦେବେ, ଭବିଷ୍ୟତରେ ହେବାକୁ ଥିବା ବିଷୟଗୁଡ଼ିକୁ ଆପଣଙ୍କୁ ଦେଖାଇବେ; ଏହିସବୁ ବିଷୟ, ଯାହା ମୁଁ କହିଲି, ଆପଣଙ୍କର ସ୍ମୃତିକୁ ଆଣିବେ ।" ଆପଣ ଏହାକୁ କେବେବି ବିଦ୍ୟାଳୟରେ ପାଇବେ ନାହିଁ । ବୁଝିଲେ? ସେ ଏହିସବୁ ବିଷୟଗୁଡ଼ିକୁ ଆପଣଙ୍କର ସ୍ମୃତିକୁ ଆଣିବେ ।

65 ତେବେ ଆମେ ବର୍ତ୍ତମାନ ଏହି ଶାସ୍ତ୍ରରେ ଟିକିଏ ଆଗକୁ ପାଠ କରିବାକୁ ଚାହୁଁ, ସାଧୁ ଯୋହନ 14:12 ।

> *ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହୁଅଛି, ମୋ ଠାରେ ଯେ ବିଶ୍ୱାସ କରେ, ମୁଁ ଯେଉଁ ଯେଉଁ କର୍ମ କରୁଅଛି ସେ ମଧ୍ୟ ସେହିସବୁ କରିବ; ଏବଂ ସେସବୁ ଅପେକ୍ଷା ଅଧିକ ମହତ୍...*

ଯାହାକି, ସେଠାରେ ସଠିକ୍ ଅନୁବାଦ ହେଉଛି "ଅଧିକ," ଯଦି ଆପଣ ଏହାକୁ ଦେଖିବାକୁ ଚାହାଁନ୍ତି ।

> *...ସେସବୁ ଅପେକ୍ଷା ଅଧିକ ମହତ୍ କର୍ମ କରିବ; କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି ।*

66 ଯଦି ସେ ପିତାଙ୍କ ନିକଟକୁ ଗଲେ, ତେବେ ପବିତ୍ରଆତ୍ମା ଆସିବେ । କଅଣ ଏହା ଠିକ୍ କି? ଅନ୍ୟ ଏକ ଶାସ୍ତ୍ର କୁହେ, "ଯଦି ମୁଁ ନ ଯାଏ, ତେବେ ସେହି ସାହାଯ୍ୟକାରୀ ଆସିବେ ନାହିଁ । ମାତ୍ର ଯଦି ମୁଁ ଯାଏ, ମୁଁ ପୁନର୍ବାର ଆସିବି ଏବଂ ତୁମ ସହିତରେ ରହିବି, ଏପରିକି ତୁମ ଭିତରେ ରହିବି ।" ଦେଖନ୍ତୁ, ଏହା ଆପଣଙ୍କ ସହିତରେ ପରମେଶ୍ୱର ଅଟନ୍ତି । ଆପଣଙ୍କ ଉପରେ, ପ୍ରଥମେ; ଆପଣଙ୍କ ସହିତ, ଖ୍ରୀଷ୍ଟଙ୍କଠାରେ; ଆପଣଙ୍କ ଭିତରେ, ପବିତ୍ରଆତ୍ମାରେ । ଏହା ଆପଣଙ୍କ ଭିତରେ ପରମେଶ୍ୱର ଅଟନ୍ତି ।

67 ତେବେ, "ମୁଁ ଯେଉଁ ଯେଉଁ କର୍ମ କରୁଅଛି ତୁମେ ମଧ୍ୟ ସେହିସବୁ କରିବ," କୌଣସି ଅନ୍ୟ କର୍ମ ନୁହେଁ । ମାତ୍ର ପରମେଶ୍ୱର ଠିକ୍ ସେହି ସମାନ କାର୍ଯ୍ୟକୁ ଯାହା ସେ ଖ୍ରୀଷ୍ଟଙ୍କଠାରେ କରୁଥିଲେ ଜାରି ରଖିବା ପାଇଁ, ଆପଣଙ୍କ ଭିତରେ, ପବିତ୍ରଆତ୍ମାଙ୍କୁ ଆଣିବାକୁ ଚାହାଁନ୍ତି ।

ଲୁଥରଙ୍କ ସମୟରେ ସେହି କାମ ଏତେ ଆବଶ୍ୟକୀୟ ନ ଥିଲା । ତାହା ପରମେଶ୍ୱରଙ୍କ ମଣ୍ଡଳୀ ଥିଲା । ଏହା ନ ଥିଲା...ୱେସଲିଙ୍କ ସମୟରେ ଟିକିଏ ଅଧିକ ଆବଶ୍ୟକୀୟ ଥିଲା ।

କାରଣ, "ସେହି ଜଗତ," ବାଇବଲ କୁହେ, "ସବୁବେଳେ ଆହୁରି ଦୁର୍ବଳ, ଏବଂ ଆହୁରି ବୁଦ୍ଧିମାନ, ଓ ଆହୁରି ଅଧିକ ଦୁଷ୍ଟ ହୋଇଯାଏ ।" ଆମେ...ଜଗତ ଆହୁରି ଅଧିକ ଦୁଷ୍ଟ ହେଉଅଛି...ଆମେ ତାହା ଜାଣୁ । କାହିଁକି, ମଣିଷ ଆଜି ଏହିପରି କାର୍ଯ୍ୟଗୁଡିକ କରେ ଯେ, ଶହେ ବର୍ଷ ପୂର୍ବେ ଆପଣ ଏହା ଭାବି ନ ଥିବେ ଯେ ସେହିପରି ନିଷ୍ଠୁର ଜଣେ ମଣିଷ ରହିବ ।

"ସର୍ବଦା ଅଧିକ ଦୁଷ୍ଟ, ଏବଂ ଦୁଷ୍ଟମାନେ ସର୍ବଦା, ଅଧିକ ଦୁଷ୍ଟ କାର୍ଯ୍ୟ କରିବ," ଶାସ୍ତ୍ର କୁହେ, "ଅଧିକରୁ ଅଧିକ।"

68 ତେଣୁ, ପବିତ୍ରଆତ୍ମା ଗତାୟତ କରୁଛନ୍ତି। ଲୁଥର୍ ସହିତ ଏହାର ଅଳ୍ପ ଟିକିଏ ନିଶ୍ୱାସ ଥିଲା; ୱେସଲି ସହିତ ଏହାର ଟିକିଏ ଫୁଙ୍କ ଥିଲା; ଏବଂ ପେଣ୍ଟିକଷ୍ଟ ସହିତ ଏହାର ଟିକେ ଅଧିକ ଏକ ଗଭୀର ଫୁଙ୍କ ଥିଲା; ବର୍ତ୍ତମାନ ନିଶ୍ୱାସ ଏବଂ ଆତ୍ମା ସମାନ ହୋଇ ଯାଇଛନ୍ତି। ସେ ଏକତ୍ର କରୁଅଛି, ପବିତ୍ରଆତ୍ମାଙ୍କର ସେହି ସମାନ ଶକ୍ତିଶାଳୀ ଫୁଙ୍କକୁ ଆଣୁଅଛି ଯେପରିକି ସେ ସେଠାରେ ପଶ୍ଚାତ୍ ସମୟରେ କରିଥିଲେ, ସେହି ସମାନ କାର୍ଯ୍ୟଗୁଡ଼ିକୁ ପ୍ରକାଶ କରୁଅଛନ୍ତି ଯାହାକି ସେ ସେଠାରେ ପଶ୍ଚାତ୍ ସମୟରେ କରିଥିଲେ, ଆଜି ମଧ୍ୟ ଠିକ୍ ସେହି ସମାନ ବିଷୟକୁ, ପ୍ରକାଶ କରାଯାଉଛି।

69 ଦେଖନ୍ତୁ ଯେ ଯୀଶୁ କଅଣ କହିଥିଲେ: "ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହୁଅଛି, ପୁତ୍ର ନିଜଠାରୁ କିଛି କରିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେ ପ୍ରଥମେ ପିତାଙ୍କୁ ତାହା କରୁଥିବାର ନ ଦେଖନ୍ତି। ପିତା ଯାହା କରନ୍ତି, ସେ ପୁତ୍ରଙ୍କୁ ଦେଖାନ୍ତି। ପିତା ମୋ ଠାରେ ବାସ କରନ୍ତି; ସେ କାର୍ଯ୍ୟ କରନ୍ତି।" ବୁଝିଲେ?

70 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ଏଠାରେ ମୁଁ ଆଉ ଏକ କଥା କହିବାକୁ ଚାହେଁ। "ଯେପରି," ଯୀଶୁ କହିଲେ, "ଯେପରି ପିତା ମୋତେ ପ୍ରେରଣ କରିଛନ୍ତି। ଯେପରି," ତେବେ ଦେଖନ୍ତୁ, "ଯେପରି ପିତା ମୋତେ ପ୍ରେରଣ କରିଛନ୍ତି, ସେହିପରି ମୁଁ ତୁମ୍ଭମାନଙ୍କୁ ପ୍ରେରଣ କରୁଅଛି।" "ଯେପରି ପିତା..." ପିତା ତାଙ୍କୁ କିପରି ପ୍ରେରଣ କରିଥିଲେ? ତାହାଙ୍କୁ ପ୍ରେରଣ କରିଥିବା, ପିତା, ସ୍ୱର୍ଗରୁ ଓହ୍ଲାଇ ଆସି ତାହାଙ୍କଠାରେ ବାସ କରିଥିଲେ।

ସେ ବାହାରି ଗଲେ। ସେ କହିଲେ, "ମୁଁ ସର୍ବଦା ତାହା କରେ ଯାହା ମୋର ପିତାଙ୍କୁ ପ୍ରସନ୍ନ କରେ।" ବୁଝିଲେ? ପିତା ତାହାଙ୍କୁ ଯାହା କରିବାକୁ ଦେଖାଉଥିଲେ ସେ ସେହି ବିଷୟଗୁଡ଼ିକୁ କରିବାକୁ ଲାଗିଲେ। "ମୋର ପିତା ପ୍ରଥମେ ମୋତେ ନ ଦେଖାଇବା ଯାଏଁ ମୁଁ କିଛି କରେ ନାହିଁ।" ପରମେଶ୍ୱର ଯିଏ ତାହାଙ୍କୁ ପ୍ରେରଣ କରିଥିଲେ, ତାହାଙ୍କ ଭିତରେ ଥିଲେ। "ଏବଂ ପିତା ଯେପରି ମୋତେ ପଠାଇଥିଲେ, ଯେଉଁ ପ୍ରକାରେ ପିତା ମୋତେ ପ୍ରେରଣ କରିଥିଲେ, ମୁଁ ମଧ୍ୟ ସେହିପରି ତୁମମାନଙ୍କୁ ପଠାଉଅଛି।" ଏହା କଅଣ ଅଟେ? ପରମେଶ୍ୱର ଆପଣଙ୍କ ଭିତରେ, କାର୍ଯ୍ୟ କରୁଛନ୍ତି (କଅଣ?) ସେହି ସମାନ କର୍ମସବୁ, ସେହି ସମାନ।

ଯୀଶୁ କହିଲେ, "ସେହି...ଯିଏ *ବିଶ୍ୱାସ* କରେ, ଯିଏ ମୋତେ ତାହାର ନିଜ ଭିତରେ ରଖିଅଛି, ସେହି ପବିତ୍ରଆତ୍ମା ରୂପରେ; ଯିଏ *ବିଶ୍ୱାସ* କରେ, ଯିଏ ମୋର ପୁନରୁତ୍‌ଥାନର ସାକ୍ଷୀ ହୋଇସାରିଛନ୍ତି, ଜାଣେ ଯେ ମୁଁ ତାହାଙ୍କଠାରେ ଅଛି। ସେ ଯିଏକି ମୋ ଠାରେ ଅଛନ୍ତି; ଯଦି ତୁମେ ମୋ ଠାରେ ରୁହ, ମୋର ବାକ୍ୟ ତୁମମାନଙ୍କଠାରେ ରହିବ।"

71 ତେବେ ଆପଣ କୁହନ୍ତି, "ମୁଁ ଯୀଶୁଙ୍କଠାରେ ରୁହେ; କିନ୍ତୁ ମୁଁ ନିଶ୍ଚିତ ଭାବରେ ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ କରେ ନାହିଁ।" ତାହା ଏହା ଦର୍ଶାଏ ଯେ ସେ ସେଠାରେ ନାହାଁନ୍ତି।

72 "ମୁଁ ଯୀଶୁଙ୍କଠାରେ ବିଶ୍ୱାସ କରେ; ଏହି ଦିନରେ ପବିତ୍ରଆତ୍ମାଙ୍କୁ ବିଶ୍ୱାସ କରେ ନାହିଁ, ସେପରି ନୁହେଁ ଯେପରିକି ତାହା ସେମାନଙ୍କ ପାଖରେ ସେଠାରେ ରହିଥିଲା।" ତାହା ଦର୍ଶାଏ ଯେ ସେ ସେଠାରେ ନାହାଁନ୍ତି।

73 ପବିତ୍ରଆତ୍ମା ନିଜେ କହିଥିବା ସେହି ପ୍ରତ୍ୟେକ ବାକ୍ୟର ଅଭିଲେଖ ରଖନ୍ତି। ସେ ଜଣେ ମିଥ୍ୟାବାଦୀ ନୁହଁନ୍ତି। ସେ କାହାରିକୁ କିମ୍ବା କୌଣସି ସଂଗଠନକୁ ଭୟ କରନ୍ତି ନାହିଁ। ତାଙ୍କୁ କାହାରି ପାଇଁ ନୀଚ ହେବାକୁ ପଡ଼େ ନାହିଁ। ସେ କୁହନ୍ତି, ଏବଂ ତାହାପରେ ସେ ତାହା ସହିତ ଲାଗି ରୁହନ୍ତି।

ଯଦି ସେହି ଉଚ୍ଚ, ଏବଂ ପ୍ରଦୂଷିତ, ଓ ଶିକ୍ଷିତ, କିମ୍ବା ଆମେ ଏହାକୁ ଯେପରି କହିଥାଉ, ଉଚ୍ଚପଦାସୀନ ଲୋକ, ଯଦି ସେମାନେ ଏହାକୁ ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ, "ତେବେ ପରମେଶ୍ୱର ଏହି ପଥରଗୁଡିକରୁ ଅବ୍ରହାମଙ୍କ ନିମନ୍ତେ ସନ୍ତାନ ଉତ୍ପନ୍ନ କରିବାକୁ ସକ୍ଷମ ଅଟନ୍ତି।" ସେ ଅପରାଧୀମାନଙ୍କୁ, ଏବଂ ମଦୁଆମାନଙ୍କୁ, ଏବଂ ଅନ୍ୟ ସମସ୍ତ କିଛିକୁ ନେବେ, ଏବଂ ଏହାକୁ ଉଠାଇବେ। ପରମେଶ୍ୱର ଏହା କରିପାରନ୍ତି, ଏବଂ ସେ ଏହା କରୁଛନ୍ତି। "ପରମେଶ୍ୱର ଏହି ପଥରଗୁଡିକରୁ ଅବ୍ରହାମଙ୍କ ନିମନ୍ତେ ସନ୍ତାନ ଉତ୍ପନ୍ନ କରିବାକୁ ସକ୍ଷମ ଅଟନ୍ତି।" କେହି ତ ଏହା କରିବାକୁ ଯାଉଛନ୍ତି, କାରଣ ସେ ପରମେଶ୍ୱର ଅଟନ୍ତି।

74 "ଯଦି ତୁମେ ମୋ ଠାରେ ରୁହ, ଏବଂ ମୋର ବାକ୍ୟ ତୁମଠାରେ ରୁହେ, ତାହାହେଲେ ତୁମର ଯାହା ଇଚ୍ଛା ତାହା ମାଗ," କାରଣ ତୁମେ ତାହାଙ୍କର ବାକ୍ୟକୁ ମାଗୁଅଛ, ଏବଂ ତାହାଙ୍କର ବାକ୍ୟ ହେଉଛି ଜୀବନ। ଏହାକୁ କୁହନ୍ତୁ। ଯଦି ପରମେଶ୍ୱର ଏହା କହିଛନ୍ତି, ଏବଂ ଆପଣ ସୁନିଶ୍ଚିତ ଯେ ସେ ତାହା କହିଛନ୍ତି, ପବିତ୍ରଆତ୍ମା ଏହାର ଅଭିଲେଖ ରଖନ୍ତି ଯେ ବାକ୍ୟ ସଠିକ୍ ଅଟେ, ତାହହେଲେ, ଭାଇ, ଆପଣ ସେଠାରେ ଅଛନ୍ତି। ଏହାକୁ କୁହନ୍ତୁ; ତାହା ସେଠାରେ ହୋଇଯିବ। "ଏହି ପର୍ବତକୁ କୁହ, 'ଘୁଞ୍ଚି ଯା,' ନିଜ ହୃଦୟରେ ସନ୍ଦେହ ନ କର, କିନ୍ତୁ ବିଶ୍ୱାସ କର ଯେ ଆପଣ ଯାହା କହିଛନ୍ତି ତାହା ସଫଳ ହେବ।" ଏହା ଆପଣ ନୁହଁନ୍ତି ଯିଏକି କହୁଛନ୍ତି, କିନ୍ତୁ ପିତା ଯିଏକି ଆପଣଙ୍କଠାରେ ବାସ କରନ୍ତି; ସେ କଥାବାର୍ତ୍ତା କରନ୍ତି। ଏହା ଆପଣ ନୁହଁନ୍ତି ଯିଏକି ସେହି ପର୍ବତ ସହିତ କଥାବାର୍ତ୍ତା କରୁଛନ୍ତି, ଏହା ତ ପିତା ଅଟନ୍ତି ଯିଏକି ଆପଣଙ୍କ ଭିତରେ ଅଛନ୍ତି, ସେହି ପର୍ବତ ସହିତ କଥା ହେଉଛନ୍ତି। ଏହାକୁ ଘୁଞ୍ଚିବାକୁ ହେବ। "ସମସ୍ତ ଆକାଶ ଓ ପୃଥିବୀ ଲୋପ ପାଇଯିବ," ସେ କହିଲେ, "କିନ୍ତୁ ମୋର ଆତ୍ମା ଲୋପ ପାଇବ ନାହିଁ, କିମ୍ବା, ମୋର ବାକ୍ୟ ଲୋପ ପାଇବ ନାହିଁ।" ନିଶ୍ଚିତ ଭାବରେ, ଏହା ଲୋପ ପାଇପାରେ ନାହିଁ। ପିତା!

75 ବର୍ତ୍ତମାନ, "ଯେଉଁ କର୍ମ ମୁଁ କରେ।" ପରମେଶ୍ୱର ତାହାଙ୍କର କାର୍ଯ୍ୟଗୁଡିକୁ ଜାରି ରଖିବା ପାଇଁ, ନିଜର ମଣ୍ଡଳୀରେ ଅଛନ୍ତି। ସେଇଥିପାଇଁ ସେ ପବିତ୍ରଆତ୍ମାଙ୍କୁ ପ୍ରେରଣ କଲେ। ତେବେ, ସେ ତାହା ଜାଣିଥିଲେ। ସେ, ସେ ଜାଣିଥିଲେ ଯେ ଏହା ହେବ ନାହିଁ, ଏହା ସେହିପରି ହୋଇପାରିବ ନାହିଁ, ତେଣୁ ଅନ୍ୟ ଉପାୟରେ ହେଲେ ମଧ୍ୟ, ତେଣୁ ତାହାଙ୍କୁ ପଠାଇବାକୁ

ପଡ଼ିଥିଲା । ପିତା ପୁତ୍ରଙ୍କୁ ପ୍ରେରଣ କଲେ, ସେସବୁକିଛି ଯାହାକି ଫନରେ-...ଆପଣଙ୍କ ଭିତରେ ଥିବା ପୁତ୍ରଙ୍କୁ ପ୍ରଦାନ କଲେ । ଏବଂ ସେହି ସମାନ କାର୍ଯ୍ୟ ଯାହା ସେ କରିଥିଲେ, ଠିକ୍ ସେହି ସମାନ କାର୍ଯ୍ୟ ଯାହାକି ବର୍ତ୍ତମାନ ଯୀଶୁ କରିଥିଲେ, ହେ ମଣ୍ଡଳୀ, ତୁମେ ମଧ୍ୟ ତାହା କରିବ ।

କଅଣ ଆପଣ ପରମେଶ୍ୱରଙ୍କ କାର୍ଯ୍ୟ କରିବାକୁ ଚାହିଁବେ ନାହିଁ କି? ଯୀଶୁ କହିଲେ, "ଯଦି ତୁମେ ପରମେଶ୍ୱରଙ୍କ କାର୍ଯ୍ୟ କରିବାକୁ ଚାହୁଁଛ, ମୋ ଉପରେ ବିଶ୍ୱାସ କର ।" ଆପଣ ତାହାଙ୍କ ଉପରେ କିପରି ବିଶ୍ୱାସ କରିବେ? ଆପଣ ପବିତ୍ରଆତ୍ମା ନ ପାଇବା ଯାଏଁ ଆପଣ ତାହା କରିପାରନ୍ତି ନାହିଁ ।

76 କାରଣ, କୌଣସି ମନୁଷ୍ୟ କହିପାରିବେ ନାହିଁ ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି; ଆପଣ ତ ତାହା କହୁଛନ୍ତି ଯାହାକି ଅନ୍ୟ କେହି କହିଛନ୍ତି । "ବାଇବଲ କୁହେ ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି; ମୁଁ ବାଇବଲକୁ ବିଶ୍ୱାସ କରେ ।" ଠିକ୍ ଅଛି । "ବାଇବଲ କୁହେ ଯେ ସେ ପରମେଶ୍ୱରଙ୍କ ପୁତ୍ର; ମୁଁ ବାଇବଲକୁ ବିଶ୍ୱାସ କରେ । ପାଳକ କୁହନ୍ତି ଯେ ସେ ପରମେଶ୍ୱରଙ୍କ ପୁତ୍ର; ମୁଁ ପାଳକଙ୍କୁ ବିଶ୍ୱାସ କରେ । ମାଆ କୁହନ୍ତି ଯେ ସେ ପରମେଶ୍ୱରଙ୍କ ପୁତ୍ର; ମୁଁ ମାଆଙ୍କୁ ବିଶ୍ୱାସ କରେ । ମୋର ବନ୍ଧୁ କୁହନ୍ତି ଯେ ସେ ପରମେଶ୍ୱରଙ୍କ ପୁତ୍ର; ମୁଁ ମୋର ବନ୍ଧୁଙ୍କୁ ବିଶ୍ୱାସ କରେ ।"

କିନ୍ତୁ ଏକମାତ୍ର ଉପାୟ ଯେ ମୁଁ କହିପାରେ ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି, ସେତେବେଳେ ଅଟେ ଯେତେବେଳେ ପବିତ୍ରଆତ୍ମା ଆସନ୍ତି ଓ ନିଜ ବିଷୟରେ ଅଭିଲେଖ ଦିଅନ୍ତି, ତାହାପରେ ମୁଁ ଜାଣେ ଯେ ସେ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି । "କୌଣସି ଲୋକ ଯୀଶୁଙ୍କୁ, 'ଖ୍ରୀଷ୍ଟ' ବୋଲି ଡାକିପାରନ୍ତି ନାହିଁ, କେବଳ ପବିତ୍ରଆତ୍ମାଙ୍କ ଦ୍ୱାରା ।" ସେଠାରେ!

77 ପରମେଶ୍ୱରଙ୍କ ଆତ୍ମା ଦ୍ୱାରା କଥା କହୁଥିବା କୌଣସି ବ୍ୟକ୍ତି ଯୀଶୁଙ୍କୁ ଅଭିଶପ୍ତ ବୋଲି ଡାକନ୍ତି ନାହିଁ, କିମ୍ବା ଏହା କୁହନ୍ତି ନାହିଁ ଯେ ସେ ସେଦିନ ଆଉ କିଛି ଥିଲେ ଏବଂ ଆଜି ଅନ୍ୟ କିଛି ଅଟନ୍ତି । ତାହା ତାଙ୍କୁ ଦୁର୍ବଳ ଏବଂ ଝୁଣ୍ଟି ପଡିବା ଭଳି କରିଥାଏ । ନା, ମହାଶୟ ।

ସେ ଗତକାଲି, ଆଜି, ଏବଂ ଚିରଦିନ ସମାନ ଅଟନ୍ତି । ଯେକୌଣସି ପ୍ରକୃତ ଆତ୍ମା ଏହାର ଅଭିଲେଖ ବହନ କରିବେ । ଠିକ୍ ଅଛି ।

78 ତେବେ, ସେ କହିଲେ, "ଏହି କର୍ମ ଯାହା ମୁଁ କରେ ତୁମେ ମଧ୍ୟ କରିବ," ଯୋହନ 14:12, ବର୍ତ୍ତମାନ, ସେହି ସମାନ କାମ ।

"ଓଃ," ସେମାନେ କୁହନ୍ତି, "ମଣ୍ଡଳୀ ଆଜି ଅଧିକ ମହତ କାର୍ଯ୍ୟ କରେ ।" କେଉଁ ଉପାୟରେ?

ସେ କହିଲେ, "ଯେଉଁ କର୍ମ ମୁଁ କରେ ।"

"ତାହା," ସେମାନେ କହନ୍ତି, "ତେବେ, ଆମେ ସମଗ୍ର ବିଶ୍ୱରେ ମିଶନାରୀମାନଙ୍କୁ ପଠାଇଅଛୁ, ତାହା ଏକ ଅଧିକ ମହତ୍ କାମ ଅଟେ ।"

79 କିନ୍ତୁ ସେ କହିଲେ, "ଯେଉଁ କର୍ମ ମୁଁ କରେ ।" ତେବେ ସେଗୁଡିକ କର, ପ୍ରଥମେ ସେଗୁଡିକ କର, ତାହାପରେ ମିଶନାରୀମାନଙ୍କ ବିଷୟରେ କଥାବାର୍ତ୍ତା କରିବ ।

80 ଆଜି, ଏଠାରେ କିଛି ସମୟ ପୂର୍ବରୁ ଜଣେ ମୁସଲମାନ ବିଷୟରେ କଥାବାର୍ତ୍ତା କରୁଥିଲି, ସେ କହିଥିଲେ, "ମହମ୍ମଦ ମରି ଯାଇଛନ୍ତି ।"

"ତାହା ଠିକ୍, ସେ କବରରେ ଅଛନ୍ତି, କିନ୍ତୁ ଦିନେ ସେ ଉଠିବେ ।" ସେ କହିଲେ, "ଯଦି ସେ କବରରୁ ଉଠନ୍ତି, ତେବେ ସମଗ୍ର ବିଶ୍ୱ ଚବି-ଶ ଘଣ୍ଟା ମଧ୍ୟରେ ତାହା ଜାଣିଯିବ ।" ସେ କହିଲେ, "ଆପଣ ଲୋକମାନେ କୁହନ୍ତି ଯେ ଯୀଶୁ ଦୁଇ ହଜାର ବର୍ଷ ହେଲାଣି ପୁନରୁତ୍ଥିତ ହୋଇଛନ୍ତି, ଏବଂ ଏକ-ତୃତୀୟାଂଶ ଲୋକ ସୁଦ୍ଧା ଏପର୍ଯ୍ୟନ୍ତ ତାହା ଜାଣି ନାହାଁନ୍ତି ।"

ତାହା ଏଇଥି ପାଇଁ ଅଟେ କାରଣ ଆପଣ ଏହାର ଏକ ବୌଦ୍ଧିକ ଦୃଷ୍ଟିକୋଣରୁ କଥା କହିଥିଲେ । ଆପଣ ବିଦ୍ୟାଳୟ କିମ୍ବା ଶିକ୍ଷାର ଏକ ଦୃଷ୍ଟିକୋଣରୁ କହିଥଲେ ।

ଯଦି ଏହି ସମଗ୍ର, ପରମେଶ୍ୱରଙ୍କ ମହାନ ମଣ୍ଡଳୀ, କ୍ୟାଥୋଲିକ୍, ପ୍ରୋଟେଷ୍ଟାଣ୍ଟ, ସମସ୍ତଙ୍କୁ ଏକତ୍ର ଗଣନା କରିବା, ପବିତ୍ରଆତ୍ମାଙ୍କୁ ଗ୍ରହଣ କରିଥାନ୍ତେ, ତେବେ ଏହି ଜଗତ ଖ୍ରୀଷ୍ଟିଆନ ଧର୍ମରେ ଦୃଢ଼ ଭାବେ ସ୍ଥାପିତ ହୋଇ ରହିଥାନ୍ତା; ସାମ୍ୟବାଦ ଭଳି କୌଣସି ବିଷୟ ହୋଇ ନ ଥାନ୍ତା; ଝଗଡା, କିମ୍ବା ଶତ୍ରୁତା, ଅବା ସ୍ୱାର୍ଥପରତା, କିଅବା ଘୃଣା ଭଳି କୌଣସି ବିଷୟ ହୋଇ ନ ଥାନ୍ତା । ଯୀଶୁ ତାହାଙ୍କ ସିଂହାସନରେ ବସିଥାନ୍ତେ, ଏବଂ ଆମେ ପରମେଶ୍ୱରଙ୍କ ପାରଦୀଶ ଦେଇ ଗମନାଗମନ କରୁଥାନ୍ତୁ, ଅନନ୍ତ ଜୀବନ ସହିତରେ, ଚିରଦିନ ବଞ୍ଚି ରହିଥାନ୍ତୁ; ଏକ ନୂତନ ଶରୀରରେ ପୁନରୁତ୍ଥିତ ହୋଇ, କେବେ ବୃଦ୍ଧ ନ ହେବାକୁ, କେବେ ଧୂସର ନ ହେବାକୁ, କେବେ ଅସୁସ୍ଥ ନ ହେବାକୁ, କେବେ ଭୋକିଲା ନ ହେବାକୁ, ଚାରିଆଡେ ଚଲା ବୁଲା କରୁଥାନ୍ତୁ; ପ୍ରଭୁଙ୍କ ଆନନ୍ଦରେ ଚାଲି ରହିଥାନ୍ତୁ, ପଶୁମାନଙ୍କ ସହିତ କଥାବାର୍ତ୍ତା କରୁଥାନ୍ତୁ । ଏବଂ, ଓଃ, କି ଏକ ଦିନ ହୋଇଥାନ୍ତା! ମାତ୍ର ତାହା ବ୍ୟତୀତ ଆମେ ଅନ୍ୟ ସମସ୍ତକିଛି କାର୍ଯ୍ୟ କରିଅଛୁ ଯାହାକି ସେ…

81 ସେ କହିଲେ, "ସମସ୍ତ ଜଗତକୁ ଯାଅ ଏବଂ ସୁସମାଚାର ପ୍ରଚାର କର ।" ସୁସମାଚାର କଅଣ କରେ? "କେବଳ ବାକ୍ୟ ନୁହେଁ, କିନ୍ତୁ ପବିତ୍ରଆତ୍ମାଙ୍କ ଶକ୍ତି ଏବଂ ପ୍ରଦର୍ଶନ ମାଧ୍ୟମରେ ।" ପରମେଶ୍ୱରଙ୍କ ବାକ୍ୟକୁ ପ୍ରକଟିତ କରିବା, ହେଉଛି ସୁସମାଚାର ।

82 ଆପଣ ଏହା କରିପାରନ୍ତି ନାହିଁ । ତେବେ, ଯୀଶୁ ତାହା ଜାଣିଥିଲେ, ଯେ ତାହାଙ୍କୁ ନିଜର ମଣ୍ଡଳୀରେ ରହିବାକୁ ଥିଲା ।

ତେଣୁକରି, ସେ ଜାଣିଥିଲେ ଯେ ଆମର ବୌଦ୍ଧିକ ବିଦ୍ୟାଳୟମାନ ରହିବ । ଏବଂ ଆପଣ ଏହାକୁ କେବେବି ଏକ ବୌଦ୍ଧିକ ବିଦ୍ୟାଳୟରେ ପାଇବେ ନାହିଁ । ସେମାନେ ଏହାର ବିରୁଦ୍ଧରେ

ରହିବେ । କାରଣ, ଯାହା ସବୁ ସେମାନେ ଜାଣନ୍ତି ତାହା ହେଲା କୌଣସି ପ୍ରଖର ବୁଦ୍ଧି ବିଶିଷ୍ଟ ମଣିଷର ଶିକ୍ଷା, କୌଣସି ମତ ବା ନାମଧାରୀ ସଂଗଠନ ଯାହା ଦ୍ୱାରା ସେମାନେ ବଞ୍ଚିବାକୁ ଚାହାଁନ୍ତି । ତେଣୁ ସେମାନେ—ସେମାନେ ଆପଣଙ୍କୁ ସେଥିରେ ସୁବ୍ୟବସ୍ଥିତ କରିଦେବେ ଓ ଆପଣଙ୍କୁ ସେହି ଶରୀରର ଏକ ସଦସ୍ୟ କରିଦେବେ, ଆଉ, ଭାଇ, ଆପଣଙ୍କୁ ଏକ ବିଶ୍ୱାସମତରୁ ଏପରି କିଛି ଉଦ୍ଧୃତ କରି କହିବେ ଯାହାକି ଏପରି ମନେ ହେବ ଯେ ତାହା ସମ୍ପୂର୍ଣ୍ଣରୂପେ ଠିକ୍ ଅଟେ । "ମହାନ ପବିତ୍ର ମଣ୍ଡଳୀ, ସେହି ମାତା, ଏହା ଅନେକ ଝଡ଼ ଝଞ୍ଜା ସହିଅଛି, ଏହା ଅନେକ ତାଡ଼ନା ସହିଅଛି ।" ଶୟତାନ ମଧ୍ୟ ଠିକ୍ ସେହିପରି ଅଟେ; ତାକୁ ପ୍ରାୟଃ, ସେଠାରେ ଥିବା ସମସ୍ତ ସ୍ଥାନରୁ ବାହାର କରିଦିଆଯାଇଛି, ଏବଂ ତଥାପି ସେ ସେହି ସମାନ ଭାବରେ ଚାଲିଛି । ହଁ, ଆଜ୍ଞା । ଓଃ, ସେମାନେ ଏଗୁଡିକୁ ଉଦ୍ଧୃତ କରିବାକୁ ଚେଷ୍ଟା କରିବେ ।

83 ତେଣୁକରି ଯୀଶୁ ଜାଣିଥିଲେ ଯେ ଏକ ବହୁତ ବଡ଼ ବୌଦ୍ଧିକ ଜାଗରଣ ହେବ ଠିକ୍ ଯେପରିକି ତାହାଙ୍କ ସମୟରେ ହୋଇଥିଲା, ହାଣ୍ଡି ଓ ପାତ୍ର ଧୌତ କରିବା, ଏବଂ ପୋଷାକମାନ ପିନ୍ଧିବା, ଓ କାମିଜ କଲର ମୋଡି-ହୋଇଥିବା, ଆଉ ସବୁକିଛି ଯେପରିକି ସେମାନେ କରିଥିଲେ, ଏହି ସମସ୍ତ ବିଭିନ୍ନ ବିଷୟମାନ ଯାହା ସେମାନେ କରିବେ । ସେ ଜାଣିଥିଲେ ଯେ ସେମାନେ ତାହା କରିବେ, ତେଣୁ ସେ କହିଥିଲେ, "ତେବେ କେବଳ ଗୋଟିଏ ମିନିଟ୍ ଅପେକ୍ଷା କର । ମୁଁ ତୁମକୁ ଅନାଥ କରି ଛାଡ଼ିଯିବାକୁ ଯାଉ ନାହିଁ, ମୁଁ ତୁମ ସହିତରେ ରହିବା ପାଇଁ ପୁନର୍ବାର ଆସୁଅଛି । ତେଣୁ," ସେ କହିଲେ, "ଯେଉଁ କର୍ମ ମୁଁ କରେ, ତୁମେମାନେ ମଧ୍ୟ କରିବ ।"

84 ପରମେଶ୍ୱରଙ୍କ ପାଇଁ ପବିତ୍ରଆତ୍ମା ପଠାଇବାର ଉଦ୍ଦେଶ୍ୟ ଥିଲା ଯେ ଏକ ଗୋଷ୍ଠୀ ମାଧ୍ୟମରେ ଜାରି ରଖିବା, ପରମେଶ୍ୱରଙ୍କୁ କ୍ରମାଗତ ଭାବରେ ଜଗତ ନିକଟରେ ପ୍ରକାଶ କରିବା । ତାହା ଅବିକଳ ଠିକ୍ । ଏକ ଧର୍ମମତ ଦ୍ୱାରା ନୁହେଁ, ନାମଧାରୀ ସଂସ୍ଥା ଦ୍ୱାରା ନୁହେଁ, କିନ୍ତୁ ତାହାଙ୍କର ପୁନରୁତ୍‌ଥାନର ଶକ୍ତି ଦ୍ୱାରା, ତାହାଙ୍କର ବାକ୍ୟକୁ ବାସ୍ତବ କରିବା ଦ୍ୱାରା; ତାହାଙ୍କର ପ୍ରତିଜ୍ଞାକୁ ଗ୍ରହଣ କରି, ସଂଖ୍ୟାଲଘୁଙ୍କ ପକ୍ଷରେ ଛିଡ଼ା ହୋଇ, ପରମେଶ୍ୱରଙ୍କୁ ବିଶ୍ୱାସ କରିବା; ଏବଂ କଳା ଆକାଶ ପଛକୁ ଘୁଞ୍ଚିବାର ଦେଖିବା, ଓ ପରମେଶ୍ୱରଙ୍କର ଶକ୍ତିକୁ ଭିତରକୁ ଆସି ତାକୁ ଅଧିକାର କରି ନେବାର ଦେଖିବା । ଆମେନ୍ । ତାହାହିଁ ଅଟେ ଯାହାକି ସେ ଚାହାଁନ୍ତି । ତାହା ହିଁ ଅଟେ ଯାହା ପାଇଁ କି ପବିତ୍ରଆତ୍ମାଙ୍କୁ ପ୍ରେରଣ କରା ଯାଇଥିଲା । ସେହି ଉଦ୍ଦେଶ୍ୟ ପାଇଁ ହିଁ ତାହାଙ୍କୁ ପ୍ରେରଣ କରା ଯାଇଥିଲା । ଆମେ ବର୍ତ୍ତମାନ ଜାଣୁ ଯେ ତାହା କଅଣ ଅଟେ, ଏବଂ ସେଇଥିପାଇଁ ହିଁ ତାହାଙ୍କୁ ପ୍ରେରଣ କରା ଯାଇଥିଲା ।

85 ତେଣୁକରି, ଅନ୍ୟ କୌଣସି ରକ୍ତ ଲୋକମାନଙ୍କୁ ପବିତ୍ର କରିବ ନାହିଁ । ମୁଁ ଆପଣଙ୍କୁ ପବିତ୍ର କରିପାରେ ନାହିଁ, ଏବଂ ଆପଣ ମୋତେ ପବିତ୍ର କରିପାରନ୍ତି ନାହିଁ, କାରଣ ଆମେ ଦୁହେଁ ଯୌନ ସମ୍ପର୍କରୁ ଜନ୍ମ ହୋଇଛୁ । ମାତ୍ର ଯୀଶୁ ଯୌନ ସମ୍ପର୍କ ବିନା ଜନ୍ମ ହୋଇଥିଲେ,

ତାହା ଠିକ୍, ତେଣୁ ତାହାଙ୍କର ରକ୍ତ ପବିତ୍ରକାରୀ ଥିଲା । ଏବଂ ପରମେଶ୍ୱର ତଳକୁ ଓହ୍ଲାଇ ଆସିଲେ, ଏକ ଶରୀର ତିଆରି କଲେ, ସେଥିରେ ବାସ କଲେ, ଏହାକୁ ପବିତ୍ର କରିବା ପାଇଁ ସେହି ରକ୍ତ ପାତିଲେ, ଯାହାକି ସମ୍ପୂର୍ଣ୍ଣରୂପେ ପାପ ଏବଂ ଲଜ୍ଜାର ଦୋଷକୁ ବହିଷ୍କାର କରି ଦେଇଥିଲା । ତାହାପରେ, ବିଶ୍ୱାସ ଜରିଆରେ, ସେଥିରେ ବିଶ୍ୱାସ କରି, ପରମେଶ୍ୱର ସେହି ରକ୍ତକୁ ପବିତ୍ରୀକୃତ କରିବା ଦ୍ୱାରା, ସେହି ମାନବ ଶରୀରକୁ ଓହ୍ଲାଇ ଆସନ୍ତି, ବିଶ୍ୱାସ ଦ୍ୱାରା, ତାଙ୍କଠାରେ ଅବ୍ରହାମଙ୍କ ବୀଜ ରଖି ଦିଅନ୍ତି ।

୫୬ ଏହା ବିଶ୍ୱାସ କରିବା ଯେ ସେହି ରକ୍ତ ଆସିବ, ସେହି ବିଶୁଦ୍ଧ ରକ୍ତ ଯାହାକି ତାହାଙ୍କର ରକ୍ତ ପରି ଚମତ୍କାର ହେବ, "ସେ ମୃତପ୍ରାୟଃ ଥିବା" ପରେ ସୁଦ୍ଧା ସେଠାକୁ ଚାଲି କରି ଗଲେ । ପଚିଶ ବର୍ଷ ପର୍ଯ୍ୟନ୍ତ ପରମେଶ୍ୱରଙ୍କୁ ବିଶ୍ୱାସ କଲେ, ସେ ପଞ୍ଚ-ସତୁରୀ ବର୍ଷ ବୟସରେ, ଆଉ ସେ ଶହେ ବର୍ଷ ହେବା ପର୍ଯ୍ୟନ୍ତ ବିଶ୍ୱାସ କରିଥିଲେ । ଏବଂ ସାରା, ପଇଁ-ଷଠି ବୟସର, ଏବଂ ସେ ନବେ ବର୍ଷ ପର୍ଯ୍ୟନ୍ତ ବିଶ୍ୱାସ କରିଥିଲେ । "ଏବଂ ସେ ମଧ୍ୟ ଜଣେ ମୃତପ୍ରାୟଃ ସଦୃଶ ଥିଲେ ।"

ଆଉ ପରମେଶ୍ୱର କହିଲେ, "ଯେପରିକି ଲୋକମାନେ ଏହାକୁ ନିଶ୍ଚିତରେ ଦେଖିବାରୁ ବଞ୍ଚିତ ନ ହୁଅନ୍ତି, ତାକୁ ପାହାଡ ଉପରକୁ ନିଅ ଓ ଏକ ବଳିଦାନ ନିମନ୍ତେ ଉତ୍ସର୍ଗ କର ।"

୫୭ ସେ ଦାସମାନଙ୍କୁ କହିଲେ, "ତୁମେ ଖଚର ସହିତ ଏଠାରେ ଛିଡ଼ା ହୋଇଥାଅ ଏବଂ ଅପେକ୍ଷା କର । ପୁଅ ଏବଂ ମୁଁ ସେଠାରେ ଉପରକୁ ଯିବୁ ଓ ଉପାସନା କରିବୁ, ଆଉ ପୁଅ ଓ ମୁଁ ଫେରିଆସିବୁ ।" ଓଃ, ସେ ଏହା କିପରି କରିବାକୁ ଯାଉଛନ୍ତି?

ଅବ୍ରହାମ କହିଲେ, "ମୁଁ ତାକୁ ମୃତମାନଙ୍କ ମଧ୍ୟରୁ ଜଣେ ଭାବରେ ପ୍ରାପ୍ତ କରିଅଛି । ଏବଂ ମୁଁ ଜାଣେ ଯେ ଯିଏ ମୋତେ ତାକୁ, ମୃତମାନଙ୍କ ମଧ୍ୟରୁ ଜଣକା ଭାବରେ ଦେଇଅଛନ୍ତି, ତାକୁ ମୃତ୍ୟୁରୁ ପୁନରୁତ୍‌ଥିତ କରିବାକୁ ସମର୍ଥ ଅଟନ୍ତି ଯଦି ମୁଁ କେବଳ ତାହାଙ୍କର ବାକ୍ୟ ପାଳନ କରେ । ପାଳନ କରିବା, ମୁଁ ତାହାଙ୍କ ବାକ୍ୟ ପାଳନ କରେ; ସେ ତାହାକୁ ମୃତ୍ୟୁରୁ ପୁନରୁତ୍‌ଥିତ କରିବାରେ ସକ୍ଷମ ଅଟନ୍ତି ।"

୫୮ ଖ୍ରୀଷ୍ଟଙ୍କ ବିଷୟରେ ସିଦ୍ଧ ଭାବରେ କହୁଛନ୍ତି! ସେ ସେଠାରେ ଅଛନ୍ତି । ଏବଂ ସେହି ରକ୍ତ କୋଷିକା ଦେଇ ପବିତ୍ରଆତ୍ମା ଆସିଥିଲେ, ଯିଏକି ନିଜେ ଯୀଶୁ ନାମକ ଏକ ଶରୀରରେ ବାନ୍ଧି ହୋଇ ରହିଥିଲେ । ସେହି ରକ୍ତ ବିଶ୍ୱାସ ଦ୍ୱାରା, ମୁକ୍ତି ପ୍ରାପ୍ତ ଲୋକମାନଙ୍କୁ, କିମ୍ବା ପରମେଶ୍ୱରଙ୍କ ମନୋନୀତ ଲୋକମାନଙ୍କୁ ଡାକିବା ପାଇଁ, ଏକ ମାର୍ଗ ପବିତ୍ରୀକୃତ କଲା । ଏବଂ ଯେତେବେଳେ ଆପଣ ଏହାକୁ ଗ୍ରହଣ କରିଥାନ୍ତି, ଓ ପବିତ୍ରଆତ୍ମା ଆପଣଙ୍କଠାରୁ ସମସ୍ତ ସ୍ୱାର୍ଥପରତାକୁ ବାହାର କରି ଦେଇଥାନ୍ତି, ସେତେବେଳେ ସେ, ପରମେଶ୍ୱର ସ୍ୱୟଂ, ତାହାଙ୍କର ଇଚ୍ଛାକୁ ସାଧନ କରିବା ପାଇଁ, ଭିତରକୁ ପ୍ରବେଶ କରନ୍ତି ।

୫୯ ଏଠାରେ ତଳେ, ସେହି ସ୍ୱାର୍ଥୀ ମାଲିକ ଚିଡ଼ଚିଡ଼ ହେଉଥାଏ; ଏବଂ ଏହି ଅନ୍ୟ ଜଣକ *ଅମୁକ-ଓ-ଅମୁକ* ଏଠାରେ *ଅମୁକ-ଓ-ଅମୁକ* କରୁଥାଏ; ଏବଂ ଏହି ବୃଦ୍ଧ ଲୋକ ଜଣକ ଏହା

ବିଷୟରେ, ତାହା ବିରୁଦ୍ଧରେ କହୁଥାଏ । ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଜଣେ ବ୍ୟକ୍ତି ଠିକ୍ ଏହାର ସମ୍ମୁଖରେ ଛିଡ଼ା ହେବେ । ଆମେନ୍ ।

90 "ଏବଂ ସେମାନେ ଧ୍ୟାନ ଦେଇଥିଲେ । ସେମାନେ ଅଜ୍ଞ ଏବଂ ଅଶିକ୍ଷିତ ଥିଲେ, ମାତ୍ର ସେମାନେ ଏହା ଧ୍ୟାନ ଦେଲେ ଯେ ସେମାନେ ଯୀଶୁଙ୍କ ସହିତରେ ଥିଲେ ।" ତାହା ପାଇଁ ହିଁ ତ ପବିତ୍ରଆତ୍ମା ଆସିଛନ୍ତି ।

91 ଜଣେ ସାନ ପୁରୁଣା ମାଛୁଆ ତାଙ୍କର ନାମର ଦସ୍ତଖତ କରିପାରୁ ନ ଥିଲେ । କିନ୍ତୁ ସେ ସେଠାରେ ଛିଡ଼ା ହୋଇ କହିଥିଲେ, "ଆମେ କାହାକୁ ବିଶ୍ୱାସ କରିବା, ମନୁଷ୍ୟ ନା ପରମେଶ୍ୱର?" ଆମେନ୍ । "ଏହା ଆପଣମାନେ ଜାଣନ୍ତୁ, ଆମେ ଏବେ ମଧ୍ୟ ଯୀଶୁଙ୍କ ନାମରେ ପ୍ରଚାର କରିବୁ ।" ମୋର ପ୍ରଭୁ, କେତେ ସାହସ! ସେ ଜାଣିଥିଲେ ଯେ ତାଙ୍କର—ତାଙ୍କର ସେଠାରେ ଏକ ଘର ରହିଥିଲା । ତାହା ଠିକ୍ । ସେ ଏଠାରେ ଜଣେ ତୀର୍ଥଯାତ୍ରୀ ଏବଂ ଜଣେ ବିଦେଶୀ ଥିଲେ । ସେ ଆସିବାକୁ ଥିବା ନଗରର ଅନ୍ୱେଷଣ କରୁଥିଲେ ।

ସେହି କପଟୀ ପୁରୋହିତ ତାଙ୍କ ପାଇଁ କଅଣ ଥିଲେ? ସେ ତ ସ୍ୱର୍ଗର ପରମେଶ୍ୱରଙ୍କ ଅଧୀନରେ ଥିଲେ, ଯିଏକି ତାହାଙ୍କର ପୁତ୍ର, ଖ୍ରୀଷ୍ଟ ଯୀଶୁଙ୍କୁ ପୁନରୁତ୍‌ଥିତ କରିଥିଲେ, ଏବଂ ତାହାଙ୍କୁ ଆକାଶ ଓ ପୃଥିବୀର ନିର୍ମାଣକାରୀ ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ପରିପୂର୍ଣ୍ଣ କରିଥିଲେ । ସେଠାରେ ଆପଣ ଅଛନ୍ତି । ସେ ତାଙ୍କୁ ଭୟ କରି ନ ଥିଲେ । ନା, ଆଜ୍ଞା । ମୃତ୍ୟୁ...

92 କାହିଁକି, ଯେତେବେଳେ ସେମାନେ ସେହି ଛୋଟ ପୁରୁଣା ସ୍ତିଫାନ୍‌ଙ୍କୁ ସେଠାକୁ ନେଇଗଲେ, ଏବଂ କହିଲେ, "ଏହାକୁ ଫେରାଇ ନିଅ!"

ସେ କହିଲେ, "ହେ ଶକ୍ତଗ୍ରୀବ, ପୁଣି ଅସୁନ୍ନତି ହୃଦୟ ଓ କର୍ଣ୍ଣବିଶିଷ୍ଟ ଲୋକେ, ଆପଣମାନେ ସର୍ବଦା ପବିତ୍ରଆତ୍ମାଙ୍କର ପ୍ରତିରୋଧ କରୁଅଛନ୍ତି । ଆପଣମାନଙ୍କର ପିତୃପୁରୁଷମାନେ ଯେପରି, ଆପଣମାନେ ମଧ୍ୟ ସେହିପରି ।"

ସେମାନେ କହିଲେ, "ଆମେ ତୁମକୁ ଜୀବନରେ ମାରିଦେବୁ!"

ସେ କହିଲେ, "ଆପଣମାନେ ତାହା କରିପାରନ୍ତି ନାହିଁ ଯଦି ଆପଣ..."

"ଆମେ ତୁମକୁ ଏହା ଦେଖାଇବୁ ଯେ ଆମେ ତାହା କରିପାରିବୁ କି ନାହିଁ!" ଏବଂ ସେମାନେ ବଡ଼ ବଡ଼ ପଥର ଉଠାଇଲେ ଓ ତାଙ୍କ ମୁଣ୍ଡରେ ଫୋପାଡିବାକୁ ଲାଗିଲେ ।

93 ସେ ଉପରକୁ ଚାହିଁଲେ, ଓ କହିଲେ, "ମୁଁ ସ୍ୱର୍ଗକୁ ଉନ୍ମୁକ୍ତ ଦେଖୁଅଛି । ମୁଁ ସୀଢୀକୁ ତଳକୁ ଆସୁଥିବାର ଦେଖୁଅଛି । ମୁଁ ଯୀଶୁଙ୍କୁ ତାହାଙ୍କର ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଠିଆ ହୋଇଥିବାର ଦେଖୁଅଛି ।" ଏବଂ ବାଇବଲ କୁହେ ନାହିଁ ଯେ ସେ ମୃତ୍ୟୁବରଣ କଲେ; ସେ ମହାନିଦ୍ରା ପ୍ରାପ୍ତ ହେଲେ । ଓଃ, ମୋର ପ୍ରଭୁ! ମୁଁ ଠିକ୍ ଦେଖିପାରୁଛି ଯେ ଜଣେ ଦୂତ ତଳକୁ ଓହ୍ଲାଇ ଆସିଲେ, ତାଙ୍କୁ ଏକ ଶିଶୁ ଭାବରେ ଉଠାଇ ନେଲେ, ଏକ ମାତା ସଦୃଶ, ଯେପର୍ଯ୍ୟନ୍ତ କି ସେ ଶୋଇ ନ ପଡିଲେ । ଓଃ, ମୋର ପ୍ରଭୁ! ନିଶ୍ଚିତରେ ।

94 ତାହାହିଁ ହେଉଛି ପବିତ୍ରଆତ୍ମାଙ୍କର ଉଦ୍ଦେଶ୍ୟ। ଏଇଥି ଯୋଗୁଁ ହିଁ ପରମେଶ୍ୱର ପବିତ୍ରଆତ୍ମାଙ୍କୁ ପଠାଇଥିଲେ। ପବିତ୍ରଆତ୍ମା ଆପଣଙ୍କୁ ଶକ୍ତି ଦେବା ପାଇଁ ଆସିଥାନ୍ତି। ମୋ ପାଖରେ ଏଠାରେ ଆଉ କିଛି ଶାସ୍ତ୍ରାଂଶ ଅଛି, ମାତ୍ର ଗୋଟିଏ ମିନିଟ୍। ପବିତ୍ରଆତ୍ମା ଆପଣଙ୍କୁ ଶକ୍ତି ଦେବା ପାଇଁ ଆସିଥାନ୍ତି। ମୁଁ—ମୁଁ ନୁହେଁ...ଆପଣ ଏହାକୁ ପାଇପାରିବେ; ଆଜି ରାତିରେ, ମୁଁ ବହୁତ ଦୂରରେ ଅଛି।

ଆପଣଙ୍କୁ ଶକ୍ତି, ପ୍ରାର୍ଥନାରେ ଶକ୍ତି ଦେବା ପାଇଁ ଆସିଥାନ୍ତି!

95 ଆପଣ ଜଣେ ବ୍ୟକ୍ତିଙ୍କୁ ନିଅନ୍ତୁ ଯିଏକି ଏକ ଭଲ ଜୀବନ ଯାପନ କରିଛନ୍ତି, କିନ୍ତୁ ସେମାନେ ସର୍ବଦା ପରାଜିତ ହୋଇଥାନ୍ତି। "ଓଃ, ମୁଁ ଆପଣଙ୍କୁ କହୁଛି..." ଭଲ ବ୍ୟକ୍ତି, "ଓଃ, ନିଶ୍ଚିତ, ମୁଁ ପ୍ରଭୁଙ୍କୁ ପ୍ରେମ କରେ, ଭାଇ ବ୍ରାନହାମ୍।" ସର୍ବଦା ପରାଜିତ ହୋଇଥାଏ, ସେମାନେ ତାଙ୍କର କୌଣସି ପ୍ରାର୍ଥନାର ଉତ୍ତର ପାଆନ୍ତି ନାହିଁ।

ଆପଣ ସେହି ସାନ ସ୍ତ୍ରୀଲୋକକୁ ଥରେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ କରି ଦିଅନ୍ତୁ, ତାହାପରେ ଦେଖନ୍ତୁ ଯେ କଅଣ ଘଟିବ। ଯେତେବେଳେ ସେ ପରମେଶ୍ୱରଙ୍କ ସମ୍ମୁଖକୁ ଯାଏ, ସେ ପରାଜିତ ହୁଏ ନାହିଁ। ସେ ସାହସର ସହିତ ପରମେଶ୍ୱରଙ୍କ ସିଂହାସନ ନିକଟକୁ, ବିଶ୍ୱାସ କରି ଆସିଥାଏ। ତାହାର ଏକ ଅଧିକାର ଅଛି କାରଣ ସେ ଏକ ଜନ୍ମ ଦ୍ୱାରା, ପରମେଶ୍ୱରଙ୍କ ଏକ କନ୍ୟା ଅଟେ।

ସେହି ସାନ ଲୋକଟିକୁ ନିଅନ୍ତୁ, ଏତେ ଭୀରୁ, ମାଲିକ ତାକୁ ସବୁଆଡ଼େ ଲାତ ମାରେ। ଧରି ନିଅନ୍ତୁ, "ତେବେ ଏଠାରେ ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ।" କିଛି ଗୋଟାଏ ବଦଳିଗଲା, ଦେଖନ୍ତୁ, ସେ ପବିତ୍ରଆତ୍ମା ପାଇଛନ୍ତି। ଏହା ଆପଣଙ୍କୁ ଶକ୍ତି ପ୍ରଦାନ କରେ। ଆପଣଙ୍କର ଜୀବନ ଶକ୍ତିରେ ପରିପୂର୍ଣ୍ଣ ହୋଇଯାଏ।

ଏହା ଆପଣଙ୍କୁ ବକ୍ତାପଣରେ ଶକ୍ତି ପ୍ରଦାନ କରେ।

96 କାହିଁକି, ମୋର ପ୍ରଭୁ, ସେହି ଲୋକମାନେ ଯେଉଁମାନେକି ଭୟଭୀତ ଥିଲେ, ସେଠାରେ ଠିଆ ହୋଇଥିଲେ; ପିତର, ଯାକୁବ, ଯୋହନ, ଲୂକ, ଏବଂ ଅନ୍ୟାନ୍ୟ ସମସ୍ତେ। ସେମାନେ ସେହି ଉପର କୋଠରୀରେ ରହିଥିଲେ, କହିଥଲେ, "ଓଃ, ଆମେ ଆଉ କିଛି କହିପାରିବୁ ନାହିଁ। ସେମାନେ, ସେଠାରେ ଦେଖନ୍ତୁ, ସେଠାରେ ଡାକ୍ତର *ଅମୁକ-ଓ-ଅମୁକ* ଏବଂ ଅନ୍ୟାନ୍ୟ କେହି ଅଛନ୍ତି। ସେଠାରେ ରାବ୍ବୀ *ଅମୁକ-ଓ-ଅମୁକ* ଏବଂ ଅନ୍ୟାନ୍ୟ କେହି ଅଛନ୍ତି। ଆପଣ ଜାଣନ୍ତି, ତାଙ୍କ ପାଖରେ ବିଦ୍ୟାଳୟର ଚାରୋଟି ଉପାଧି ଅଛି; ଆମେ ତାଙ୍କ ବିରୁଦ୍ଧରେ କିପରି ଠିଆ ହେବା?" ପିତର କହିଲେ, "ଓଃ, ମୋର ମନେ ଅଛି ସେହି ବ୍ୟକ୍ତି ଦିନେ ମାଛ ବିକ୍ରି କରୁଥିଲେ। ସେ, ସେ କହିଲେ, ଆଉ ମୁଁ ଏହା ସୁଦ୍ଧା ଜାଣିଲି ନାହିଁ ଯେ ସେ କଅଣ କହୁଛନ୍ତି। ଓଃ, ମୁଁ ତାଙ୍କ ବିରୁଦ୍ଧରେ କଦାପି ଠିଆ ହୋଇପାରିବି ନାହିଁ।" କିନ୍ତୁ କଅଣ କଲା...

"ଭାଇମାନେ, ଆମେ କଅଣ କରିପାରିବା?"

"ସେ କହିଲେ, 'ଅପେକ୍ଷା କର ।'"

"ତେବେ, ଆମର ଏଠାରେ ରହିବାର ଚାରି ଦିନ ହୋଇସାରିଲାଣି ।"

"କେବଳ ଅପେକ୍ଷା କରି ରହିଥାଅ ।"

"କେତେ ଦିନ?"

"ଯେପର୍ଯ୍ୟନ୍ତକି ।"

"ତେବେ, କଅଣ ସେ କହିଥିଲେ ଯେ ତାହା ପଞ୍ଚମ ଦିନରେ ହେବ?"

"କେତେ ଦିନ ପର୍ଯ୍ୟନ୍ତ ସେ କେବେ କହି ନାହାଁନ୍ତି । ସେ କହିଲେ, 'ଯେପର୍ଯ୍ୟନ୍ତ ।'"

ତେବେ, ସେମାନେ କେବଳ ଅପେକ୍ଷା କରି ରହିଲେ । କେତେ ଦିନ? "ଯେପର୍ଯ୍ୟନ୍ତକି ।" ଆଠ ଦିନ ବିତିଗଲା । "ଯେପର୍ଯ୍ୟନ୍ତକି ।" ନଅ ଦିନ ବିତିଗଲା । "ଯେପର୍ଯ୍ୟନ୍ତକି ।"

> *ପେଣ୍ଟିକଷ୍ଟ ଦିବସ* ଉପସ୍ଥିତ *ହୁଅନ୍ତେ, ସମସ୍ତେ* ଏକ ସ୍ଥାନରେ, ସମବେତ ଥିଲେ ।

97 ପରମେଶ୍ୱର ଏକ ଜ୍ୱଳନ୍ତ ମେଘରେ, ସେମାନଙ୍କ ଉପରେ ରହି ଆସିଥିଲେ; ପରମେଶ୍ୱର ସେମାନଙ୍କ ସହିତ, ପୃଥିବୀରେ ଚଲାବୁଲା କରିଥିଲେ; ତେବେ ଆଉ କିଛି ଘଟିବାକୁ ଯାଉଥିଲା । କିଛି ଗୋଟାଏ ଘଟିବାକୁ ଯାଉଅଛି ।

> ...*ସମସ୍ତେ ଏକ ସ୍ଥାନରେ*, ସମବେତ ଥିଲେ ।

> *ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ... ଅକସ୍ମାତ୍ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ ସେହି ଗୃହର ସର୍ବତ୍ର ବ୍ୟାପିଗଲା ।*

> *...ବିଭାଜିତ ଜିହ୍ୱାଗୁଡିକ...ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ...ଅଧିଷ୍ଠିତ ହେଲା ।*

*ବିଭାଜିତ* କଅଣ ଅଟେ? "ବିଭକ୍ତ ।" ଖନାଉଥିବା ପରି, କଅଣ ଆପଣ କେବେ କାହାରିକୁ ଖନାଉଥିବାର ଶୁଣିଛନ୍ତି କି? ସେମାନେ ଯାଆନ୍ତି, "ଉ-ଉ-ଉ, ଓଃ, ଉ-ଉ," ଦେଖନ୍ତୁ, ସେମାନେ କିଛି କହିପାରନ୍ତି ନାହିଁ। "ବିଭାଜିତ, ବିଭକ୍ତ ।" *ଏକ ବିଭାଜିତ* ଖୁରା ପରି, ଏହାର ଅର୍ଥ ହେଉଛି ଏପରି କିଛି ଯାହାକି "ବିଭକ୍ତ, ବିଭାଜିତ ।" ସେମାନେ କଥାବାର୍ତ୍ତା କରୁ ନ ଥିଲେ । ସେମାନେ ଗପଶପ କରୁ ନ ଥିଲେ । ସେମାନେ ଆଉ କିଛି ନୁହଁ ବରଂ କେବଳ ପାଟିତୁଣ୍ଡ କରୁଥିଲେ ।

> ...ଅଗ୍ନିସ୍ୱରୂପ, *ବିଭାଜିତ ଜିହ୍ୱାଗୁଡ଼ିକ* ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । (ଓଃ, ସେମାନେ ନିଜକୁ ସମ୍ଭାଳି ପାରି ନ ଥିଲେ!)

> *ସେଥିରେ ସମସ୍ତେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହେଲେ,...*(ହ୍ଭ୍ୟା!)

୭୪ ତାହାପରେ କଅଣ ହେଲା? ସେମାନେ ରାସ୍ତାରେ ବାହାରି ଗଲେ । "ସେହି ରାବ୍ବୀ ଜୋନ୍ସ କେଉଁଠାରେ? ସେହି ବ୍ୟକ୍ତି କେଉଁଠାରେ ଅଛନ୍ତି? ଏବଂ ସେହି ବୌଦ୍ଧିକ ମହାମାନବ କେଉଁଠାରେ ଅଛନ୍ତି?"

"ପରମେଶ୍ୱର ଜ୍ୱଳନ୍ତ ବୁଦାରେ, ମୋଶାଙ୍କ ସହିତରେ ରହି, ଆମମାନଙ୍କ ଉପରେ ଥିଲେ; ସେ ଆମକୁ ସର୍ବୋଚ୍ଚରୁ ମାନ୍ନା, ଖାଇବାକୁ ଦେଇଥିଲେ । ସେ ଆମ ସହିତ ସାଢ଼େ ତିନି ବର୍ଷ ଗମନାଗମନ କଲେ...ତିନି ବର୍ଷ ଓ ଛଅ ମାସ, ଏଠାରେ ପୃଥିବୀରେ । ମାତ୍ର ବର୍ତ୍ତମାନ ସେ ମୋ ଭିତରେ ଅଛନ୍ତି । ଏହା ମୁଁ ନୁହେଁ ଯିଏ କି ତାହା କହୁଅଛି; ଏହା ତ ସେ ଅଟନ୍ତି । ମୁଁ ଜାଣେ ଯେ ସେ କିଏ ଅଟନ୍ତି, ଏବଂ ମୁଁ ଜାଣେ ମୁଁ କିଏ ଅଟେ । ମୁଁ ଆଉ ଅଧିକ ନୁହେଁ; ସେ ଅଟନ୍ତି ।"

> ତାଙ୍କୁ ଏଠାକୁ ଉପରକୁ ଆଣ! *ହେ ଇସ୍ରାଏଲୀୟ* ଲୋକମାନେ, *ଏବଂ...* *ତୁମେ* *ଯିହୁଦୀ* ଲୋକେ, ଆପଣମାନେ ଏହା *ଜ୍ଞାତ ହେଉନ୍ତୁ—ଜ୍ଞାତ ହେଉନ୍ତୁ, ଓ ମୋହର କଥାରେ କର୍ଣ୍ଣପାତ* କରନ୍ତୁ, ହେ ସମସ୍ତ ପ୍ରଚାରକ ଓ ରାବ୍ବୀଗଣ ।

ହ୍ୟୁ! ମୋର ପ୍ରଭୁ! ବକ୍ତାପଣର ଶକ୍ତି! ଓଃ! "ଏମାନେ ମଦ୍ୟପାନ କରି ନାହାଁନ୍ତି!" ଦଶ ହଜାର କିମ୍ବା ତାହାଠାରୁ ଅଧିକ ଅପେକ୍ଷା, ସେହି ଛୋଟ ସଂଖ୍ୟାଲଘୁ, ଶହେ କୋଡ଼ିଏ ଜଣଙ୍କୁ ଗ୍ରହଣ କରୁଛନ୍ତି ।

> ...*ଆପଣମାନେ ଯେପରି ମନେ* କରୁଅଛନ୍ତି, *ଏମାନେ* ସେପରି *ମାତାଲ୍ ନୁହଁନ୍ତି* ଯେଣୁ ବର୍ତ୍ତମାନ *ସମୟ ସକାଳ ନଅ ଘଣ୍ଟା ମାତ୍ର ।*

> ମୁଁ ଜଣେ ପୂର୍ଣ୍ଣ ସୁସମାଚାର ପ୍ରଚାରକ ଅଟେ । *କିନ୍ତୁ* ଯୋୟେଲ୍ *ଭାବବାଦୀଙ୍କୁ ଦ୍ୱାରା* ଯାହା ଉକ୍ତ *ଅଛି ଏ ସେହି* ଘଟଣା*;*

> ...*ପରମେଶ୍ୱର କୁହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ* (ହ୍ୟୁ) *ଉପରେ...ଆତ୍ମା ବୃଷ୍ଟି କରିବା: ସେଥିରେ ତୁମ୍ଭମାନଙ୍କର... ତୁମେ* ମରିୟମଙ୍କୁ ସେଠାରେ ଆତ୍ମାରେ ନାଚୁଥିବାର, ପରଭାଷାରେ କଥା କହୁଥିବାର ଏବଂ ବିଭିନ୍ନ ବିଷୟ କାର୍ଯ୍ୟକାରୀ କରୁଥିବାର ଦେଖିଛ?...*ସମସ୍ତ ମର୍ତ୍ତ୍ୟ ଉପରେ:...*

> ...*ଏବଂ* ଆମ୍ଭେ *ନିଜ* ଦାସଦାସୀମାନଙ୍କ ଉପରେ *ଆପଣା ଆତ୍ମା...ବୃଷ୍ଟି କରିବା;...*

> ...ଆମ୍ଭେ *ଉର୍ଦ୍ଧ୍ୱସ୍ଥ* ଆକାଶରେ ନାନା ଲକ୍ଷଣ, *ପୁଣି...ଅଧସ୍ଥ* ପୃଥିବୀରେ;... *ଅଗ୍ନିସ୍ତମ୍ଭମାନ, ଏବଂ ନିବିଡ଼ ଧୂମ ଦେଖାଇବା:*

ପରମେଶ୍ୱର ତେବେ ଆପଣା ଲୋକମାନଙ୍କ ମଧ୍ୟରେ ଥିଲେ । ଆମେନ୍ ।

"ତେବେ, ବର୍ତ୍ତମାନ, ଆପଣଙ୍କର କେଉଁ ଶିକ୍ଷାଗତ ଯୋଗ୍ୟତା ଅଛି? ଆପଣ କେଉଁଠାରୁ, କେଉଁ ବିଦ୍ୟାଳୟରୁ ଆସିଛନ୍ତି?"

99 "ତାହା ବର୍ତ୍ତମାନ କୌଣସି ଫରକ୍ ପକାଏ ନାହିଁ।" ଓଃ, ସେ ଶାସ୍ତ୍ରାଂଶ ଅଜାଡିବା ଆରମ୍ଭ କଲେ।

> (ଦାଉଦ ତାହାଙ୍କୁ ପୂର୍ବରୁ ଦର୍ଶନ କରିଥିଲେ!)...*ସର୍ବଦା ମୋହର ସମ୍ମୁଖରେ ପ୍ରଭୁଙ୍କୁ*...*ବିଚଳିତ ହେବି ନାହିଁ:*
>
> ...*ଅଧିକନ୍ତୁ ମୋହର ହୃଦୟ* ପ୍ରଫୁଲ୍ଲ ଉଲ୍ଲସିତ ଅଟେ, କାରଣ...*ଓ ମୋହର ଜିହ୍ୱା* ଉଲ୍ଲସିତ ହେଲା;
>
> ...ସେ *ମୋହର ପ୍ରାଣକୁ ପାତାଳରେ ପରିତ୍ୟାଗ କରିବେ ନାହିଁ, କିମ୍ବା* ସେ ନିଜର *ପବିତ୍ରଜନକୁ କ୍ଷୟ ପାଇବାକୁ ଦେବେ ନାହିଁ।*
>
> ...*ପିତୃକୁଳପତି ଦାଉଦଙ୍କ ବିଷୟରେ ମୁଁ ଆପଣମାନଙ୍କୁ ମୁକ୍ତ କଣ୍ଠରେ କହିପାରେ,...ସେ ମଲେ ପୁଣି ସମାଧିପ୍ରାପ୍ତ ହେଲେ, ଆଉ ତାଙ୍କର ସମାଧି ଆଜି...ଆମ୍ଭମାନଙ୍କ ମଧ୍ୟରେ ଅଛି।*

କିନ୍ତୁ ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ଦ୍ୱାରା...ସେ ସେହି ଧାର୍ମିକ ଜନର ଆଗମନ ବିଷୟ ପୂର୍ବରୁ ଦର୍ଶନ କରି ସାରିଥିଲେ।

> ...ଏବଂ ଆପଣ ଏହା ଜାଣି ରଖନ୍ତୁ, *ଯେ ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲେ,* ତାହାଙ୍କୁ *ପରମେଶ୍ୱର* ଏହି ସମାନ ଯୀଶୁଙ୍କୁ, *ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି।* (ଆମେନ୍!)

100 "ପୁରୁଷ ଓ ଭାଇମାନେ, ତାହାହେଲେ ପରିତ୍ରାଣ ପାଇବା ପାଇଁ ଆମେ କଅଣ କରିପାରିବା?"

> ...କହିଲେ, ଆପଣମାନେ ପ୍ରତ୍ୟେକେ, *ମନପରିବର୍ତ୍ତନ କରନ୍ତୁ,* ଆଉ ନିଜ ନିଜ ପାପ *କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ* ବାପ୍ତିଜିତ ହେଉନ୍ତୁ, *ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବ।*
>
> *କାରଣ ଏହି ପ୍ରତିଜ୍ଞା ଆପଣଙ୍କ ନିମନ୍ତେ, ଆପଣମାନଙ୍କର ସନ୍ତାନସନ୍ତତିମାନଙ୍କ ନିମନ୍ତେ, ପୁଣି* ଦୂରବର୍ତ୍ତୀ ଯେତେ *ଲୋକଙ୍କୁ, ପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର* ଆପଣା *ନିକଟକୁ ଡାକିବେ ସେହିସମସ୍ତଙ୍କ ନିମନ୍ତେ।* (ଆମେନ୍।)

101 ଯେପର୍ଯ୍ୟନ୍ତ ପରମେଶ୍ୱରଙ୍କ ପାଖରେ ଏକ ଲୋକ ଅଛନ୍ତି, ପରମେଶ୍ୱରଙ୍କର ଏକ ମଣ୍ଡଳୀ ଅଛି, ତାହା ସହିତ ପବିତ୍ରଆତ୍ମା ଗମନ କରୁଥିବାର ପରମେଶ୍ୱରଙ୍କ ପାଖରେ ଅଛନ୍ତି। ତାହା ପାଇଁ ହିଁ ତ ପରମେଶ୍ୱର ପବିତ୍ରଆତ୍ମାଙ୍କୁ ଦେଇଛନ୍ତି। ବୁଦ୍ଧିଜୀବୀମାନେ ବୃଦ୍ଧି ପାଇବେ; ସର୍ବଦା ପାଇଛନ୍ତି। କିନ୍ତୁ ପରମେଶ୍ୱରଙ୍କ ପାଖରେ କୌଣସି ସ୍ଥାନରେ ସଂଖ୍ୟାଲଘୁ ଅଛନ୍ତି। ପରମେଶ୍ୱରଙ୍କର ଏକ ଛୋଟ ମଣ୍ଡଳୀଟିଏ ଅଛି ଯାହାକି ଆଲୋକକୁ ଦାବି କରିବା ପାଇଁ, ଠିକ୍

ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ସହିତ ଆଗକୁ ବଢିବ । ଏବଂ ସେମାନେ ହିଁ ହେବେ ଯେଉଁମାନେକି, ସେମାନଙ୍କର ସାକ୍ଷ୍ୟ ମାଧ୍ୟମରେ, ଜଗତର ବିଚାର କରିବେ ।

କଅଣ ବାଇବଲ କୁହେ ନାହିଁ ଯେ ଯୀଶୁ କହିଥିଲେ, "ହୃଦୟରେ ବିଶୁଦ୍ଧ ଲୋକମାନେ ଧନ୍ୟ; ସେମାନେ ପରମେଶ୍ୱରଙ୍କୁ ଦର୍ଶନ କରିବେ"? ଏବଂ କଅଣ ଏହା କୁହେ ନାହିଁ, ଯେ, "ଧାର୍ମିକ, ସାଧୁମାନେ ପୃଥିବୀର ବିଚାର କରିବେ"? ନିଶ୍ଚିତରେ ।

ଆପଣମାନଙ୍କର ସାକ୍ଷ୍ୟ ଆଜି ଏହି ସହର ବିରୁଦ୍ଧରେ ବିଚାରକୁ ଆଣିବ । ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଏବଂ ପରମେଶ୍ୱରଙ୍କ ଶକ୍ତି, ଏକ ପବିତ୍ର ଜୀବନ ବିଷୟକ ଆମର ସାକ୍ଷ୍ୟ, ଏହି ନଗର ବିରୁଦ୍ଧରେ ବିଚାରକୁ ଆଣିବ । ଯେତେବେଳେ ଏହା...

102 "ଯେଉଁମାନେ ପ୍ରଥମେ ଥିଲେ ଶେଷ ହେବ; ଯେଉଁମାନେ ଶେଷ ଥିଲେ ସେମାନେ ପ୍ରଥମ ହେବେ ।" ମୁଁ ସେଙ୍କି ଏବଂ ମୁଡି ବିଷୟରେ, ସେମାନଙ୍କ ପୁନରୁତ୍‌ଥାନରେ କିଛି ଜାଣିବି ନାହିଁ । ଏହି ବିଷୟରେ, ସେମାନେ ମୋ ବିଷୟରେ କିଛି ଜାଣିବେ ନାହିଁ । ମାତ୍ର ସାକ୍ଷ୍ୟ ଦେବା ପାଇଁ, ମୁଁ ଏଥିରେ ଠିଆ ହେବି; ଆପଣମାନେ ମଧ୍ୟ ଠିକ୍ ସେହିପରି କରିବେ ।

ଏବଂ ତାହା ଦ୍ୱାରା, ଆପଣଙ୍କର ଆଲୋକର ବିକୀରଣ ଦ୍ୱାରା, ଏବଂ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା, ଏବଂ ଆପଣ ବଞ୍ଚି ରହିଥିବା ଜୀବନଗୁଡିକ ଦ୍ୱାରା, ଏବଂ ସେହି ବିଷୟଗୁଡିକ ଦ୍ୱାରା ଯାହାକି ପରମେଶ୍ୱର ଏହା ପ୍ରମାଣ କରିବା ପାଇଁ କରୁଛନ୍ତି ଯେ ସେ ଏଠାରେ ଗମନାଗମନ କରୁଅଛନ୍ତି; ଆଉ ସେମାନଙ୍କର ବୌଦ୍ଧିକ ଜ୍ଞାନ ସହିତ, ଏହାଠାରୁ ଦୂରେଇ ଗଲେ; ସେମାନେ ସାଧୁମାନଙ୍କ ଦ୍ୱାରା ବିଚାର କରାଯିବେ । ସେମାନେ ପୂର୍ବରୁ ବିଚାର କରାଯାଇ ସାରିଛନ୍ତି । ସେମାନେ ଏହା ଅତିକ୍ରମ କରିସାରିଛନ୍ତି । ଓଃ, ମୋର ପ୍ରଭୁ!

103 ମୁଁ ପ୍ରାର୍ଥନାର ଶକ୍ତି, ବକ୍ତାପଣର ଶକ୍ତି, ଏକ ପବିତ୍ର ଜୀବନ ପାଇଁ ଶକ୍ତି ଉପରେ କଥାବାର୍ତ୍ତା କରୁଥିଲି । ଆମେନ୍ । ତାହା ହିଁ ଅଟେ ଯାହାକି ପବିତ୍ରଆତ୍ମାଙ୍କୁ କରିବାକୁ ଅଛି ।

104 ଆପଣମାନଙ୍କ ମଧ୍ୟରୁ କେତେକ ଲୋକ ବୁଲୁଛନ୍ତି, କୁହନ୍ତି, "ତେବେ, ମୁଁ ମଦ୍ୟପାନ ଛାଡି ହିଁ ପାରେ ନାହିଁ । ମୁଁ *ଏହାକୁ* ଛାଡି ହିଁ ପାରିବି ନାହିଁ ।"

ପବିତ୍ରଆତ୍ମା ଆପଣଙ୍କ ଭିତରେ ରହିବା ପାଇଁ ଆସନ୍ତି, ଏହି ସବୁ *ହୋଇ ନ ପାରୁଥିବା* ବିଷୟଗୁଡ଼ିକୁ ଆପଣଙ୍କଠାରୁ ଦୂରେଇ ନେଇ ଯିବା ପାଇଁ ଆସନ୍ତି । ତାହା ଠିକ୍ । ମହିଳାମାନଙ୍କୁ କେଶ କାଟିବାକୁ ବନ୍ଦ କରିବା ପାଇଁ, ସେମାନଙ୍କୁ ଛୋଟ ଛୋଟ ପେଣ୍ଟ ଏବଂ ଚିପା ସ୍ଲାକ୍ ପିନ୍ଧିବାରୁ ବନ୍ଦ କରିବା ପାଇଁ । କୌଣସି ବାହାନା ନାହିଁ । ସେମାନଙ୍କୁ ପରଚର୍ଚ୍ଚା କରିବାକୁ ବନ୍ଦ କରିବା ପାଇଁ । ଓଃ, ହଁ, ତାହା ପାଇଁ ତ ଏହା ଅଟେ, ଆପଣଙ୍କୁ ଏକ ପବିତ୍ର ଜୀବନ ଯାପନ କରିବା ପାଇଁ । ଏହା ପ୍ରତ୍ୟେକ ଥର ବାଇବଲର ନିର୍ଦ୍ଦେଶଗୁଡିକୁ ଅନୁସରଣ କରିବ ।

105 ଜଣେ ମହିଳା କୁହନ୍ତି, "ଏହା ଅତ୍ୟଧିକ ଗରମ ଅଟେ; ମୋତେ ତ ଏଗୁଡିକ କେବଳ ପିନ୍ଧିବାକୁ ହିଁ ଅଛି । ଯଦି ମୁଁ ମୋର କେଶକୁ ବଢିବାକୁ ଦେବି ତେବେ ମୋର ମୁଣ୍ଡବିନ୍ଧା ହୁଏ ।"

ମାତ୍ର ପବିତ୍ରଆତ୍ମା ସହିତ କୌଣସି ବାହାନା ଚଳେ ନାହିଁ। ଏହା ତ ତାହାକୁ ସେହିପରି କରିବା ପାଇଁ ହିଁ ସେଠାରେ ଅଛି। ଏହା ତ ବାକ୍ୟକୁ ଅବିକଳ ଠିକ୍ ଭାବରେ ଅଣୁଗମନ କରିବ। ତାହା ହିଁ ତ କରିବା ପାଇଁ ପବିତ୍ରଆତ୍ମା ଅଛନ୍ତି।

ଏହା ଆପଣ ପୁରୁଷମାନଙ୍କୁ ଅର୍ଦ୍ଧ-ନଗ୍ନ ସ୍ତ୍ରୀମାନଙ୍କଠାରୁ ମୁଣ୍ଡକୁ ଘୁରାଇ ଦେବା ପାଇଁ, ଏବଂ ସେମାନଙ୍କ ପ୍ରତି କାମାସକ୍ତ ଭାବନା ଛାଡିବାକୁ ବାଧ୍ୟ କରିବା ପାଇଁ, ଏବଂ ଜଣେ ମଣ୍ଡଳୀ ସଦସ୍ୟ ହେବାରୁ ଛାଡିବାପାଇଁ ଅଛି। ଏହା ହିଁ ଅଟେ ଯାହାକି ତାହା କରିବା ପାଇଁ ଅଛି।

106 ଏହା ଆପଣଙ୍କୁ ଧୂମପାନ କରିବା ଏବଂ ମଦ ପିଇବାକୁ ପରିତ୍ୟାଗ କରିବା ପାଇଁ, ଏବଂ ହେବାକୁ...ଏକ ବଡ ଲୋକ ହେବା ବିଷୟକୁ ପରିତ୍ୟାଗ କରିବା ପାଇଁ ଅଟେ। ଏହା ଆପଣଙ୍କଠାରୁ ତାହା ବାହାର କରି ନେବ। ଯେତେବେଳେ ଆପଣ ତାହା କରିବେ ଏହା ଆପଣଙ୍କୁ ନମ୍ର କରିଦେବ। ତାହାରି ପାଇଁ ତ ପବିତ୍ରଆତ୍ମା ଅଛି। ଏହା ଏକ ପବିତ୍ର ଜୀବନ ପାଇଁ ଅଟେ। ତାହା ଠିକ୍। ଆପଣଙ୍କୁ ଗପସପ କରିବାର ପରିତ୍ୟାଗ କରିବା ପାଇଁ ଅଟେ। ଆପଣଙ୍କୁ ତାଶପତା ଖେଳିବା, ପଶାକାଠି ଫିଙ୍ଗିବା, ଏବଂ ଅନ୍ୟାନ୍ୟ ଏହି ସମସ୍ତ ବିଷୟଗୁଡିକୁ ପରିତ୍ୟାଗ କରାଇବା ପାଇଁ ଅଟେ ଯାହାକି ଆପଣ ଏଠାରେ କୋଣରେ କରୁଥାନ୍ତି।

ଏହା ଆପଣଙ୍କୁ ଆପଣ କରୁଥିବା ସେହି ପ୍ରକାର ବ୍ୟବହାରଠାରୁ, ନିଜ ପତ୍ନୀଙ୍କ ପ୍ରତି ଅସତ୍ ଆଚରଣ କରୁଥିବାଠାରୁ ଅନ୍ୟତ୍ର ପରିତ୍ୟାଗ କରାଇଦେବ। ତାହା ହିଁ ଅଟେ ଯାହାକି ଏହା କରିବ। ତାହା ଠିକ୍। ଏହା ଆପଣଙ୍କୁ ଅନ୍ୟର ପତ୍ନୀଙ୍କୁ ବିବାହ କରିବାର ଇଚ୍ଛାକୁ ପରିତ୍ୟାଗ କରାଇଦେବ। ତାହା ଠିକ୍ ଅଟେ।

ଏହା ହିଁ ହେଉଛି ତାହା ଯାହାକି ଏହା ଅଟେ। ଏହା ଆପଣଙ୍କୁ ଏକ ପବିତ୍ର ଜୀବନ ଯାପନ କରିବା ପାଇଁ ଅଟେ। ତାହାରି ପାଇଁ ତ ପବିତ୍ରଆତ୍ମା ଶକ୍ତି ପ୍ରଦାନ କରନ୍ତି, "ଉର୍ଦ୍ଧ୍ୱସ୍ଥ ବିଷୟଗୁଡ଼ିକ ଉପରେ ଆସକ୍ତ ହେବାକୁ," ଯେଉଁଠାରେ ପରମେଶ୍ୱର ଠିଆ ହୋଇଥାନ୍ତି...?...ଆପଣଙ୍କ ଭିତରେ ଖ୍ରୀଷ୍ଟଙ୍କ ମନ ଥାଏ। ଆପଣ ସେହି ବିଷୟଗୁଡିକ ଦେଖିବାରୁ ବଞ୍ଚିତ ହୋଇପାରନ୍ତି ନାହିଁ; ଯେତେବେଳେ ଆପଣ ସେଗୁଡିକୁ ଦେଖନ୍ତି, ଆପଣ ନିଜର ମୁଣ୍ଡକୁ ଘୁରାଇ ଦିଅନ୍ତି। ତାହା ଠିକ୍। ଏହା ଆପଣଙ୍କୁ ଗଢିବା ପାଇଁ ଅଟେ।

107 ଆପଣ କୁହନ୍ତି, "ମୁଁ ଏହା କରିପାରେ ନାହିଁ। ଓଃ, ମୁଁ ଏହା କରି ହିଁ ପାରେ ନାହିଁ।" ନିଶ୍ଚିତରେ, *ଆପଣ* କରିପାରନ୍ତି ନାହିଁ।

ମାତ୍ର ପବିତ୍ରଆତ୍ମା ସେହି ଉଦ୍ଦେଶ୍ୟ ପାଇଁ ହିଁ ଆସିଛନ୍ତି। ତାହା ହିଁ ଥିଲା ଯାହାକି ଏହା କରିଥିଲା। ଏହା ଆପଣଙ୍କଠାରୁ ତାହା ବାହାର କରିବା ପାଇଁ ଆସିଥିଲା, ସେହି ସମସ୍ତ ପୁରୁଣା ଅଭ୍ୟାସଗୁଡିକ ଓ ବିଷୟଗୁଡିକ ଯାହା ଆପଣ କରୁଛନ୍ତି।

ସେହି ପୁରୁଣା ପର-ଚର୍ଚ୍ଚା କରିବା, ନିଜକୁ ଅଲଗା କରି ନେବା, ଓ କହିବା, "ପରମେଶ୍ୱର ଧନ୍ୟ ହେଉନ୍ତୁ, ମୁଁ ଜଣେ ମେଥୋଡିଷ୍ଟ ଅଟେ, ମୋର ସେହି ପୁରୁଣା ପବିତ୍ର-ପାଖଣ୍ଡମାନଙ୍କ

ସହିତ କୌଣସି ସମ୍ପର୍କ ନାହିଁ ।” ପବିତ୍ରଆତ୍ମା ଆପଣଙ୍କଠାରୁ ତାହା ବାହାର କରିନେବା ପାଇଁ ଆସିଥାନ୍ତି ।

108 “ମୁଁ ଜଣେ ବାପ୍‌ଟିଷ୍ଟ ଅଟେ । ମୁଁ ପ୍ରେସ୍‌ବିଟେରିଆନ୍ ଅଟେ । ମୁଁ ସେହି ଛୋଟ ପୁରୁଣା ପବିତ୍ର-ପାଖାଣ୍ଡ ସମୂହକୁ ଯିବି ନାହିଁ ।” ପବିତ୍ରଆତ୍ମା ଆପଣଙ୍କଠାରୁ ସେହି ସମସ୍ତ ମଣ୍ଡକୁ ବାହାର କରି ନେବା ପାଇଁ ଆସିଛନ୍ତି । ତାହା ହିଁ ଅଟେ ଯାହାକି ତାହା କରିଥିଲା । ଏହା ଆପଣଙ୍କୁ ରକ୍ତରେ ଧୌତ କରେ; ଆପଣଙ୍କୁ ସଳଖ କରେ । ତାହା ହିଁ ତ କରିବା ପାଇଁ ଏହା ଆସିଅଛି ।

ଏହା ଆପଣଙ୍କୁ ସିଧା କରିବାକୁ ଆସିଅଛି । ସେ କହିଲେ, “ବକ୍ର ସ୍ଥାନଗୁଡ଼ିକୁ ସଳଖ କର ।” ତାହାହିଁ ତ କରିବା ପାଇଁ ଏହା ଆସିଅଛି; ଏହାକୁ ସଳଖ କରିବା ପାଇଁ । “ଉଚ୍ଚ ସ୍ଥାନଗୁଡ଼ିକୁ ନୀଚ୍ଚ କରିବାକୁ; ସମସ୍ତ ପର୍ବତଗୁଡିକୁ ଏପରି ଦେଖାଯିବା ନିମନ୍ତେ କରିବାକୁ ଯେପରିକି ସେମାନେ ସମସ୍ତେ ଛୋଟ ମେଷ ପରି ନାଚୁଛନ୍ତି, ଏବଂ ସମସ୍ତ ପତ୍ର ଆପଣଙ୍କ ପ୍ରତି, କରତାଳି ଦେଉଛନ୍ତି ।” [ଭାଇ ବ୍ରାନହାମ୍ କରତାଳି ଦିଅନ୍ତି—ସମ୍ପା ।] ପକ୍ଷୀମାନେ ଅଲଗା ଗୀତଗାନ କରନ୍ତି । ଆନନ୍ଦ ଘଣ୍ଟି ବାଜୁଥାଏ । କୌଣସି ବାହାନା ଚଳେ ନାହିଁ । ତାହାହିଁ ତ କରିବାକୁ ଏହା ଆସିଅଛି । ପବିତ୍ରଆତ୍ମାଙ୍କୁ ପ୍ରେରଣ କରିବା ପଛରେ ପରମେଶ୍ୱରଙ୍କ ତାହାହିଁ ଉଦ୍ଦେଶ୍ୟ ଅଟେ, ଯେପରିକି ଆପଣ ଏହିସବୁ ବିଷୟ କରନ୍ତି, ଯେ ଆପଣ ତାହାଙ୍କ ପଛରେ ଗମନ କରନ୍ତି ।

109 ତେବେ ମୁଁ ଆପଣଙ୍କୁ ଆଘାତ କରିବାକୁ ଚାହେଁ ନାହିଁ, ମାତ୍ର ମୁଁ ଆପଣଙ୍କୁ କହୁଛି ଯେ ମୁଁ ଅତି ନିଷ୍ଠାର ସହ ଏଠାରେ ଅଛି । ଆପଣଙ୍କୁ ଆଘାତ କରିବାଠାରୁ ବଞ୍ଚିତ ରହିବା ପାଇଁ, ଥରେ କେବେ କେମିତି ମୁଁ କୌଣସି ସ୍ଥାନରେ ମୂଖ୍ୟ ବିଷୟରୁ ଓହରିଯିବାରୁ ବଞ୍ଚିତ ରହିବା ପାଇଁ; ଏବଂ ସତ୍ୟ ସହିତ ରହିବାକୁ, କିନ୍ତୁ ସେଠାରେ ରହିବା ଓ ଏହାକୁ ଏପରି କରିବା ଯେପରିକି ତାହା ଆପଣଙ୍କୁ ଅଧିକ କଷ୍ଟ ନ ଦିଏ ।

110 ମାତ୍ର ମୁଁ ଆପଣଙ୍କୁ କିଛି କହିବାକୁ ଚାହେଁ । ଯଦି ବାଇବଲ କୁହେ ଯେ ଜଣେ ମହିଳାଙ୍କ ପାଇଁ କେଶ କାଟିବା ଭୁଲ ଅଟେ, ଏବଂ ଆପଣ କୁହନ୍ତି ଯେ ଆପଣ ପବିତ୍ରଆତ୍ମା ପାଇଛନ୍ତି ଆଉ ତାହାପରେ ନିଜର କେଶ କାଟନ୍ତି, ମୁଁ ଆଶ୍ଚର୍ଯ୍ୟ କରେ ଯେ ଆପଣ ତାହା ପାଇଛନ୍ତି କି ନାହିଁ? ପାଗଳ ହୁଅନ୍ତୁ ନାହିଁ; ଯଦି ଏହା କରେ, ତେବେ ତାହା ଏବେ ସୁଦ୍ଧା ଦର୍ଶାଏ ଯେ ଆପଣଙ୍କ ବିରୁଦ୍ଧରେ ଆଉ ଏକ ଚିହ୍ନ ଅଛି ।

111 ଯଦି ବାଇବଲ କୁହେ ଯେ ଜଣେ ମହିଳାଙ୍କ ପାଇଁ ପୁରୁଷର ଏକ ପୋଷାକ ପିନ୍ଧିବା ଭୁଲ୍ ଅଟେ, ଏବଂ ଆପଣ ଏହି ଛୋଟ ପୁରୁଣା ଓଭରଅଲ୍‌ସ ଏବଂ ଚିପା ସ୍ଲାକ୍ ପିନ୍ଧି ରାସ୍ତାରେ ବାହାରନ୍ତି, ହେ ବୟସ୍କ ମହିଳାମାନେ! ଅନୁମାନ କରନ୍ତୁ ଯେ ଏକ ଛୋଟ ଶିଶୁ ସମସ୍ତ…ବିଷୟ ହେବ, ଯେ ସେମାନେ ସାନ ପୁଅପିଲାମାନଙ୍କ ସହିତ ଏବଂ ବିଷୟଗୁଡିକ ସହିତ ଖେଳନ୍ତି । ମାତ୍ର, ଦେଖନ୍ତୁ, ଯେତେବେଳେ ଆପଣ—ଯେତେବେଳେ ଆପଣ ବଡ଼ ମହିଳାମାନେ, ପନ୍ଦର, ଷୋହଳ, ଅଠର ବର୍ଷ ବୟସ୍କ, ଜେଜେମା ପର୍ଯ୍ୟନ୍ତ, ରାସ୍ତାରେ ଏଠାରେ ବାହାରନ୍ତି!

ଏବଂ ବାଇବଲ କୁହେ, "ଏହା ପରମେଶ୍ୱରଙ୍କ ଦୃଷ୍ଟିରେ ଘୃଣାର ବିଷୟ ଅଟେ," ଜଣେ ମହିଳାଙ୍କ ପାଇଁ ସେହିପରି ବିଷୟ ପିନ୍ଧିବା। ଏବଂ ଆପଣ ସେଗୁଡ଼ିକୁ, ଯେକୌଣସି ପ୍ରକାରେ ହେଲେ ପିନ୍ଧନ୍ତି, ଏବଂ ଆପଣ ପବିତ୍ରଆତ୍ମା ପାଇଛନ୍ତି ବୋଲି କୁହନ୍ତି? ମୁଁ ବେଳେ ବେଳେ ଆଶ୍ଚର୍ଯ୍ୟ କରେ। ପବିତ୍ରଆତ୍ମା ପରମେଶ୍ୱରଙ୍କ ବାକ୍ୟକୁ ଅକ୍ଷରରେ ଅକ୍ଷରରେ ଅନୁସରଣ କରିବ।

ଏବଂ ପ୍ରଚାର ମଞ୍ଚ ପଛରେ ଥିବା ଜଣେ ପ୍ରଚାରକ, ଯାହା ପାଖରେ ଏହାକୁ ପ୍ରଚାର କରିବା ପାଇଁ ଯଥେଷ୍ଟ ଅନୁଗ୍ରହ ନାହିଁ, ମୁଁ ସନ୍ଦେହ କରେ ଯେ ସେ ଏହାକୁ ପାଇଛନ୍ତି କି ନାହିଁ। ତାହା ଅବିକଳ ଠିକ୍! ତେବେ, ତାହାହିଁ ଅଟେ ଯାହା ପାଇଁ ପବିତ୍ରଆତ୍ମା ଅଛନ୍ତି।

112 ଏହା ପ୍ରଚାରକଙ୍କୁ ଅଭିଷେକ କରିବା ପାଇଁ ଅଟେ। ଏହା ଗୋଷ୍ଠୀକୁ ପବିତ୍ରତା ପ୍ରଦାନ କରିବା ପାଇଁ ଅଟେ। ଏହା ମଣ୍ଡଳୀକୁ କ୍ରମରେ ସୁବ୍ୟବସ୍ଥିତ କରିବା ପାଇଁ ଅଟେ। ଏହା ଆତ୍ମାର ଏକତାକୁ ଆଣିବା ପାଇଁ ଅଟେ। ଏହା ଆମକୁ ଶକ୍ତି ସହିତ ଏକତ୍ର କରିବା ପାଇଁ ଅଟେ। ଏହା ଆମକୁ ପ୍ରେମ, ଭ୍ରାତୃପ୍ରେମ ସହିତ ଏକତ୍ର କରିବା ପାଇଁ ଅଟେ।

ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ପ୍ରେସବିଟେରିଆନ୍, ଲୁଥରାନ୍, ଆପଣ ଯାହାକିଛି ବି ହେଉନ୍ତୁ, ଯଦି ଆମେମାନେ ସମସ୍ତେ ଗୋଟିଏ ପବିତ୍ରଆତ୍ମାଙ୍କ ଦ୍ୱାରା ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଶରୀରର ସଦସ୍ୟ ହୋଇଅଛୁ, ତେବେ ସେଠାରେ ନାହିଁ...ସେଠାରେ କିଛି ବର୍ତ୍ତମାନରେ ନାହିଁ, କିଛି ଭବିଷ୍ୟତରେ ନାହିଁ; ଭୋକ, ଅନାହାର; କୌଣସି ହେଲେ ବିଷୟ ଆମମାନଙ୍କୁ ପରମେଶ୍ୱରଙ୍କ ପ୍ରେମରୁ, ଖ୍ରୀଷ୍ଟଙ୍କ ପ୍ରେମରୁ, "ଖ୍ରୀଷ୍ଟଙ୍କଠାରେ ଥିବା ପରମେଶ୍ୱରଙ୍କ ପ୍ରେମ" ଠାରୁ ଅଲଗା କରିପାରେ ନାହିଁ, କାରଣ ଆମେମାନେ ତାହାଙ୍କ ଆତ୍ମାରୁ ଜନ୍ମ ହୋଇଅଛୁ, ତାହାଙ୍କ ରକ୍ତରେ ଧୌତ ହୋଇଅଛୁ। ଆମେ ଏକ ନୂତନ ପ୍ରାଣୀ ଅଟୁ। ପରମେଶ୍ୱର ତାହାହିଁ କରିବାକୁ ଆସିଥିଲେ। ତାହାରି ପାଇଁ ତ ପବିତ୍ରଆତ୍ମା ଅଛନ୍ତି। ହଁ, ଆଜ୍ଞା। ତାହାହିଁ ହେଉଛି ଏହା।

113 ତେବେ, ଲୋକମାନେ, ମୋ ଆଡକୁ, ମୁଖକୁ ଚାହାଁନ୍ତୁ। ବହୁତ ହାତଗୁଡିକ ଉପରକୁ ଉଠିଅଛି, ଆପଣମାନଙ୍କ ପାଖରେ ପବିତ୍ରଆତ୍ମା ରହିଛି; ଦେଖନ୍ତୁ, ନିଶ୍ଚିତରେ, ସେଠାରେ ଅଛି। ଓଃ, ବର୍ତ୍ତମାନ ମୁଁ—ମୁଁ ଏଠାରେ ଟିକିଏ ଫେରି ଆସିବାକୁ ଯାଉଛି। ଏହା ଟେପ୍ ହେଉଅଛି। କିନ୍ତୁ ଆସନ୍ତାକାଲି ରାତିରେ ଆମେ ଏହାକୁ ଅଧିକ ପାଇବାକୁ ଯାଉଛୁ।

ଯଦି ଆପଣ କହୁଛନ୍ତି ଯେ ଆପଣ ଏହାକୁ ପାଇଛନ୍ତି, ଏବଂ ଏହିସବୁ ପାଇଁ ଦୋଷୀ ଅଟନ୍ତି, ମୁଁ ଆଶ୍ଚର୍ଯ୍ୟ କରେ ଯେ ଆପଣଙ୍କୁ କଅଣ କଢେଇ ନେଉଛି। ପରମେଶ୍ୱର କେବେବି ଆପଣଙ୍କୁ ବାକ୍ୟରୁ ଅନ୍ୟତ୍ର କଢେଇ ନେବେ ନାହିଁ। ସେ ଆପଣଙ୍କୁ ବାକ୍ୟ ସହିତ ରଖିବେ, କାରଣ ତାହା ତାହାଙ୍କର ମଣ୍ଡଳୀର, ପରମେଶ୍ୱରଙ୍କ ନିଜର ନିୟମ ଅଟେ, ତାହାଙ୍କର ଲୋକମାନଙ୍କ ପାଇଁ, ମହିଳା ଏବଂ ପୁରୁଷମାନଙ୍କ ପାଇଁ ଅଟେ।

114 "ତେବେ," କୁହନ୍ତି, "ଏହା ମୋତେ *ଏହା* କିମ୍ବା *ତାହା* କରିବା କୌଣସି କ୍ଷତି କରେ ନାହିଁ।" ଏହା କରେ ନାହିଁ କି? ବାକ୍ୟ କୁହେ ଯେ ଏହା କରେ।

ଏବଂ ଯଦି ପବିତ୍ରଆତ୍ମା ଆପଣଙ୍କ ଭିତରେ ଅଛନ୍ତି, ଏହା ଆପଣଙ୍କୁ ଠିକ୍ ବାକ୍ୟ ମଧ୍ୟକୁ କଢାଇ ନେବ। କୌଣସି ବାହାନା ଚଳିବ ନାହିଁ। ପରମେଶ୍ୱର ପରିବର୍ତ୍ତନ କିମ୍ବା ବାହାନା କରନ୍ତି ନାହିଁ। ସେ ଚିହ୍ନ ଦିଅନ୍ତି ଏବଂ ଆପଣ ସେଥିରେ ଦୃଢ଼ ଭାବେ ଛିଡ଼ା ରୁହନ୍ତି। ତାହାହିଁ ସବୁକିଛି ଅଟେ। ତାହାହିଁ ଅଟେ ଯାହାକି ସମସ୍ତଙ୍କ ସହିତରେ ଅଟେ। ଆପଣ ସେହି ସମାନ ଉପାୟରେ ଆସନ୍ତି।

115 ପିତର କହିଲେ, "ଆପଣମାନେ ପ୍ରତ୍ୟେକ ଜଣ, ମନପରିବର୍ତ୍ତନ କରନ୍ତୁ; ନିଜ ନିଜର ପାପ କ୍ଷମା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଆପଣମାନେ ସମସ୍ତେ, ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ରଆତ୍ମାଙ୍କର ଦାନପ୍ରାପ୍ତ ହେବେ।" ବୁଝିଲେ? ତାହାହିଁ ଏହା ଅଟେ। ଆମକୁ ସେହି ରେଖାକୁ ଆଘାତ କରିବାକୁ ଅଛି।

116 ତେବେ ମୋର ଅଭିପ୍ରାୟ ଆପଣମାନଙ୍କୁ ଆଘାତ କରିବା ନୁହେଁ; ମୁଁ ଆପଣମାନଙ୍କୁ ବହୁତ ପ୍ରେମ କରେ। କିନ୍ତୁ, ଭାଇ, ଭଉଣୀ, କଅଣ ଆପଣମାନେ ଏହା ଅନୁଭବ କରନ୍ତି, ସହିତରେ...ଯେ ମୁଁ ଜାଣେ ଯେ ମୋତେ ସେହି ପୁନରୁତ୍ଥାନରେ ଶେଷ ଦିନମାନଙ୍କରେ, ଏହି ପୀଢୀର ଲୋକମାନଙ୍କ ସହିତ ଠିଆ ହେବାକୁ ଅଛି, ଏବଂ ଏହି ବାକ୍ୟ ପାଇଁ ଏକ ହିସାବ ଦେବାକୁ ଅଛି? ଏବଂ ପବିତ୍ରଆତ୍ମା ଏହାକୁ ଦେଖାଉଅଛନ୍ତି, ଆଉ ମୁଁ ଏହାକୁ ପ୍ରଚାର କରୁଅଛି, ଆପଣ କେଉଁଠାରେ ଠିଆ ହେବାକୁ ଯାଉଛନ୍ତି? ଆପଣ ଏହା ସହିତ କିପରି ରକ୍ଷା ପାଇବାକୁ ଯାଉଛନ୍ତି? ବନ୍ଧୁ, ଆପଣ ଏହା କରିପାରିବେ ନାହିଁ। କରନ୍ତୁ ନାହିଁ। ତେବେ ତାହା ବନ୍ଦ କରି ଦିଅନ୍ତୁ। ଆପଣ ଯାହା ବି କରୁଛନ୍ତି, ତାହା ଭୁଲ୍ ଅଟେ, ଏହାକୁ ବନ୍ଦ କରି ଦିଅନ୍ତୁ।

ଆପଣ କୁହନ୍ତି, "ମୁଁ କରିପାରେ ନାହିଁ।"

ତାହାହେଲେ ଆପଣ ଏବେ ସୁଦ୍ଧା ନିଜଠାରେ ଅଶ୍ୱ-ଗତି ପାଇ ନାହାଁନ୍ତି। ଯେତେବେଳେ ପବିତ୍ରଆତ୍ମା ଆସିବେ, ସେ ଆପଣଙ୍କୁ ଜଗତ ଉପରେ ଶକ୍ତି ପ୍ରଦାନ କରିବେ। ଏବଂ ଯଦି ଆପଣ...ସେ ଯାହା କହୁଛନ୍ତି ତାହା ଶୁଣନ୍ତୁ। "ଯଦି ଆପଣ ଜଗତ କିମ୍ବା ଜଗତର ବିଷୟବସ୍ତୁକୁ ପ୍ରେମ କରନ୍ତି, ଏହାର କାରଣ ହେଉଛି ପରମେଶ୍ୱରଙ୍କ ପ୍ରେମ ଆପଣଙ୍କ ଭିତରେ ନାହିଁ।" ତେବେ କୌଣସି ବାହାନା ନାହିଁ। ସେ ଏହାକୁ ସରଳ କରନ୍ତି, ଏବଂ ଆମକୁ ସେହି ଚିହ୍ନକୁ ଆସିବାକୁ ଅଛି।

117 ମୁଁ ଜାଣେ ଆପଣମାନେ ଭାବୁଛନ୍ତି ଯେ ମୁଁ ଭୟଙ୍କର ଅଟେ। ମାତ୍ର ମୁଁ ବର୍ତ୍ତମାନ ସମ୍ପୂର୍ଣ୍ଣଭାବେ ଠିକ୍ ଭୟଙ୍କର ଅଟେ। ବୁଝିଲେ? ଶୁଣନ୍ତୁ। ତାହା ସତ୍ୟ ଅଟେ। ତେବେ, ଭାଇ, ଭଉଣୀ ଏହା ପାଖକୁ ଆସନ୍ତୁ।

118 ଆଖପାଖର ଥିବା ଏହି ବୌଦ୍ଧିକ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ କେତେକକୁ ଆପଣଙ୍କୁ ଏହା କହିବାକୁ ଦିଅନ୍ତୁ ନାହିଁ, "ଓଃ, ତାହା ସେହି ପୁରୁଣା ଭୁଲ୍ ଧାରଣା ଅଟେ।"

ଯଦି ଏହା ସେହି ପୁରୁଣା ଭୁଲ୍ ଧାରଣା ଅଟେ, ତେବେ ପରମେଶ୍ୱର ପୁରୁଣା ଭୁଲ୍ ଧାରଣା ଅଟନ୍ତି । ଏବଂ ଯଦି ପରମେଶ୍ୱର ପୁରୁଣା ଭୁଲ୍ ଧାରଣା ଅଟନ୍ତି, ତେବେ ମୁଁ, ମଧ୍ୟ ଅଟେ । ଆମେନ୍ । ମୁଁ ତାହାଙ୍କ ପରି ହେବାକୁ ଚାହେଁ । କାହିଁକି? ତାହାଙ୍କର ଆତ୍ମା ମୋ ଭିତରେ ଅଛି, ଯାହାକି କ୍ଷୁଧିତ ହୁଏ ଏବଂ ତୃଷିତ ହୁଏ, ବାକ୍ୟର ବିପରୀତ ସବୁକିଛିକୁ କହିଥାଏ...

119 ଯଦି ଲୋକମାନେ କୁହନ୍ତି, "ଏହା ଠିକ୍ ଅଛି କାରଣ, ଓଃ, ଯଦି ଜଣେ ବ୍ୟକ୍ତି ମଜା ପାଇବା ପାଇଁ ଅଳ୍ପ ଟିକିଏ ତାଶପତା ଖେଳିଥାଏ, ଆଉ କେବଳ ଏକ ନିକେଲ୍ ପଇସା କିମ୍ୱା ଦୁଇଟି ଜୁଆରେ ଖେଳିଥାଏ । ଏହା ଠିକ୍ ଅଛି ।" ପରମେଶ୍ୱର କୁହନ୍ତି ଏହା ଠିକ୍ ନୁହେଁ ।

120 "ଓଃ, ଯଦି ଆପଣ କେବଳ ଏକ ଭଲ ସାମାଜିକ ପାନୀୟ ଗ୍ରହଣ କରନ୍ତି, ଏବଂ କେତେବେଳେ କେମିତି, ଟିକିଏ ମାତାଲ ହୋଇଯାଆନ୍ତି ।"

ମାତ୍ର ପରମେଶ୍ୱର କହିଲେ, "ତାହାକୁ ହାୟଃ!"

121 "ଓଃ," ଆପଣ କୁହନ୍ତି, "ଏହା ଠିକ୍ ଅଛି, ଭାଇ ବ୍ରାନହାମ୍ । ମୁଁ—ମୁଁ—ମୁଁ ଏକ ପ୍ରକୃତ ବିଷୟ ହେତୁ କେଶ କାଟିଲି । ଜଣେ ମହିଳା, ଆପଣ ଜାଣନ୍ତି, ବାକି ମହିଳାମାନେ ଏହା କରୁଛନ୍ତି ।" ମୋର ଫରକ୍ ପଡ଼େ ନାହିଁ ଯେ ଅବଶିଷ୍ଟ ମହିଳାମାନେ କଅଣ କରୁଛନ୍ତି । ସେମାନେ ଆପଣଙ୍କର ଉଦାହରଣ ନୁହଁନ୍ତି କିମ୍ୱା ସେମାନେ ଆପଣଙ୍କର ମାଲିକ ନୁହଁନ୍ତି । ଯଦି ଆପଣ ନିଜଠାରେ ପବିତ୍ରଆତ୍ମା ଅଛନ୍ତି, ତେବେ ଆପଣ ତାହାଙ୍କର ନିର୍ଦ୍ଦେଶଗୁଡିକ ପାଳନ କରିବେ ଏଥିରେ କିଛି ଯାଏଆସେ ନାହିଁ ଯେ ଲୋକମାନେ ଆପଣଙ୍କ ବିଷୟରେ କଅଣ କୁହନ୍ତି ।

122 "ତେବେ, ଭାଇ ବ୍ରାନହାମ୍, ଏହା ଏତେ ଗରମ ଅଟେ, ଆଉ ମୋତେ ତ ଏହି ଛୋଟ ଛୋଟ *ଅମୁକ-ଓ-ଅମୁକ* ପୋଷାକଗୁଡିକ ପିନ୍ଧିବାକୁ ହିଁ ପଡିବ ।" ପ୍ରିୟ ଭଉଣୀ, ନରକ ଏହାଠାରୁ ଅଧିକ ଗରମ ଅଟେ । ମୋତେ ତାହା କହିବାକୁ ଦିଅନ୍ତୁ । ଏବଂ—ଏବଂ କରନ୍ତୁ ନାହିଁ । ଆପଣ ତାହା ମନେ ରଖନ୍ତୁ ।

123 ଏବଂ ପବିତ୍ରଆତ୍ମା ଆପଣଙ୍କୁ ସର୍ବଦା ସତ୍ୟ ଆଡ଼କୁ କଢାଇ ନେବେ, ଏବଂ ତାହାଙ୍କର ସତ୍ୟ ହେଉଛି ବାକ୍ୟ । "ମୋହର ବାକ୍ୟ ସତ୍ୟ ଅଟେ । ପ୍ରତ୍ୟେକ ମନୁଷ୍ୟର କଥା ମିଥ୍ୟା ହେଉ, କିନ୍ତୁ ମୋହର ସତ୍ୟ ହେଉ ।"

ଏବଂ କେବଳ ଭାବନ୍ତୁ, "ଏକ ଘୃଣ୍ୟ ବିଷୟ ।" କଅଣ ଆପଣ ଭାବି ପାରିବେ କି?

124 ଜଣେ ସେବକଙ୍କ ପାଇଁ ଏହା କହିବା ଏକ ଭୟଙ୍କର ଶବ୍ଦ ଅଟେ, ମାତ୍ର ମୁଁ ସେହି ବିଶ୍ରାମର ସ୍ଥାନଗୁଡିକୁ ଯାଇଅଛି ଯେଉଁଠାରେକି ଏହା କେବଳ...ଆପଣଙ୍କୁ ପଛ ପଟରୁ ଫେରି ଯିବାକୁ ପଡିଥାଏ, ପ୍ରାୟଃ, ଏହା ଠିକ୍ ଏତେ ଅଧିକ ଥାଏ...ଏବଂ ଅପରିଷ୍କାର ବିଷୟମାନ କାନ୍ଥରେ ଥିଲା । ମୁଁ ଭାବିଲି, "ଜଗତରେ ଲୋକମାନେ କିପରି ଏତେ ନିମ୍ନ ହୋଇପାରନ୍ତି?" ଏବଂ ଦୁର୍ଗନ୍ଧ! ଏବଂ ଯେତେବେଳେ ମୁଁ ସେହି ସ୍ଥାନଗୁଡିକୁ ଚାଲିକରି ଗଲି, ମୁଁ ଅନେକଥର ଭାବିଛି,

"କି ଏକ ଦୁର୍ଗନ୍ଧ!" ମୁଁ ତ...ସେଠାରେ, ମୁଁ ମୋର ହାତକୁ ଧୋଇବା ପାଇଁ, ମୋର ନାକକୁ ଏହିପରି ଭାବରେ ଧରିଥାଏ। ମୁଁ ଭୟ କରିଥାଏ ଯେତେବେଳେ ମୁଁ କବାଟର ହାତମୁଠୀକୁ ଧରିଥାଏ, ପୁଣି ଥରେ, ସେଠାରେ ଯୌନ କ୍ରିୟା ଏବଂ ବିଭିନ୍ନ ବିଷୟରୁ ଜୀବାଣୁମାନେ ରହିଥାନ୍ତି। ଏବଂ ମୁଁ ଭାବୁଥିଲି, "ଓଃ!"

125 ଦିନେ, ଏକ ବିମାନବନ୍ଦରରେ ଠିଆ ହୋଇ, ସେହି ସ୍ଥାନମାନଙ୍କ ମଧ୍ୟରୁ ଗୋଟିଏକୁ ମୁଁ ଯାଇଥିଲି, କିମ୍ବା ଏକ ରେଳରୋଡ ସ୍ଥାନ ଥିଲା, ମୁଁ ସେଠାକୁ ଯାଇଥିଲି। ଏବଂ ମୁଁ ଭାବିଲି, "ଓଃ, ଦୟା ହେଉ।"

126 ଆଉ କିଛି ଗୋଟାଏ ମୋତେ କହିଲା, "ଠିକ୍ ସେହିଭଳି ଜଗତ ପରମେଶ୍ୱରଙ୍କୁ ଗନ୍ଧ ହୋଇଥାଏ। ଏହା ଏକ ଘୃଣ୍ୟ ବିଷୟ ଅଟେ।"

127 ମୁଁ ଭାବିଲି, ଯେତେବେଳେ ମୁଁ ଜଣେ ମହିଳାଙ୍କୁ ରାସ୍ତାରେ ଚାଲି ଯାଉଥିବାର ଦେଖେ, ଯିଏକି ନିଜକୁ ସେହିଭଳି ଭାବରେ ଆଚରଣରେ ନେଇ ଯାଉଥାଏ, ଏବଂ ପୁରୁଷର ପୋଷାକ ପିନ୍ଧିଥାଏ, ତେବେ ତାହାହିଁ ଅଟେ ଯାହାକି ତାହା ପରମେଶ୍ୱରଙ୍କୁ ଦେଖା ଯାଇଥାଏ। ଏହା ଏକ ଘୃଣ୍ୟ ବିଷୟ ଅଟେ, ଏପରି କିଛି ଯାହାକି ପରମେଶ୍ୱରଙ୍କ ସମ୍ମୁଖରେ, ଅଶୁଚି ଏବଂ ଦୁର୍ଗନ୍ଧକାରୀ ଅଟେ। ତଥାପି, ସେ ରବିବାର ଦିନ ଗୀର୍ଜାକୁ ଯିବ, ଏବଂ ସାଜସଜ୍ଜା କରିବ।

ସେଠାରେ ଜଣେ ପୁରୁଷ ତଳକୁ ଯିବ, ଓ ମଦ ପିଇବ, ଆଉ ଠକିବ, ଏବଂ ଟଙ୍କାକୁ ଲୋଭ କରିବ, ଏବଂ ଟିକେ ଅତିରିକ୍ତ ଟଙ୍କା ପାଇବା ପାଇଁ, ନିଜର ପଡ଼ୋଶୀକୁ ଠକିବ ଓ ଅନ୍ୟ ସମସ୍ତକିଛି ବିଷୟ କରିବ; ଏବଂ ଏହିସବୁ ବିଷୟ କରିବ, ଓ ଜୁଆ ଖେଳିବ, ଆଉ ଧୂମପାନ କରିବ, ଏବଂ ମଦ ପିଇବ, ଓ ମିଛ କହିବ; ଏବଂ ତାହାପରେ ଗୀର୍ଜାକୁ ଯିବ ଓ ସାକ୍ଷ୍ୟ ଦେବ। ଘୃଣ୍ୟ! ଅଶୁଚି! ତାହା ହେଉଛି ବୌଦ୍ଧିକ ମଣ୍ଡଳୀ।

128 କୁହନ୍ତି, "ତେବେ, ମୁଁ ମଣ୍ଡଳୀରେ ସମ୍ପୃକ୍ତ ଅଟେ।" ହଁ, ଆଉ ପନ୍ଦର ମିନିଟରେ, ଗୀର୍ଜାକୁ ବାହାରକୁ ଯିବା ହେତୁ ଛାଡ଼ି ଦେବାକୁ ପଡ଼େ, ଯେଣୁ ସମସ୍ତ ଦୀକନ୍ ଏବଂ ସେମାନେ ସମସ୍ତେ ଧୂମପାନ କରିପାରନ୍ତି, ଏବଂ ପାଳକ, ମଧ୍ୟ, ଏହା ପୂର୍ବେକି ଆପଣ ଗୀର୍ଜା କରିବା ପାଇଁ ଫେରି ପାରନ୍ତି। ମୋତେ କୁହନ୍ତୁ! ପ୍ରତ୍ୟେକ ଅଶୁଚି ବିଷୟରୁ ନିଜକୁ ପୃଥକ୍ କରନ୍ତୁ!

129 "ଶରୀରକୁ ଅପବିତ୍ର କରିବ; ମୁଁ ଏହାକୁ ନଷ୍ଟ କରିଦେବି।" ପରମେଶ୍ୱର କହିଲେ ଯେ ସେ ତାହା କରିବେ। ଏବଂ ଆଜି, କର୍କଟ ରୋଗ, ଗଳା ଏବଂ ଫୁସଫୁସର କର୍କଟ ରୋଗରେ, ଶତକଡ଼ା ନବେ-ସେପରି କିଛି ମୃତ୍ୟୁଗୁଡିକର କାରଣ ଅଟେ, ତାହା ସିଗାରେଟ୍ ଟାଣିବା ଦ୍ୱାରା ହୋଇଥାଏ। "ଶରୀରକୁ ଅପବିତ୍ର କରିବ; ମୁଁ ଏହାକୁ ନଷ୍ଟ କରିଦେବି।" ମାତ୍ର ସେମାନେ ଏତେ ନରକ-ବନ୍ଧିତ ଅଟନ୍ତି, ସେହିପରି ଭାବରେ ଗଢ଼ୁଥାନ୍ତି, ସେମାନେ ଜାଣନ୍ତି ନାହିଁ।

ଏବଂ ପ୍ରଚାର ମଞ୍ଚରେ ଛିଡ଼ା ହୋଇଥିବା କୌଣସି ପ୍ରଚାରକ ଚାରୋଟି ଶିକ୍ଷାଗତ ଉପାଧି ସହିତ, ବିଦ୍ୟାଳୟରୁ ଆସିଥାଏ, ନିଜେ, ଧୂମପାନ କରୁଥାଏ। ଭାଇ, ମୋତେ ଆପଣଙ୍କୁ କିଛି

କହିବାକୁ ଦିଅନ୍ତୁ। ସେହି ବିଷୟରୁ ପୁରୁଷ ଏବଂ ମହିଳାମାନଙ୍କୁ ବାହାରକୁ ଡାକି ଆଣିବା ପାଇଁ ପବିତ୍ରଆତ୍ମାଙ୍କୁ ପଠାଯାଇଥିଲା। ନିଜକୁ ପୃଥକ୍ କରନ୍ତୁ!

*ମଣ୍ଡଳୀ* ଶବ୍ଦର ଅର୍ଥ ହେଉଛି "ପୃଥକ୍" ହେବା। "ସେମାନଙ୍କ ମଧ୍ୟରୁ ବାହାରି ଆସ," ବାଇବଲ କୁହେ। "ସେମାନଙ୍କର ଅଶୁଚି ବିଷୟ ସ୍ପର୍ଶ କର ନାହିଁ, ଏବଂ ମୁଁ ତୁମକୁ ଗ୍ରହଣ କରିବି; ଏବଂ ତୁମେ ମୋର ପୁତ୍ର ଓ କନ୍ୟାଗଣ ହେବ, ଏବଂ ମୁଁ ତୁମର ପରମେଶ୍ୱର ହେବି।" ଓଃ, ମୋର ପ୍ରଭୁ! ମୋର ଅଭିପ୍ରାୟ ସ୍ୱାର୍ଥପର ହେବା ନୁହେଁ, କିନ୍ତୁ ମୁଁ ସଚ୍ଚୋଟ ଏବଂ ସତ୍ୟବାଦୀ ହେବାକୁ ଚାହେଁ। ଠିକ ଅଛି, ଆଜ୍ଞା। ଓଃ, କି ଏକ ଭୟଙ୍କର ବିଷୟ!

130 ପୁରୁଷ ଏବଂ ମହିଳା, ଆଜି ଆମେ କେଉଁଠାରେ ଛିଡ଼ା ହୋଇଅଛୁ? ଆମେ କେଉଁଠାରେ ଅଛୁ? ଆସନ୍ତୁ ଅଟକି ଯିବା।

131 ଅନ୍ୟ ଏକ ରାତିରେ, ସେଠାରେ କୋଠରୀରେ ଥିବା ଏକ ଛୋଟ ପୁରୁଣା ବସିବାର ଆସନ ଉପରେ, (ଏବଂ ମୁଁ ନିଶ୍ଚୟ ବନ୍ଦ କରିବି), ଏକ ପୁରୁଣା ଭଙ୍ଗା ଯାଇପାରୁଥିବା ଦ୍ୱିଜଣିଆ ବସିବାର ଆସନ। ତିନି କିମ୍ବା ଚାରି ଦିନ ପ୍ରାର୍ଥନା କରିବା ପରେ, ତେଣୁ ମୁଁ ଏପରି ଏକ ସ୍ଥାନରେ ପହଞ୍ଚିଲି, ବୁଲି ବୁଲି, ଚିନ୍ତା କରୁଥିଲି, "ହେ ପରମେଶ୍ୱର," ଏବଂ ମୁଁ ଏପରି ଏକ ସ୍ଥାନରେ ପହଞ୍ଚିଥିଲି ଯେଉଁଠାରେକି ମୁଁ ଏହା ଜାଣି ନ ଥିଲି ଯେ ମୁଁ କଅଣ କରିବି। ମୁଁ କହିଲି, "ପରମେଶ୍ୱର, ଆମେ ମାର୍ଗର ଶେଷରେ ଅଛୁ। ଏବଂ ମୁଁ ଅନୁଭବ କରେ ଯେ ମୁଁ ଅବହେଳା କରିଅଛି। ମୋ ପାଖରେ ଯିବା ପାଇଁ ଡାକରାମାନ ଅଛି, ଏବଂ ଥକିଯାଇଛି, ଆଉ ତାହା କରିପାରେ ନାହିଁ।" ମୁଁ ଭାବିଲି ତେବେ ମୁଁ ସେହି ଅନ୍ଧକାରରେ ମୋର ପ୍ରଭୁଙ୍କୁ ଟଳମଳ ହେଉଥିବାର ଦେଖିପାରେ, ଯେତେବେଳେ ସେ ଏତେ ଥକି ଯାଇଥିଲେ ଯେ ସେ ବଡ଼ କଷ୍ଟରେ ଗୋଟିଏ ପାଦ ପରେ ଅନ୍ୟ ପାଦ ଉଠାଇ ପାରିଥିଲେ, ମାତ୍ର ସେ ଏତେ ମଧ୍ୟ ନ ଥିଲେ...ନାଇନ ନଗରର ସେହି ସ୍ତ୍ରୀ ପାଇଁ ଅଟକି ଗଲେ, ତେବେ ସେହି ବାଳକଟିକୁ ସେଠାରେ ଅଣାଯାଇଥିଲା ଯିଏକି ମୃତ ଥିଲା; ଯେପର୍ଯ୍ୟନ୍ତକି ସେ ଯାଇ ସେହି କୋକେଇକୁ ସ୍ପର୍ଶ ନ କରି ନିଅନ୍ତି, ଏବଂ ସେହି ବାଳକଟିକୁ ବଞ୍ଚାଇବା ପାଇଁ ତାଙ୍କଠାରେ ଯାହା ଅଳ୍ପ ଶକ୍ତି ଥିଲା ତାକୁ ବ୍ୟବହାର ନ କରି ନିଅନ୍ତି। "ତେବେ, ମୁଁ କିପରି କ୍ଳାନ୍ତ ହୋଇପଡ଼ିଲି? ପ୍ରଭୁ, ମୋ ସହିତ ମାମଲା କଅଣ? ଏଠାରେ ମୁଁ ଭାବୁଛି, 'ହଁ, ମୁଁ ବୃଦ୍ଧ ହେଉଅଛି। ମୁଁ—ମୁଁ ତାହା କରିପାରେ ନାହିଁ।'"

132 ସେଠାରେ ମୋଶା ଥିଲେ, ସେ ସେହି ସମାନ ପରମେଶ୍ୱର ଯାହାଙ୍କୁ ମୁଁ ସେବା କରେ, ସେଠାରେ ଏକଶହ କୋଡ଼ିଏ ବର୍ଷ ବୟସରେ, ସେବା କରିବା ନିମନ୍ତେ ଠିଆ ହୋଇଥିଲେ।

ସେଠାରେ କାଲେବ ଥିଲେ, ନବେ ବର୍ଷ ବୟସରେ, ନିଜ ହାତରେ ଖଣ୍ଡା ଧରି ଠିଆ ହୋଇଥିଲେ, ଏବଂ କହିଥିଲେ, "ଚାଳିଶ ବର୍ଷ ପୂର୍ବେ, ଯିହୋଶୂୟ ଏହି ଖଣ୍ଡାଟିକୁ ମୋ ହାତରେ ଦେଇଥିଲେ।" ସେ ସେତେବେଳେ ଅଶୀ ବର୍ଷର ଥିଲେ। କହିଥିଲେ, "ମୁଁ ଆଜି ସେତିକି ଉତ୍ତମ ପୁରୁଷ ଅଟେ ଯେତିକି ସେଦିନ ଥିଲି।" ଆମେନ୍।

ମୁଁ କହିଲି, "ହେ ପରମେଶ୍ୱର, ମୋ ପ୍ରତି ଦୟା କର।"

133 ମୁଁ କହିଲି, "ତେବେ, ଏଠାରେ ଦେଖନ୍ତୁ, ମୁଁ ତ ସର୍ବଦା..." ଏବଂ ମୁଁ ମୋର ପତ୍ନୀଙ୍କୁ (ସେଠାରେ ପଛରେ) ହାତରେ ଧରି, ଏହି ବାଇବଲ ଏବଂ ତାଙ୍କ ଛୋଟ ବାଇବଲ ଉପରେ ନେଲି, ଆଉ ମୁଁ କହିଲି, "ପ୍ରିୟେ, ମୁଁ ବହୁତ ନକାରାତ୍ମକ ରହିଆସିଛି। ପବିତ୍ରଆତ୍ମା ମୋତେ ମୋ ଭିତରେ ନିନ୍ଦା କରୁଛନ୍ତି।" ମୁଁ କହିଲି, "ମୁଁ ସେଠାରେ ସେହି ଗୁଣ୍ଡୁଚି ମୂଷାଙ୍କ ବିଷୟରେ ଚିନ୍ତା କରେ। ମୁଁ ସେଠାରେ ହେଟ୍ଟୀ ରାଇଟ୍, ଏବଂ ସେହି ସାନ ପିଲାମାନଙ୍କ ବିଷୟରେ ଚିନ୍ତା କରେ। ମୁଁ ତାହା ବିଷୟରେ ଚିନ୍ତା କରେ ଯାହା ପରମେଶ୍ୱର କରିଥିଲେ, ଯାହାକି ଏହା ଦର୍ଶାଉଥିଲା ଯେ ସେ ପରମେଶ୍ୱର ଅଟନ୍ତି, ଯିଏ ସୃଷ୍ଟି କରିପାରନ୍ତି।" ହାଲ୍ଲେଲୁୟା!

ମୁଁ ଭାବିଲି, "ସେ ମୋତେ ଅନେକ ବର୍ଷ ପୂର୍ବେ, ତାହା କହିଥିଲେ ଯେ, 'ମୁଁ ତୁମକୁ ଛାଡିବି ନାହିଁ। ମୁଁ ତୁମକୁ କେବେ ବି ପରିତ୍ୟାଗ କରିବି ନାହିଁ। ତୁମ ଜୀବନ ସାରା, କୌଣସି ବ୍ୟକ୍ତି ତୁମ ସମ୍ମୁଖରେ ଠିଆ ହେବ ନାହିଁ। ମୁଁ ତୁମ ସହିତରେ ରହିବି। ଏବଂ ଗୁପ୍ତ ବିଷୟର ପରିଭେଦର ଏହି ହସ୍ତରୁ, ଏହା ଏପରି ଭାବରେ ଆସିବ ଯେ ତୁମେ ହୃଦୟର ରହସ୍ୟକୁ ଜାଣିପାରିବ। ତାହାର ପରେ, ଏହା ଉଚ୍ଚକୁ ଏବଂ ଆହୁରି ଉଚ୍ଚକୁ ବୃଦ୍ଧି ପାଇବ।' ତାହାର ବର୍ଷକ ପରେ, ସମଗ୍ର ବିଶ୍ୱରେ, ତାହା ସିଦ୍ଧ ପ୍ରମାଣିତ ହୋଇଥିଲା। ଏଠାରେ ଏହା ଆସେ, ଏହାଠାରୁ ବହୁତ ବଡ, ଏହି ଅନ୍ୟ ମହାନ ସେବାକାର୍ଯ୍ୟଟି।"

ମୁଁ କହିଲି, "ପ୍ରିୟେ, ମୁଁ ତୁମର ହାତ ଧରୁଛି। ପରମେଶ୍ୱରଙ୍କ ସାହାଯ୍ୟ ଏବଂ ପରମେଶ୍ୱରଙ୍କ କୃପା ଦ୍ୱାରା, ମୋତେ ଆଉ କଦାପି ନକାରାତ୍ମକ ହେବାକୁ ଦେବ ନାହିଁ। ମୋତେ ଏଠାରେ ଏହି ଉଦ୍ଦୀପନାକୁ ଏହିପରି ଭାବରେ ପ୍ରଚାର କରିବା ନିମନ୍ତେ ଚାଲିକରି ଯିବାକୁ ଦିଅ ଯେପରିକି ଆଗରୁ କେବେ କରିନାହିଁ। ମୋତେ ଏଠାକୁ ଯିବାକୁ ଦିଅ, ପ୍ରଥମେ ନିଜକୁ ପବିତ୍ରୀକୃତ କରିବା ନିମନ୍ତେ, ଏବଂ ଲୋକମାନଙ୍କ ପାଇଁ ଏକ ମାର୍ଗ ପ୍ରସ୍ତୁତ କରିବା ନିମନ୍ତେ; ଯେପରିକି ମୋର ନିଜର ପାପଗୁଡିକ, ମୋର ନିଜର ଅବହେଳା ରକ୍ତ ତଳେ ରହୁ, ମୋର ଦୁର୍ବଳତାଗୁଡିକ ରକ୍ତ ତଳେ ରହୁ, ଯେପରିକି ମୁଁ ବାହାରକୁ ଯାଇ ଏହା କହିପାରେ, 'ଲୋକେ, ମୋତେ ଅନୁସରଣ କର।'" ତାହା ଠିକ୍।

ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଏହା କହୁଥିବାର ଦେଖିବାଟା ଘୃଣା କରେ, "ତୁମେ ଯାଇ ତାହା କର।" ମୁଁ ଏପରି କାହାରିକୁ ଦେଖିବାକୁ ପସନ୍ଦ କରେ ଯିଏକି ତାହା କରିବାର ବାଟକୁ ମାର୍ଗଦର୍ଶନ କରେ। ଠିକ ଅଛି, ଆଜ୍ଞା।

134 ଏଠାରେ କିଛି ସମୟ ପୂର୍ବରୁ, ଆମର ଏଠାରେ ସହରରେ ନିଆଁ ଲାଗିଯାଇଥିଲା, ପଫାଉ ତେଲ କମ୍ପାନୀରେ ନିଆଁ ଲାଗିଯାଇଥିଲା। ସେଠାରେ ତଳେ ସେମାନଙ୍କର ଜେଫର୍ସନ୍‌ଭିଲ ଅଗ୍ନିଶମ ବିଭାଗ ରହିଥିଲା। ଏବଂ ମୋର ଜଣେ ବନ୍ଧୁ, ଭଲ ଲୋକ, ସେହିପରି ବିରାଟ ନିଆଁକୁ କେବେ ଦେଖି ନ ଥିଲେ, ସେ ସେଠାରେ ବୁଲୁଥିଲେ, କହିଲେ, "ପିଲାମାନେ, *ଏଠାରେ* ଅଳ୍ପ ଟିକିଏ ପାଣି ପକାଅ। *ଏଠାରେ* ଅଳ୍ପ ଟିକିଏ ପାଣି ପକାଅ।"

ଏଠାରେ ସେହି ଛୋଟ କ୍ଲାର୍କସଭିଲ ଉପରକୁ ଆସିଲେ, "ଡିଙ୍ଗ୍, ଡିଙ୍ଗ୍, ଡିଙ୍ଗ୍, ଡିଙ୍ଗ୍," ସେଠାକୁ ପହଞ୍ଚି ଆସିଲେ। ଏବଂ ସେ କହିଲେ, ଅଗ୍ନିଶମ ମୁଖ୍ୟ ଡେଇଁପଡିଲେ, କହିଲେ, "*ଏଠାରେ* ଟିକିଏ ପାଣି ପକାଅ। ଏହି ଝରକାକୁ *ଏଠାରେ* ଭାଙ୍ଗି ଦିଅ। *ସେଠାରେ* ଟିକିଏ ପାଣି ପକାଅ।"

135 କିନ୍ତୁ ନଦୀ ଆର ପାରିରୁ ଲୁଇସଭିଲରୁ ତାଲିମପ୍ରାପ୍ତ ଅଗ୍ନିଶମ କର୍ମଚାରୀ ଆସିଲେ। ସେହି ବଡ ହୁକ୍ କଣ୍ଟା ଓ ସିଢି ଏତେ ଲମ୍ବା ଥିଲା ଏପରିକି ସେହି ମୁଖ୍ୟ ବ୍ୟକ୍ତି ସିଢିର ଶେଷରେ ରହିଥିଲେ। ଯେତେବେଳେ ସେହି ସିଢି ଉପରକୁ ଗଲା, ସେ ତାର ଅଗରେ ଥିଲେ। ସେ ସେଠାରେ ପହଞ୍ଚିବା ପୂର୍ବରୁ ନିଜର କୁରାଢିକୁ ଫୋଫାଡି ଝରକାକୁ ଭାଙ୍ଗି ଦେଲେ, କହିଲେ, "ପିଲାମାନେ, ଆସ!" ତାହାହିଁ ଅଟେ। କିଛି ମିନିଟରେ ନିଆଁ ଲିଭିଗଲା।

ଏପରି ନୁହେଁ ଯେ, "*ଏଠାରେ* ଟିକିଏ ପାଣି ପକାଅ। *ସେଠାରେ* ଟିକିଏ ପାଣି ପକାଅ।" ଆପଣଙ୍କୁ ଏହି ବୌଦ୍ଧିକ ପ୍ରଚାରକମାନଙ୍କ ମଧ୍ୟରୁ କେତେକଙ୍କୁ, ମନେ ପକାଇଦିଏ।

136 ସାଥିରେ ଆସନ୍ତୁ! ଚାଲନ୍ତୁ ଯିବା! ମୁଁ ଜାଣେ ଯେ ଏହା ସତ୍ୟ ଅଟେ। ମୁଁ ଚାଖିଛି ଏବଂ ଦେଖିଛି। ମହିମା ହେଉ! ପବିତ୍ରଆତ୍ମା ଠିକ୍ ଅଟନ୍ତି। ପରମେଶ୍ୱର ଭଲ ଅଟନ୍ତି। *ଏଠାରେ* ଚେଷ୍ଟା, *ସେଠାରେ* ଚେଷ୍ଟା କରନ୍ତୁ ନାହିଁ; ଆସନ୍ତୁ ତାଙ୍କ ପାଖକୁ ଚାଲିକରି ଯିବା! ସେ ଏଠାରେ ଅଛନ୍ତି। ଏହା ଆପଣଙ୍କ ପାଇଁ ଅଟେ। ପରମେଶ୍ୱର ତାହାଙ୍କର ମଣ୍ଡଳୀକୁ ନିଜର ଶକ୍ତି ପ୍ରଦାନ କଲେ। *ଏହାକୁ* ଏଠାରେ ପକାଅ ନାହିଁ, ଓ ସେଠାରେ ପକାଅ ନାହିଁ; ଆପଣ କେବେବି କିଛି ହୋଇଥିବାର ପାଇବେ ନାହିଁ। ଅଗ୍ରସର ହୁଅନ୍ତୁ! ଆମେନ୍! ଉହ! ହ୍ୟୁ! (ଏପରିକି ସେମାନଙ୍କ ଦେଇ ଆଉ ଅଧିକ ଦେଖି ସୁଦ୍ଧା ପାରିବେ ନାହିଁ।)

137 ଆମେନ୍! ଆମେ କଅଣ କରିବାକୁ ଯାଉଛୁ? ଏଠାରେ ବସିଥିବା ପ୍ରତ୍ୟେକ ବ୍ୟକ୍ତି କୌଣସି ବିଷୟରେ ପରିପୂର୍ଣ୍ଣ ଅଟନ୍ତି।

ତାହାପରେ ମୁଁ ବନ୍ଦ କରିବାକୁ ଯାଉଛି; ହୋଇପାରେ, ଏହାର ପରେ କରିବାକୁ ପଡ଼େ।

ଆପଣ କୌଣସି ବିଷୟରେ ପରିପୂର୍ଣ୍ଣ ହୋଇଥାନ୍ତି। ଆପଣ ସେଠାରେ କୌଣସି ବିଷୟରେ ପରିପୂର୍ଣ୍ଣ ନ ହୋଇ ବସିପାରନ୍ତି ନାହିଁ। ଆପଣ ନିଜ ଭିତରେ ଏକ ଜୀବନ ପାଇଛନ୍ତି। ସେହି ଜୀବନ ଆପଣଙ୍କୁ ପରିଚାଳନ କରେ, ଏବଂ ସେହି ଜୀବନ ଏକ ଆତ୍ମା ଦ୍ୱାରା ପରିଚାଳିତ ହୁଏ।

ତେବେ, ଆପଣ ହୁଏତ ଜାଗତିକ ବିଷୟରେ ପରିପୂର୍ଣ୍ଣ ହୋଇପାରନ୍ତି, ଜଗତକୁ କିମ୍ବା ଜଗତର ବିଷୟବସ୍ତୁକୁ ଭଲ ପାଉଥାଇପାରନ୍ତି। ପରମେଶ୍ୱର ଆପଣଙ୍କ ପ୍ରତି ଦୟା କରନ୍ତୁ।

ଆପଣ ହୁଏତ କୌଣସି ମଣ୍ଡଳୀରୁ ମତବାଦରେ ପରିପୂର୍ଣ୍ଣ ହୋଇପାରନ୍ତି, କୌଣସି ଛୋଟ ପ୍ରାର୍ଥନା ଯାହା ଆପଣ କୁହନ୍ତି, ଆପଣ ଭାବନ୍ତି ଯେ ଏହା କୌଣସି ମୃତ ବ୍ୟକ୍ତିଙ୍କୁ ପ୍ରାର୍ଥନା

କରିବା, କିମ୍ବା—କିମ୍ବା ନିଜ ଉପରେ କୌଣସି ଏକ ପ୍ରକାର ଚିହ୍ନ କରିବା ପାଇଁ ଯିବାର ଅଟେ। ପରମେଶ୍ୱର ଆପଣଙ୍କ ପ୍ରତି ଦୟା କରନ୍ତୁ।

138 ଏବଂ ଆପଣ ହୁଏତ ଧର୍ମରେ ପରିପୂର୍ଣ୍ଣ ହୋଇପାରନ୍ତି, ଏବଂ ତାହା ତ ଆହୁରି ଖରାପ ଅଟେ। ତାହା ଠିକ୍। ତାହା ଠିକ୍। ବାଇବଲ କୁହେ, "ଶେଷ ଦିନରେ ସେମାନେ ଅତି ଧାର୍ମିକ ହେବେ, ଧାର୍ମିକତାର ଏକ ଭେଖ ଧାରଣ କରିବେ; ଧାର୍ମିକତାର ଏକ ଭେଖ ଧାରଣ କରିବେ, ମାତ୍ର ଏହାର ଶକ୍ତିକୁ ଅସ୍ୱୀକାର କରିବେ: ଏହିପରିଠାରୁ ଦୂର ହୁଅ।"

ଯଦି ଆପଣ ଧର୍ମରେ ପରିପୂର୍ଣ୍ଣ ଅଟନ୍ତି, ତେବେ ଆପଣ ଦୟନୀୟ ଅଟନ୍ତି; କେବଳ ଧର୍ମ, ତାହା ହିଁ ସବୁକିଛି ଅଟେ। ଯଦି ଆପଣ ମତରେ ପରିପୂର୍ଣ୍ଣ ଅଟନ୍ତି, ତେବେ ଆପଣ ଜାଣନ୍ତି ନାହିଁ ଯେ ଆପଣ କଅଣ କହୁଛନ୍ତି। ଯଦି ଆପଣ ଜଗତରେ ପରିପୂର୍ଣ୍ଣ ଅଟନ୍ତି, ତେବେ ଆପଣ ଅନ୍ଧ ଅଟନ୍ତି।

139 ଏବଂ ତାହାପରେ, ପୁଣି ଥରେ, ଆପଣ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇପାରନ୍ତି। ଆମେନ୍। ମୁଁ ଆଶା କରେ ଯେ ଆପଣ ଅଟନ୍ତି। ଏବଂ, ଯଦି ଆପଣ ନୁହଁନ୍ତି, ମୁଁ ଆଶା କରେ ଯେ ଆପଣ ପୂର୍ଣ୍ଣ ହୋଇଯାଆନ୍ତି। ଏବଂ ଯଦି ଆପଣ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି, ଆପଣ କଅଣ ପାଇଛନ୍ତି? ଆପଣ ଶକ୍ତି ପାଇଛନ୍ତି। ଆପଣ ପ୍ରେମ ପାଇଛନ୍ତି। ଆପଣଙ୍କ ପାଖରେ ଶାନ୍ତି ଅଛି। "ମୁଁ ମୋର ଶାନ୍ତି ତୁମକୁ ଦେବି; ଜଗତ ଯେପରି ଦିଏ, ସେପରି ମୁଁ ତୁମକୁ ଦିଏ ନାହିଁ।" ଆପଣ ଶାନ୍ତି ପାଇଛନ୍ତି। ଆପଣ ମୁଦ୍ରାଙ୍କିତ ହୋଇଛନ୍ତି। ଆପଣଙ୍କ ପାଖରେ ଏକ ଚିହ୍ନ ଅଛି। ଆମେନ୍। ଆପଣ ବିଶ୍ରାମ ପାଇଛନ୍ତି। ଆପଣଙ୍କ ପାଖରେ ଅକଥନୀୟ ଆନନ୍ଦ ଅଛି, ଏବଂ ମହିମାରେ ପରିପୂର୍ଣ୍ଣ ଅଟନ୍ତି। ଆପଣ ଲଙ୍ଗରପ୍ରାପ୍ତ ହୋଇଛନ୍ତି। ଓଃ, ମୋର ପ୍ରଭୁ! ତାହାହିଁ ଅଟେ ଯାହାକି ଆପଣ ଅଟନ୍ତି, ପବିତ୍ରଆତ୍ମାଙ୍କ ସହିତରେ ଅଛନ୍ତି। ଆପଣଙ୍କର ଅଛି… ଯଦି ଆପଣ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଥାନ୍ତି, "ତୁମେ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛ," ଶେଷ ଦିନରେ ସେହି ସାଧାରଣ ପୁନରୁତ୍‌ଥାନକୁ ଅପେକ୍ଷା କରୁଅଛ।

140 ଭବିଷ୍ୟତରେ ଆସିବାକୁ ଥିବା ଜଗତରେ, ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ, ଏବଂ ଯିଏକି ତାହାଙ୍କୁ ଗୌରବ ଓ ପ୍ରତାପରେ ଆସୁଥିବାର ଦେଖିବେ, "ସମୁଦ୍ର ତାର ମୃତ ଲୋକଙ୍କୁ ଉଦ୍ଧାର କରିଦେବ।" "ତାହାଙ୍କଠାରେ ନିଦ୍ରାପ୍ରାପ୍ତ ଲୋକମାନଙ୍କର କ୍ଷୟପ୍ରାପ୍ତ ଶରୀରଗୁଡ଼ିକ…"

"ତାହାଙ୍କଠାରେ ନିଦ୍ରାପ୍ରାପ୍ତ।" ଆପଣ ତାହାଙ୍କ ଭିତରକୁ କିପରି ପ୍ରବେଶ କରିବେ? "ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ।"

"ତାହାଙ୍କଠାରେ ନିଦ୍ରାପ୍ରାପ୍ତ ଲୋକମାନଙ୍କର କ୍ଷୟପ୍ରାପ୍ତ ଶରୀରଗୁଡ଼ିକ ପରିବର୍ତ୍ତିତ ହୋଇଯିବ ଏବଂ ତାହାଙ୍କର ନିଜ ମହିମାମୟ ଶରୀର ପରି ହୋଇଯିବ, ଯାହାଦ୍ୱାରାକି ସେ ସମସ୍ତ ବିଷୟକୁ ନିଜ ଅଧୀନରେ କରିବାକୁ ସକ୍ଷମ ଅଟନ୍ତି।"

"ମୁଁ ସ୍ୱର୍ଗରୁ ଏକ ସ୍ୱର ଶୁଣିଲି," ଯୋହନ କହିଲେ, "ଯାହା ମୋତେ କହିଲା, 'ଲେଖ, "ପ୍ରଭୁଙ୍କଠାରେ ମରିଥିବା ଲୋକମାନେ ଧନ୍ୟ..."'" ଆପଣ କିପରି ଭିତରକୁ ଯିବାକୁ ଯାଉଛନ୍ତି? "ଗୋଟିଏ ଆତ୍ମା ଦ୍ୱାରା ଆମେ ସେହି ଶରୀରରେ ବାପ୍ତିଜିତ ହୋଇଅଛୁ।" "'"...ତାହାପରଠାରୁ ଯେଉଁମାନେ ପ୍ରଭୁଙ୍କଠାରେ ମରି ଅଛନ୍ତି; କାରଣ ସେମାନେ ସେମାନଙ୍କର ପରିଶ୍ରମରୁ କ୍ଷାନ୍ତ ହୋଇଥାନ୍ତି; ଏବଂ ସେମାନଙ୍କର କାର୍ଯ୍ୟ ସେମାନଙ୍କୁ ଅନୁସରଣ କରେ।"'" ହୁଁ!

ତାହାରି ପାଇଁ ତ ପବିତ୍ରଆତ୍ମାଙ୍କୁ ପ୍ରେରଣ କରା ଯାଇଥିଲା। ଓଃ, ଆଶୀଷିତ ଆଶ୍ୱାସନା, ଯୀଶୁ ମୋହର ଅଟନ୍ତି! ମୁଁ ତାହାଙ୍କଠାରେ ଅଛି, ଏବଂ ସେ ମୋ ଠାରେ ଅଛନ୍ତି; ପିତା ତାହାଙ୍କଠାରେ, ଏବଂ ସେ ପିତାଙ୍କଠାରେ; ଏବଂ ପିତା ମୋ ଠାରେ, ଓ ମୁଁ ତାହାଙ୍କଠାରେ ଅଛି।

...ଯୀଶୁ ମୋହର!
ଓଃ, ଈଶ୍ୱରୀୟ ମହିମାର ଏକ ଆସ୍ୱାଦନ!
ମୁଁ ପରିତ୍ରାଣର ଏକ ଉତ୍ତରାଧିକାରୀ, ପରମେଶ୍ୱରଙ୍କର କ୍ରୀତ,
ତାହାଙ୍କ ଆତ୍ମାରେ ଜନ୍ମିତ, ଯେତେବେଳେ ତାହାଙ୍କ ରକ୍ତରେ ଧୌତ।

ଆମେନ୍। ମୁଁ ଏହାକୁ ପ୍ରତିବଦଳ କରିବି ନାହିଁ। ଓଃ, ମୋର ପ୍ରଭୁ!

ସମସ୍ତ ମାଣୀକ୍ୟ ଓ ହୀରା, ଏବଂ ରୂପା ଓ ସୁନା,
ତାହାଙ୍କର ରତ୍ନପେଢିଗୁଡ଼ିକ ପୂର୍ଣ୍ଣ ଅଟେ, ତାହାଙ୍କଠାରେ ଅଗଣ୍ୟ ଧନ ଅଛି।

କାରଣ ମୁଁ ରାଜାଙ୍କର ଜଣେ ସନ୍ତାନ!
ମୁଁ ରାଜାଙ୍କର ଜଣେ ସନ୍ତାନ!
ମୋର ତ୍ରାଣକର୍ତ୍ତା ଯୀଶୁଙ୍କ ସହିତରେ,
ମୋତେ ରାଜାଙ୍କର ଜଣେ ସନ୍ତାନ କରେ!

141 ଆମେନ୍ ଏବଂ ଆମେନ୍। ମୁଁ ଏହାକୁ ଅଦଳବଦଳ କରିବି ନାହିଁ। ମୁଁ ଏହାକୁ ଅଦଳବଦଳ କରିବି ନାହିଁ। ମୋ ପାଖରେ ଆଉ ଦୁଇ କିମ୍ବା ତିନୋଟି ଶାସ୍ତ୍ର-...

ତେବେ, ଏଠାରେ ଆଉ ଏକ ଶାସ୍ତ୍ର ଅଛି। ଯେତେବେଳେ—ଯେତେବେଳେ ଆପଣ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୁଅନ୍ତି, ସେତେବେଳେ ହିଁ ଆପଣଙ୍କ ପାଖରେ ସେହି ବିଷୟଗୁଡିକ ରହିଥାଏ। ତେବେ ଆପଣ ଜଗତ ପ୍ରତି, କଅଣ ଅଟନ୍ତି? ଜଣେ ବିଦେଶୀ। ମୁଁ ଜାଣେ ଯେ ଏହା ବିଳମ୍ବ ହେଲାଣି, କିନ୍ତୁ ଏହି ବିଷୟ ପାଇଁ ଏହା କଦାପି ବିଳମ୍ବ ନୁହେଁ। ଜଣେ ବିଦେଶୀ! ଓଃ!

ଆମେ ଏଠାରେ ତୀର୍ଥଯାତ୍ରୀ ଏବଂ ଆମେ ବିଦେଶୀ,
ଆମେ ଆସିବାକୁ ଥିବା ଏକ ସହରର ଅନ୍ୱେଷଣ କରୁଅଛୁ,
ଜୀବନ ନୌକା ଶୀଘ୍ର ଆସୁଅଛି,
ତାହାଙ୍କର ରତ୍ନଗୁଡିକୁ ଗୃହକୁ ସଂଗ୍ରହ କରିବା ପାଇଁ ।

142 ମୁଁ ଓହାୟୋ ନଦୀରେ ଜଳ ବାଡେଇ ହେଉଥିବାର ଶବ୍ଦ ଶୁଣିପାରେ, ଯେତେବେଳେ ମୁଁ ଏକ ଛୋଟ ବୟସର ବାଳକ ପ୍ରଚାରକ ହିଁ ଥିଲି, ପ୍ରାୟଃ ବାଇ-ଶି ବର୍ଷ ବୟସର, ସେଠାରେ ତାହା ଗାଉଥିଲି । ଏବଂ ମୁଁ ଶୁଣିଲି, ମୋ ଉପରକୁ ଚାହିଁ ଦେଖିଲି, ଆଉ ଏକ ସ୍ୱରକୁ କହୁଥିବାର, ଶୁଣିଲି, "ଉପରକୁ ଦେଖ ।" ଠିକ୍ ଏଠାରେ ସେହି ବଡ ଆଲୋକ ଝୁଲୁଥିବାର ରହିଥିଲା, ମୋ ଉପରେକୁ ଓହ୍ଲାଇ ଆସିଲା, ଏବଂ କହିଲା, "ଯେପରି ବାପ୍ତିଜକ ଯୋହନଙ୍କୁ ଖ୍ରୀଷ୍ଟଙ୍କ ପ୍ରଥମ ଆଗମନର ଅଗ୍ରଧାବକ ଭାବରେ ପଠାଯାଇଥିଲା, ସେହିପରି ତୁମ ପାଖରେ ଏକ ବାର୍ତ୍ତା ହେବ ଯାହାକି ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନର ଅଗ୍ରଧାବକ ହେବ ।"

ଓଃ, ମୁଁ ଏହାକୁ କିପରି ବିଶ୍ୱାସ କରିପାରିବି? କିନ୍ତୁ ଏହା ସମାନ ଭାବରେ ଘଟିଥିଲା । ଏବଂ ଆଜି ରାତିରେ ଉଦ୍ଦୀପନାର ଅଗ୍ନିମାନ ସାରା ବିଶ୍ୱରେ ଓ ସର୍ବତ୍ର ଜଳୁଅଛି । ପରମେଶ୍ୱରଙ୍କ ମହାନ ମୁକ୍ତିପ୍ରାପ୍ତ ମଣ୍ଡଳୀ ନିଜକୁ ସେହି ସ୍ଥାନରୁ ଉଠାଇଲା, ଏବଂ ଆରୋଗ୍ୟତାର ମହାନ ଅଭିଯାନମାନ, ପୁଣି ଚିହ୍ନ, ଓ ଆଶ୍ଚର୍ଯ୍ୟ କର୍ମ, ଏବଂ ଚମତ୍କାରମାନ, ଆଗମନକୁ ଦେଖାଇଥିଲା ।

143 ଆପଣ ଜଣେ ବିଦେଶୀ, ଏବଂ ଆପଣ ଜଣେ ଅପରିଚିତ ବ୍ୟକ୍ତି ଅଟନ୍ତି । ଆପଣ ବିଚିତ୍ର ବିଷୟମାନ କରନ୍ତି, ତାହା ଠାରୁ ଭିନ୍ନ ଯାହା ଆପଣ କରୁଥିଲେ । ଆପଣ ସେହିପରି ଆଚରଣ କରୁ ନାହାଁନ୍ତି ଯେପରି ଆପଣ କରୁଥିଲେ । ଲୋକମାନେ…ସେହି ପବିତ୍ରଆତ୍ମା, ଯେତେବେଳେ ତାହା ଆପଣଙ୍କ ଉପରକୁ ଆସିଥାଏ, ଏବଂ ଆପଣ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଥାଆନ୍ତି, ଆପଣ ଜଗତର ବିଷୟଗୁଡିକୁ ଅଣଦେଖା କରି ଦିଅନ୍ତି । ଆପଣ ସେହି ବିଷୟଗୁଡିକୁ ଅଣଦେଖା କରି ଦିଅନ୍ତି ଯାହାକି ଆପଣଙ୍କୁ ଅସୁବିଧାରେ ପକାଇବ । ଆପଣ ଏହାକୁ ଅଣଦେଖା କରି ଦିଅନ୍ତି । ତାହାପରେ ଆପଣ ଏକ—ଏକ ବିଚିତ୍ର-ଆଚରଣ କରୁଥିବା ପ୍ରାଣୀ, ସେମାନଙ୍କ ପାଇଁ, ଅସୁନ୍ଦର ବତକ ଛୁଆ ହୋଇଯାଆନ୍ତି, ସେହି ଛୋଟ ଉତ୍କ୍ରୋଶ ପକ୍ଷୀ ହୋଇଯାଆନ୍ତି ଯିଏକି କୁକୁଡ଼ା ବସା ତଳେ ଛୁଆ ଫୁଟେଇଥିଲା; ଯାହାକୁ ମୁଁ ପ୍ରଚାର କରିଥିଲି, *ଏବଂ ଯେତେବେଳେ ଉତ୍କ୍ରୋଶ ପକ୍ଷୀ ଆପଣା ବସାକୁ ଦୋହଲାଇ ଥାଏ ।* ଆପଣ ସେମାନଙ୍କ ପାଇଁ, ଏକ କୌତୁକୀଆ-ଦିଶୁଥିବା ଜୀବ ହୋଇଯାଆନ୍ତି ।

କିନ୍ତୁ, ଓଃ, ମୋର ପ୍ରଭୁ, ମହାରାଜାର ରାଜପଥରେ ଚାଲିବା! ଆମେନ୍ । ଓଃ, ଏହା ସ୍ୱର୍ଗକୁ ଯିବା ନିମନ୍ତେ ଏକ ରାଜପଥ ଅଟେ । ଏବଂ ମୁଁ ମହାରାଜାର ରାଜପଥ ଦେଇ ଯାଉଅଛି ।

କୁହନ୍ତି, "ସେହି ପବିତ୍ର-ପାଖଣ୍ଡକୁ ଦେଖ, ସେହି ଅସୁନ୍ଦର ବତକ ଛୁଆକୁ । ତାହା ହେଉଛି ସେହି ପବିତ୍ର-ପାଖଣ୍ଡ ପ୍ରଚାରକ ।"

144 ଜଣେ ପ୍ରସିଦ୍ଧ ମେଥୋଡିଷ୍ଟ ପ୍ରଚାରକ ଆଜି ଲୁଇସଭିଲରେ, ଜଣେ ବ୍ୟକ୍ତିଙ୍କୁ କହିଲେ, କହିଲେ, "ମୁଁ ଭାଇ ବିଲିଙ୍କୁ ସାହାଯ୍ୟ କରିବାକୁ ଚାହିଁବି, କିନ୍ତୁ କଅଣ ଆପଣ ଜାଣନ୍ତି ଯେ ମୁଁ କଅଣ କରିବି? ମୋତେ ମୋର ବେକକୁ ବାହାର କରିବାକୁ ପଡିବ।" ଆପଣଙ୍କୁ ମୋ ପାଇଁ ନିଜର ବେକକୁ ବାହାର କରିବାର ଆବଶ୍ୟକତା ନାହିଁ।

ସେ ମୋ ପାଇଁ ତାହାଙ୍କର ଜୀବନକୁ ବାହାର କରିଅଛନ୍ତି। ଆମେନ୍!...?...କେବଳ ମହାରାଜାର ରାଜପଥରେ ଚାଲୁଅଛି, ତାହାହିଁ ସବୁକିଛି ଅଟେ। ଓଃ, ମୋର ପ୍ରଭୁ! ତାହାଙ୍କ ଆତ୍ମାରେ ପରିପୂର୍ଣ୍ଣ ହେବା! ତାହାଙ୍କ ଆତ୍ମାରୁ ଜନ୍ମ ହେବା! ତାହାଙ୍କ ରକ୍ତରେ ଧୌତ ହେବା! ହାଲ୍ଲେଲୁୟା! ଖୁସି!

145 ଏବଂ ତାହାପରେ ଆଉ ଏକ ବିଷୟ, କାହିଁକି, ଆପଣଙ୍କୁ ତାହା କିଏ କରାଏ? ଆପଣ ତଥାପି ଜଣେ ମାନବ ଅଟନ୍ତି, ମାତ୍ର ଆପଣଙ୍କୁ ତାହା କିଏ କରାଏ? ତାହାର କାରଣ ହେଉଛି ଆପଣ ଆସିଛନ୍ତି, ଆପଣ, ଆପଣଙ୍କର ଆତ୍ମା ଊର୍ଦ୍ଧ୍ୱରୁ ଆସିଅଛି। ଏହା ଆପଣଙ୍କ ଭିତରେ ପରମେଶ୍ୱର ଅଟନ୍ତି।

146 ଯେତେବେଳେ ମୁଁ ରୋମ୍‌କୁ ଗଲି, ମୁଁ ଲକ୍ଷ୍ୟ କଲି ଯେ ସେମାନେ, ପ୍ରତ୍ୟେକଙ୍କ ପାଖରେ, ଏକ ରୋମାନ୍ ଆତ୍ମା ଥିଲା। ଯେତେବେଳେ ମୁଁ ଗ୍ରୀସ୍‌କୁ ଗଲି, ସେମନେ ସମସ୍ତଙ୍କ ପାଖରେ ଏକ ଗ୍ରୀକ୍ ଆତ୍ମା ଥିଲା। ମୁଁ ଇଂଲଣ୍ଡକୁ ଗଲି; ସେମାନଙ୍କର ସମସ୍ତଙ୍କ ପାଖରେ ଏକ ଇଂରାଜୀ ଆତ୍ମା ଥିଲା। ଯେତେବେଳେ ଆପଣ ବିଭିନ୍ନ ସ୍ଥାନଗୁଡିକୁ ଯାଆନ୍ତି, ଆପଣ ପାଆନ୍ତି... ତାହାପରେ ଆପଣ ଆମେରିକୀୟ ଆତ୍ମା ପାଆନ୍ତି; ଏହା ଭୟଙ୍କର ଅଟେ।

147 ଯେତେବେଳେ ମୁଁ ରୋମ୍‌ରେ ଥିବା ସାନ୍ ଆଞ୍ଜେଲୋଙ୍କ ଭୂଗର୍ଭ ସମାଧିକୁ ଗଲି, ସେମାନଙ୍କର ସେଠାରେ ଏକ ସୂଚନା ବୋର୍ଡ୍ ଲାଗିଥିଲା, "ଦୟାକରି, ଆମେରିକୀୟ ମହିଳାମାନେ, ମୃତମାନଙ୍କୁ ସମ୍ମାନ ଦେବା ପାଇଁ, ପୋଷାକ ପିନ୍ଧନ୍ତୁ।" ଆମେରିକୀୟ ଆତ୍ମା।

ସେମାନଙ୍କୁ ବିମାନରୁ ଓହ୍ଲାଇବାର ଦେଖନ୍ତୁ, ଏବଂ ସେହି ଛୋଟ ଛୋଟ ପୋଷାକ ପିନ୍ଧିଥାନ୍ତି, ଆଉ ସମସ୍ତେ ସେମାନଙ୍କୁ ଦେଖିବାକୁ ଲାଗନ୍ତି, ଏବଂ ଏଠାରେ ମିସ୍ ଆମେରିକା ଆସନ୍ତି। ତାହା ହେଉଛି ଆମେରିକୀୟ ଆତ୍ମା। ଆପଣ କହିପାରିବେ ଯେ ସେ କେଉଁଠାରୁ ଆସିଛନ୍ତି; ପୋଷାକ ପିନ୍ଧିଥାନ୍ତି, ପିଲାଏ, ନିଜ ପଛରେ ଏକ ଛୋଟ ପୁରୁଣା ଛିଦ୍ରିତ-ନାକ ବିଶିଷ୍ଟ ପୁଡଲ୍ କୁକୁରକୁ ଟାଣୁଥାନ୍ତି। ତାହା ଠିକ୍। ଓଃ, ହଁ, ସେ ଏକ...ସେ, ସେ ଆମେରିକା, ମିସ୍ ଆମେରିକା ଅଟେ; ଚାଲୁଥାନ୍ତି, ଆପଣ ଜାଣନ୍ତି, ସେପରି ଝୁଣ୍ଟି ପଡୁଥାନ୍ତି। କାହିଁକି? ସେ ଆମେରିକୀୟ ଆତ୍ମା ପାଇଛନ୍ତି। ମାତ୍ର ଯୀଶୁ କହିଲେ, ସେ ଏହା ବିରୁଦ୍ଧରେ ସେହି ଦିନ ସାକ୍ଷ୍ୟ ଦେଇଥିଲେ, ସେ କହିଥିଲେ "ତୁମେମାନେ ନିମ୍ନସ୍ଥ ଏହି ପୃଥିବୀରୁ ଅଟ। ମୁଁ ଊର୍ଦ୍ଧ୍ୱରୁ ଆସିଅଛି।"

ଏବଂ ଯଦି ଆପଣ ନିଜ ଭିତରେ ଖ୍ରୀଷ୍ଟଙ୍କ ଆତ୍ମା ପାଇଛନ୍ତି, ତାହାହେଲେ ଆପଣ ଊର୍ଦ୍ଧ୍ୱରୁ ଅଟନ୍ତି, ତେବେ ଆପଣ ଏଠାରେ ଜଣେ ବିଦେଶୀ ଅଟନ୍ତି।

148 ମାତ୍ର ଆପଣ ଯେଉଁ ସ୍ଥାନରୁ ଆସିଥାନ୍ତି ତାହାର ପ୍ରକୃତି ପାଇଥାନ୍ତି । ତାହାହିଁ ମୁଁ କହିବାକୁ ଚେଷ୍ଟା କରୁଅଛି । ଜଣେ ରୋମାନ୍ ଏଠାକୁ ଆସନ୍ତି, ସେ ନିଜର ମୁଣ୍ଡକୁ ରାମ୍ପିଥାନ୍ତି; ଏବଂ ଜଣେ ଜର୍ମାନ ଏଠାକୁ ଆସେ; ଆମେରିକୀୟ ସେଠାକୁ ଯାଆନ୍ତି । କାହିଁକି? ଆପଣ ସେହି ଦେଶର ଆତ୍ମାଗୁଡିକ ପାଇଥାନ୍ତି ଯେଉଁଠାରୁ ଆପଣ ଆସିଥାନ୍ତି ।

ତାହା ହିଁ ଆମକୁ ଜଗତରେ ଏତେ ଭିନ୍ନ କରିଥାଏ । ଆପଣ ଉର୍ଦ୍ଧ୍ୱରୁ ଆସିଛନ୍ତି । ଆପଣ ଜନ୍ମ ନେଇଅଛନ୍ତି । ଆପଣ—ଆପଣ ଅନ୍ୟ ରାଜ୍ୟର ଏକ ନାଗରିକ ଅଟନ୍ତି । କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି? ତାହାରି ପାଇଁ ତ ପବିତ୍ରଆତ୍ମା ଅଟେ, ଯେ ଆପଣଙ୍କୁ ପରମେଶ୍ୱରଙ୍କ ରାଜ୍ୟର ଏକ ନାଗରିକ କରନ୍ତି ।

149 ତାହାପରେ, ଯଦି ଆପଣ ପରମେଶ୍ୱରଙ୍କ ରାଜ୍ୟର ଏକ ନାଗରିକ ଅଟନ୍ତି, ତେବେ ଏହା ଆପଣଙ୍କୁ କିପରି ଆଚରଣ କରାଇଥାଏ? ଯେପରି ପରମେଶ୍ୱର ତାହାଙ୍କ ରାଜ୍ୟରେ କରନ୍ତି । ତେବେ, ପରମେଶ୍ୱର ତାହାଙ୍କର ରାଜ୍ୟରେ କଅଣ କରନ୍ତି? ଏହା ହେଉଛି ପବିତ୍ରତା, ଧାର୍ମିକତା, ଚିନ୍ତାଧାରାର ଶୁଦ୍ଧତା, ମନର ଶୁଦ୍ଧତା; ଶକ୍ତି ଏବଂ ପ୍ରେମ, ହଜିଯାଇଥିବା ଲୋକମାନଙ୍କ ନିକଟକୁ ଯିବା, ରୋଗୀମାନଙ୍କୁ ସୁସ୍ଥ କରିବା, ଚମତ୍କାରମାନ କରିବା, ମହାନ କାର୍ଯ୍ୟଗୁଡିକୁ କରିବା । ତାହାପରେ, ଜଗତକୁ ଆପଣ ପାଗଳ ଦେଖା ଯାଇଥାଆନ୍ତି, ଏବଂ ସେମାନେ କୁହନ୍ତି, "ସେହି ଲୋକମାନଙ୍କର ମୁଣ୍ଡ ପାଗଳ ହୋଇଯାଇଛି ।" ବୁଝିଲେ? ମାତ୍ର ଆପଣ ରାଜ୍ୟର ଏକ ନାଗରିକ ଅଟନ୍ତି ।

150 ଆଉ ଏକ ଶାସ୍ତ୍ରାଂଶ, ଯଦି ଆପଣ ଏହାକୁ ଲେଖିବାକୁ ଚାହିଁବେ, ଯୋହନ 12:24 । ମୋତେ ଏହାକୁ ଆପଣଙ୍କ ପାଇଁ ଶୀଘ୍ର ଉଦ୍ଧୃତ କରିବାକୁ ଦିଅନ୍ତୁ । ଯୀଶୁ କହିଲେ:

> ...*ଯଦି ଗହମର ଏକ ବୀଜ* ଭୂମିରେ *ପଡେ*...ଯେପର୍ଯ୍ୟନ୍ତ ଏହା ମରେ ନାହିଁ, ଏହା ଅନ୍ୟ ଜୀବନ ଆଣିପାରିବ ନାହିଁ ।

ତେବେ, ଦେଖନ୍ତୁ, ବର୍ତ୍ତମାନ ଗୋଟିଏ ଶେଷ ଟିପ୍ପଣୀ । ଏବଂ ମନେରଖନ୍ତୁ, ତେବେ, ଏହା ସମ୍ପୂର୍ଣ୍ଣଭାବେ...ତେବେ, ଆପଣ ଲୋକମାନଙ୍କୁ, ଏହା ସମ୍ପୂର୍ଣ୍ଣ ଜରୁରୀ ଏବଂ ଆବଶ୍ୟକ ଅଟେ, ଏବଂ ବାଧ୍ୟତାମୂଳକ ଓ ଅନିବାର୍ଯ୍ୟ ଅଟେ, ଯେ ଆପଣ ବର୍ତ୍ତମାନ ପବିତ୍ରଆତ୍ମାଙ୍କୁ ଗ୍ରହଣ କରନ୍ତୁ । କାରଣ, ଯଦି ଆପଣ ତାହା ନ କରନ୍ତି, ଆପଣ ପୁନରୁତ୍‌ଥାନରେ ଆସିପାରିବେ ନାହିଁ । ତେବେ ଦେଖନ୍ତୁ । ପରମେଶ୍ୱର ତାହାଙ୍କର ନିୟମଗୁଡିକୁ ଭଙ୍ଗ କରିପାରନ୍ତି ନାହିଁ । ଆମେ ତାହା ଜାଣୁ । ସେ ତାହାଙ୍କର ନିୟମମାନ ପାଳନ କରନ୍ତି ।

151 ତେବେ, ଗହମ, କିମ୍ବା ଶସ୍ୟର ଏକ—ଏକ ବୀଜ, ଆମେ ନେବା, ଯେପରିକି ଯୀଶୁ ସେଠାରେ କହିଥିଲେ । ଅବଶ୍ୟ, ବାଇବଲରେ, ଏକ—ଏକ ଶସ୍ୟ, ମୁଁ ଆଜି ଏହାକୁ ଏକପ୍ରକାର ପାଠ କରୁଥିଲି, ତାହା ବୀଜ କିମ୍ବା କୌଣସି ପ୍ରକାରର ବିହନକୁ ବୁଝାଏ, ମାତ୍ର, ଗହମ, ଯବ, ମକା, କିମ୍ବା ଅନ୍ୟକିଛି, ଏହା ଏକ ଶସ୍ୟ ଅଟେ । ମାତ୍ର ଯେତେବେଳେ ଗହମର ଏକ ଶସ୍ୟ ଭୂମିରେ ପଡେ, ବର୍ତ୍ତମାନ, ସେଠାରେ...ଏଠାରେ ଥିବା ଆମେ ସମସ୍ତେ

ଦେଖିଅଛୁ, ଜାଣିଛୁ ଯେ ଏହା ଘଟିଥାଏ । ଗହମର ଏକ ଶସ୍ୟ, କିମ୍ବା ଶସ୍ୟର ଏକ ବିହନ, ତାହା ସେତିକି ସିଦ୍ଧ ଦେଖାଯାଇପାରେ ଯେତିକି ଏହା ହୋଇପାରେ, ଏବଂ ଆପଣ ଏହାକୁ ଭୂମିରେ ରଖନ୍ତୁ, ଏବଂ ଯଦି ସେହି ଶସ୍ୟ...

ଏହାର ଚିରସ୍ଥାୟୀ ଜୀବନ ଥାଏ । ଆଜି ଏହା ତଳକୁ ଯିବ, ଏକ ଢେଙ୍ଗରେ ନିଜକୁ ପୁନର୍ଉତ୍ପାଦିତ କରିବ; ପୁଣି ତଳକୁ ଓହ୍ଲାଇ ଆସିବ, ଆଉ ପୁନର୍ବାର ଉପରକୁ ଚାଲିଯିବ; ଏବଂ ପୁଣି ଥରେ ତଳକୁ ଆସିଯିବ । ଏହା ଚିରସ୍ଥାୟୀ ଜୀବନ ଅଟେ ।

ଯଦି ସେହି ଶସ୍ୟ ଭିତରେ ଜୀବନର ଜୀବାଣୁ ନ ଥାଏ, ତେବେ ତାହା ଯେତେ ସୁନ୍ଦର ଦେଖାଯାଉନା କାହିଁକି, ଏହା କଦାପି ବଢିବ ନାହିଁ । ଏହା ଭୂମିକୁ ଚାଲିଯିବ ଏବଂ କ୍ଷୟ ପାଇଯିବ, ଏବଂ ତାହାହିଁ ଏହା ଅଟେ । ଏହାର କିଛି ଅଂଶ, ସାମଗ୍ରୀଗୁଡିକ, ସାର ଏବଂ ଭୂମିରେ ଥିବା ବିଭିନ୍ନ ବିଷୟଗୁଡିକ ପାଇଁ ବ୍ୟବହାର କରାଯାଇପାରେ । କିନ୍ତୁ ଯେତେ ଦୂର ଏହାର କେବେ ପୁନର୍ବାର ବଞ୍ଚିବାର କଥା ରହିଛି, ଏହା ସେପର୍ଯ୍ୟନ୍ତ ବଞ୍ଚିବ ନାହିଁ ଯେପର୍ଯ୍ୟନ୍ତକି ଏଥିରେ ଚିରସ୍ଥାୟୀ ଜୀବନ ନ ଥାଏ । କେହି ହେଲେ ତାହା ଜାଣନ୍ତି । ଆପଣ କେବଳ କରି ହିଁ ପାରନ୍ତି ନାହିଁ ।

152 ସେଠାରେ ଦୁଇଜଣ ବ୍ୟକ୍ତି ହୋଇପାରନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଠିକ୍ ଅବିକଳ, ଉଭୟ ସେମାନେ ସମାନ ଦେଖାଯାଆନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଭଲ ବ୍ୟକ୍ତି ହୋଇପାରେ, ସେ ଭଲ କାମ କରିପାରେ, ସେ ଏହିପରି ଭାବରେ କାର୍ଯ୍ୟ କରିପାରେ; କିନ୍ତୁ ଯେପର୍ଯ୍ୟନ୍ତ ସେହି ବ୍ୟକ୍ତି ପାଖରେ ଅନନ୍ତ ଜୀବନ ନାହିଁ, ସେ କେବେବି ପୁନରୁତ୍ଥାନରେ ଉଠିବ ନାହିଁ । ସେ ତାହା କରିପାରେ ନାହିଁ; ସେଠାରେ ଉଠାଇବା ପାଇଁ କିଛି ନାହିଁ । ତାଙ୍କୁ ଉପରକୁ ଆଣିବା ପାଇଁ କିଛି ନାହିଁ, ସେଠାରେ ଜୀବନ ନାହିଁ । ତେଣୁ, ଆପଣମାନେ ଦେଖନ୍ତୁ, ମୋର ପ୍ରିୟ ଭାଇ, ମୋର ପ୍ରିୟ ଭଉଣୀ, ଯେପର୍ଯ୍ୟନ୍ତ ଜଣେ ମନୁଷ୍ୟ ନୂତନ ଭାବେ ଜନ୍ମ ନ ହୁଏ, ସେ କୌଣସି ପ୍ରକାରେ ଏହି ରାଜ୍ୟକୁ ଫେରି ଆସିପାରିବ ନାହିଁ । ସେ କରିପାରିବ ନାହିଁ । "ଯେପର୍ଯ୍ୟନ୍ତ ଗହମର ଏହି ଶସ୍ୟ ଭୂମିରେ ପଡ଼ି ମରି ନ ଯାଏ ।" ସେ ନିଜ ବିଷୟରେ କହୁଥିଲେ । କିନ୍ତୁ ତାହାଙ୍କ ପାଖରେ, ଚିରସ୍ଥାୟୀ ଜୀବନ ନୁହେଁ, ତାଙ୍କ ପାଖରେ ଅନନ୍ତ ଜୀବନ ଥିଲା; ଏବଂ ସେହି ଜୀବନ ସେ ଆପଣଙ୍କୁ ପ୍ରଦାନ କରିଥିଲେ, ଯେପରିକି ଆପଣଙ୍କଠାରେ ସେହି ସମାନ ପ୍ରକାରର ଜୀବନ ରହିପାରେ ।

153 ତେବେ, ଯଦି ଆପଣଙ୍କ ପାଖରେ କେବଳ ମାନବୀୟ ଜୀବନ ଅଛି, ଯେ ଆପଣଙ୍କୁ ଏଆଡେ ସେଆଡେ ଘୁରାଏ ଓ ଏବଂ କାମ ବାସନାର ଲୋଭ କରାଏ, "ଯିଏ ସୁଖ ବିଳାସରେ ଜୀବନ ଯାପନ କରେ ସେ ଜୀବିତ ଥାଉ ଥାଉ ହିଁ ମୃତ ଅଟେ," ଆପଣ ଉଠିପାରିବେ ନାହିଁ । ଆପଣ ହୁଏତ ବିଦ୍ୟାଳୟର ସବୁଠାରୁ ଲୋକପ୍ରିୟ ଝିଅ ହୋଇପାରନ୍ତି, ଆପଣ ହୁଏତ ଆପଣଙ୍କ ସମାଜର ତାଶ ଖେଳରେ ସବୁଠାରୁ ଲୋକପ୍ରିୟ ଝିଅ ହୋଇପାରନ୍ତି, ଆପଣ ହୁଏତ ଦେଶର ସବୁଠୁ ଉତ୍ତମ-ପୋଷାକଧାରୀ ମହିଳା ହୋଇପାରନ୍ତି, ଆପଣ ସବୁଠାରୁ ସୁନ୍ଦର

ହୋଇପାରନ୍ତି, ଆପଣ ହୁଏତ ସବୁଠୁ ଉତ୍ତମ ଶରୀର ପାଇ ଥାଇପାରନ୍ତି, ଆପଣ ହୁଏତ ନିଜର ସ୍ୱାମୀ ପାଇଁ ଏକ ଆଦର୍ଶ ହୋଇପାରନ୍ତି, ଆପଣ ଏହି ସବୁ ବିଷୟ ହୋଇ ଥାଇପାରନ୍ତି, ଯାହାକି, ତାହା ଅଦ୍ଭୁତ ଅଟେ, ମାତ୍ର, ହେ ଭଉଣୀ, ଯେପର୍ଯ୍ୟନ୍ତ ଆପଣଙ୍କଠାରେ ପବିତ୍ରଆତ୍ମା ନାହିଁ, ଯାହାକି ଅନନ୍ତ ଜୀବନ ଅଟେ, ଏହି ମାର୍ଗର ଶେଷରେ ଆପଣ ସମାପ୍ତ ଅଟନ୍ତି।

ଏବଂ ମୁଁ ଏଥିର ଖାତିର୍ କରେ ନାହିଁ ଯେ ଆପଣ କିପରି ଦେଖା ଯାଆନ୍ତି କିମ୍ବା ଏହି ବିଷୟଗୁଡ଼ିକ କିପରି ଅଟେ, ଅବା ଆପଣ କେତେ ଲୋକପ୍ରିୟ ନୁହଁନ୍ତି କିମ୍ବା ଲୋକପ୍ରିୟ ଅଟନ୍ତି, କେତେ ସୁନ୍ଦର ବା କେତେ ଅସୁନ୍ଦର ଅଟନ୍ତି, ଯଦି ଆପଣଙ୍କଠାରେ ଅନନ୍ତ ଜୀବନ ଅଛି, ତେବେ ଆପଣ *ସେଠାରେ* ସବୁଦିନ ଓ ଚିରଦିନ ପାଇଁ ବଞ୍ଚି ରହିବେ।

154 ଯେତେବେଳେ ଚନ୍ଦ୍ର ଓ ନକ୍ଷତ୍ରଗଣ ଚାଲିଯାଆନ୍ତି, ଏବଂ ପୃଥିବୀ ନିଜକୁ ପର୍ବତ ଓ ମରୁଭୂମିରେ କାନ୍ଦିଥାଏ, ଏବଂ ସବୁକିଛିର ଥାଏ, ନ ଥାଏ, ଏହା ଆଉ ନୁହେଁ, ଆଉ ଏହି ଜଗତ ଟଳମଳ ହେଉଥାଏ ଯେପରିକି ରାତିରେ ମଦ୍ୟପାନ କରି ଜଣେ ବ୍ୟକ୍ତି ଘରକୁ ଫେରୁଥାଏ, ଏବଂ ନକ୍ଷତ୍ରଗଣ ଆଲୋକିତ ହେବାକୁ ମନା କରିଦିଅନ୍ତି, ଓ ଆକାଶରୁ ଖସି ପଡ଼ନ୍ତି, ଏବଂ ଚନ୍ଦ୍ର ରକ୍ତବର୍ଣ୍ଣ ହୋଇଯାଏ, ଏବଂ ସେହି—ସେହି ସୂର୍ଯ୍ୟ ଲାଜେଇ ଯାଇ ନିଜର ମୁହଁ ଲୁଚାଇ ଦିଏ, ଯେତେବେଳେ ସେମାନେ ମନୁଷ୍ୟପୁତ୍ରକୁ ଆସୁଥିବାର ଦେଖନ୍ତି, ସେତେବେଳେ ଆପଣ କବରରୁ ଜଣେ ଯୁବା, ସୁନ୍ଦର ସ୍ତ୍ରୀ ଭାବରେ ବାହାରି ଆସିବା ପାଇଁ, ଯୀଶୁ ଖ୍ରୀଷ୍ଟଙ୍କ ଧାର୍ମିକତାରେ ଉଜ୍ଜ୍ୱଳ ହେବେ, ଯେ ନିଜର ସାଥୀକୁ ଗ୍ରହଣ କରନ୍ତି, ଏବଂ ସବୁଦିନ, ଓ ସବୁଦିନ ଏବଂ ସବୁଦିନ ପାଇଁ ବଞ୍ଚି ରହିବେ, ଏବଂ ସମସ୍ତ ଅନନ୍ତ ଯୁଗ ପାଇଁ ଆପଣ ତଥାପି ବଞ୍ଚି ରହିବେ। ତାହାହିଁ ହେଉଛି ଯାହା ପାଇଁ କି ପବିତ୍ରଆତ୍ମା ଅଟନ୍ତି।

ଯଦି ଆପଣ ସବୁଠୁ କମ୍ ଟଣାଯିବା ଅନୁଭବ କରନ୍ତି, ତାହାକୁ ଦୂର କରନ୍ତୁ ନାହିଁ।

155 ପବିତ୍ରଆତ୍ମା କ'ଣ ଅଟେ? ଆପଣଙ୍କ ଭିତରେ ପରମେଶ୍ୱର। ଏହା କ'ଣ ପାଇଁ ଅଟେ? ତାହାଙ୍କ ଲୋକମାନଙ୍କ ମଧ୍ୟରେ ତାଙ୍କର କାର୍ଯ୍ୟକୁ ଜାରି ରଖିବା ପାଇଁ; ତାହାଙ୍କର ମଣ୍ଡଳୀକୁ ଏକତ୍ର ଆଣିବା ପାଇଁ, ଏହି ଦିନରେ ମଣ୍ଡଳୀକୁ ଏପରି ଏକ ସ୍ଥାନକୁ ଆଣିବା ପାଇଁ, ଯାହାକି ଲୁଥରାନ୍, ମେଥୋଡିଷ୍ଟ ଏବଂ ପେଣ୍ଟିକଷ୍ଟାଲ୍‌ଠାରୁ ବହୁ ଦୂରରେ ଅଟେ, ଓ ପୁତ୍ରତ୍ୱର ଗ୍ରହଣ କରିବା ନିମନ୍ତେ ଏପରି ଏକ ସ୍ଥାନକୁ ଏବଂ ସ୍ୱର୍ଗାରୋହଣ ନିମନ୍ତେ ଏକ ଅନୁଗ୍ରହର ସ୍ଥାନକୁ ଆଣିବା ପାଇଁ। ଯେ, ଯେତେବେଳେ ମଣ୍ଡଳୀର ଏହି ଅଂଶ, ଯେତେବେଳେକି ଆତ୍ମା ଏଠାରେ ଏହି ମଣ୍ଡଳୀକୁ ଯାଆନ୍ତି, ସେତେବେଳେ ଏହା କେବଳ ଉଠି ପଡ଼ିବ; ଏବଂ ଏହା ନେଇକରି ଆସିବ, ମୁକ୍ତିପ୍ରାପ୍ତ ସମସ୍ତଙ୍କୁ ନେଇକରି ଆସିବ ଯେଉଁମାନେକି ସେହି ଆତ୍ମାକୁ ସ୍ପର୍ଶ କରିଥିଲେ।

ସେହି ଲୁଥରାନ୍‌ମାନେ ଯେଉଁମାନେକି ସେଠାରେ ସେମାନଙ୍କ ପାଖରେ ଥିବା ସମସ୍ତ ଆଲୋକ ସହିତ, ଧାର୍ମିକ ଗଣିତ କରାଯିବାରେ ଠିଆ ହୋଇଥିଲେ; ସେହି ମେଥୋଡିଷ୍ଟମାନେ ଯେଉଁମାନେକି ଚଟାଣ ଉପରେ ପଡ଼ି ଯାଇଥିଲେ, ଏବଂ ସେମାନେ

ସେମାନଙ୍କ ମୁହଁରେ ପାଣି ଛିଞ୍ଚି ଥିଲେ, ଆତ୍ମା ସେମାନଙ୍କୁ ଆଘାତ କରିବା ଦ୍ୱାରା ପବିତ୍ରୀକରଣଠାରୁ; ସେହି ପେଣ୍ଟିକଷ୍ଟାଲମାନେ, ଯେ ସେମାନେ ରାସ୍ତାରେ ଉପର-ଓ-ତଳକୁ ଚାଲି ଯାଇଥିଲେ ଏବଂ ସେମାନଙ୍କୁ ଡାକିଥିଲେ "ଜିଭ-ଠାରୁ-ଫୁସଫୁସ," ଏବଂ, ଓଃ, "ବିଲିବିଲୋଉଥିବା," ଏବଂ "ବତକ ଭାଷାରେ," ଏବଂ ସେହି ସମସ୍ତକିଛି ଡାକିଥିଲେ; ସେମାନେ ସେହି ଦିନ ପରମେଶ୍ୱରଙ୍କ ଦୃଷ୍ଟିରେ, ଧାର୍ମିକତାରେ ଠିଆ ହେବେ, ଠିକ୍ ଯେତିକି ସୁନିଶ୍ଚିତ ଭାବରେ ଏହି ବାଇବଲ ଏଠାରେ ଠିଆ ହୋଇଛି । ଯଦି ଆପଣ ମୋତେ ଜଣେ ସେବକ ବୋଲି ବିଶ୍ୱାସ କରନ୍ତି...ଆପଣ ମୋତେ ତାହାଙ୍କର ଭବିଷ୍ୟଦ୍‌ବକ୍ତା ବୋଲି ଡାକନ୍ତି; ମୁଁ ନିଜକୁ ସେପରି କୁହେ ନାହିଁ । କିନ୍ତୁ, ଆପଣ ଶୁଣନ୍ତୁ, ମୁଁ ଆପଣଙ୍କୁ ପ୍ରଭୁଙ୍କ ନାମରେ କହୁଅଛି । ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଅଛନ୍ତି ପରମେଶ୍ୱର ତାହାଙ୍କର ଆଗମନ ସମୟରେ, ପୁନରୁତ୍‌ଥାନରେ, ଏବଂ କେବଳ ସେହିମାନେ ଯେଉଁମାନେକି ଖ୍ରୀଷ୍ଟଙ୍କଠାରେ ଅଛନ୍ତି ସେହି ଲୋକମାନଙ୍କୁ ହିଁ ସେ ତାହାଙ୍କ ସହିତରେ ଆଣିବେ ।

156 ବନ୍ଧୁଗଣ, ଆମେମାନେ ଖ୍ରୀଷ୍ଟଙ୍କ ଭିତରକୁ କିପରି ଆସୁ?

"କଅଣ ଗୋଟିଏ ମତ ଦ୍ୱାରା ଆମେ ସମସ୍ତେ ଯୋଗ ଦେଇଥାଉ ।"? ନା ।

"କଅଣ ଏକ ହାତ ମିଶାଇବା ଦ୍ୱାରା ଆମେ ସମସ୍ତେ ଟାଣି ହୋଇଥାଉ ।"? ନା ।

"କଅଣ ଏକ ଜଳ ଦ୍ୱାରା ଆମେ ସମସ୍ତେ ବାପ୍ତିଜିତ ହୋଇଥାଉ ।"? ନା ।

କିମ୍ବା, "ଏକ ନାମଧାରୀ ସଂସ୍ଥା ଦ୍ୱାରା ଆମେ ସମସ୍ତେ ନାମିତ ହୋଇଥାଉ"? ନା ।

କିନ୍ତୁ, "ଦ୍ୱାରା..." ପ୍ରଥମ କରିନ୍ଥୀୟ 12:13, "ଗୋଟିଏ ଆତ୍ମା ଦ୍ୱାରା," ପବିତ୍ରଆତ୍ମା, ପରମେଶ୍ୱରଙ୍କ ଆତ୍ମା, "ଆମେ ସମସ୍ତେ..." ମେଥୋଡିଷ୍ଟ, ବାପ୍‌ଟିଷ୍ଟ, ଲୁଥରାନ୍, ପ୍ରେସବିଟେରିଆନ୍, "ଆଲୋକରେ ଚାଲନ୍ତୁ, ଯେପରି ସେ ଆଲୋକରେ ଅଛନ୍ତି, ଆମର ପରସ୍ପର ସହିତ ସହଭାଗୀତା ରହିଅଛି, ଏବଂ ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ, ଆମକୁ ସମସ୍ତ ଅଧର୍ମରୁ ପରିଷ୍କାର କରେ ।" "ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ, ଓ ତାହାଙ୍କ ଅନୁଗ୍ରହର ଅଂଶୀଦାର କରା ଯାଇଅଛୁ ।"

157 ଆପଣ ବିଚାରକୁ ଯାଇପାରନ୍ତି ନାହିଁ । "ଯିଏ ମୋହର ବାକ୍ୟ ଶୁଣେ ଏବଂ ବିଶ୍ୱାସ କରେ ।" କୌଣସି ବ୍ୟକ୍ତି ବିଶ୍ୱାସ କରିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେ ପବିତ୍ରଆତ୍ମା ନ ପାଇଥାଆନ୍ତି । "ଏବଂ ମୋହର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ," ଯେତେବେଳେକି ପବିତ୍ରଆତ୍ମା ତାହାଙ୍କର ପୁନରୁତ୍‌ଥାନ ବିଷୟରେ ସାକ୍ଷ୍ୟ ଦେଇଅଛନ୍ତି । "ଅନନ୍ତ ଜୀବନ ପାଇଅଛି, ଏବଂ ସେ କେବେ ବି ବିଚାରକୁ ଆସିବେ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି ।" କଅଣ? ଆପଣ କଦାପି ବିଚାରକୁ ସାକ୍ଷାତ କରିବେ ନାହିଁ । ଆପଣ କେବେବି ବିଚାର ପାଇଁ ଶ୍ୱେତ ସିଂହାସନରେ ଠିଆ ହେବେ ନାହିଁ ।

ଆପଣ ନିଜର ବିଚାରକୁ ଠିକ୍ ଏହିଠାରେ ହିଁ ସାକ୍ଷାତ କରିବେ । ଆପଣ ସେତେବେଳେ ନିଜର ବିଚାରକୁ ଅତିକ୍ରମ କରିଥାଆନ୍ତି ଯେତେବେଳେ ଆପଣ ଏହା ସାକ୍ଷାତ କରି କୁହନ୍ତି, "ମୁଁ କୌଣସି ଭଲ ନୁହେଁ, ଏବଂ ମୋର ଶିକ୍ଷା ଭଲ ନୁହେଁ । ହେ ପ୍ରଭୁ, ମୋ ଭିତରକୁ ଆସ, ଏବଂ ମୋତେ ନେଇ ମୋର ମାର୍ଗଦର୍ଶନ କର, ପ୍ରଭୁ । ଏହି ପାଗଳ ଜଗତ କଅଣ କୁହେ ମୋର ସେଥିରେ କିଛି ଯାଏ ଆସେ ନାହିଁ । ହେ ପ୍ରଭୁ, ମୋତେ ତୁମର ଆତ୍ମା ଦ୍ୱାରା, କଢ଼େଇ ନିଅ ।" ଆପଣ ସେତେବେଳେ ବିଚାର କରି ସାରିଥାଆନ୍ତି । ଖ୍ରୀଷ୍ଟଙ୍କ ପାଇଁ ନିଜକୁ ମୂର୍ଖ ବୋଲି ବିଚାର କର, ଏବଂ, ତାହାଙ୍କ ଧାର୍ମିକତାରେ, ସେହି ଦିନ ଆମେ ତାହାଙ୍କ ସାଦୃଶ୍ୟତାରେ ଅମର ହୋଇ ଠିଆ ହେବୁ ।

158 କେବଳ ଗୋଟିଏ ଉପାୟରେ । କିପରି? "ଗୋଟିଏ ଆତ୍ମା ଦ୍ୱାରା ଆମେ ସମସ୍ତେ ଗୋଟିଏ ଶରୀରରେ ବାପ୍ତିଜିତ ହୋଇଅଛୁ ।" ଏବଂ ଯେତେବେଳେ ଆପଣ ସେହି ଶରୀରରେ ଥାଆନ୍ତି, ବିଚାର ସେହି ଶରୀରକୁ ବିଚାର କରିସାରିଥାଏ, ଏବଂ ଆପଣ ତାହାଙ୍କୁ ନିଜର ପାପର ପ୍ରାୟଶ୍ଚିତ ଭାବରେ ଗ୍ରହଣ କରି ସାରିଥାଆନ୍ତି ।

ଆପଣ କୁହନ୍ତି, "ମୁଁ ତାହା କରିସାରିଛି, ଭାଇ ବ୍ରାନହାମ୍ ।"

ତାହାପରେ, ଯଦି ପବିତ୍ରଆତ୍ମା ଫେରି ଆସି ଆପଣଙ୍କୁ ଏକ ଚିହ୍ନ ଭାବରେ ଗୋଟିଏ ମୁଦ୍ରାଙ୍କ ଦେଇଅଛନ୍ତି, ତାହାହେଲେ ସେହି ଆତ୍ମା ଆପଣଙ୍କୁ ଖ୍ରୀଷ୍ଟଙ୍କ ଶରୀର ଭିତରକୁ ନେଇ ଆସିଥାଏ । ଆପଣ ଅନ୍ୟ ପଥକୁ ଫେରିଯାଆନ୍ତି, ଏବଂ ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକ ନୂତନ ଜୀବ ହୋଇଯାଆନ୍ତି । "ଆପଣ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି । ପୁରାତନ ବିଷୟସବୁ ଚାଲି ଯାଇଅଛି, ଏବଂ ଆପଣ ଖ୍ରୀଷ୍ଟଙ୍କଠାରେ ନୂତନ ହୋଇଅଛନ୍ତି!" ଆମେନ୍!

159 ଓଃ, ଦୟାକରି, ମୋତେ ମୋର ଖ୍ରୀଷ୍ଟିଆନ ଭାଇ କିମ୍ବା ଭଉଣୀ, ମୋତେ ଆପଣଙ୍କୁ ପ୍ରବର୍ତ୍ତାଇବାକୁ ଦିଅନ୍ତୁ । ଏହି ଉଦ୍ଦୀପନାକୁ ଆପଣଙ୍କଠାରୁ ଦୂରେଇ ଯିବାକୁ ଦିଅନ୍ତୁ ନାହିଁ । ଆପଣ ନିଶ୍ଚୟ ପବିତ୍ରଆତ୍ମା ଗ୍ରହଣ କରନ୍ତୁ । ଏହା କଅଣ ଅଟେ? ପରମେଶ୍ୱରଙ୍କ ସେହି ଆତ୍ମା । ଏହା କଅଣ ପାଇଁ ଥିଲା? ଆପଣଙ୍କୁ କଢେଇ ନେବା ପାଇଁ, ମାର୍ଗଦର୍ଶନ କରିବା ପାଇଁ, ଆପଣଙ୍କୁ ପୂରଣ କରିବା ପାଇଁ, ପବିତ୍ର କରିବା ପାଇଁ, ଆପଣଙ୍କୁ ମଣ୍ଡଳୀ ଭିତରକୁ, ଆହ୍ୱାନ କରିବା ପାଇଁ ଥିଲା ।

ଏକ ମଣ୍ଡଳୀ କଅଣ, *ମଣ୍ଡଳୀ* ଶବ୍ଦର ଅର୍ଥ କଅଣ ଅଟେ? "ଆହ୍ୱାନ ପ୍ରାପ୍ତ, ପୃଥକୀକୃତ ।" ଓଃ, ମୁଁ ଠିକ୍ ତେବେ ସେଥିରୁ କିପରି ଏକ ଉପଦେଶ ନେଇ ପାରିବି! "ଆହ୍ୱାନ ପ୍ରାପ୍ତ, ପୃଥକୀକୃତ," ବିଦେଶୀ, ଜଗତଠାରୁ ଦୂରରେ, ତୀର୍ଥଯାତ୍ରୀ ଏବଂ ବିଦେଶୀ, ଏହା ଦାବି କରିଥାଉ ଯେ ଆମର ଏଠାରେ କୌଣସି ପାର୍ଥିବ ନଗର ନାହିଁ ଯେଉଁଥିରେ ଆମେ ବାସ କରିବାକୁ ଇଚ୍ଛା କରୁ । ଓଃ, ମୋର ପ୍ରଭୁ!

160 ଯେପରିକି ଅବ୍ରହାମ, ଇସ୍‌ହାକ, ଏବଂ ଯାକୁବ, ସେହି ଦେଶର ତମ୍ବୁରେ ବାସ କରି, ଭ୍ରମଣ କରିଥିଲେ। ସେମାନେ ଏହା ସାକ୍ଷ୍ୟ ଦେଉଥିଲେ ଯେ ସେମାନେ ତୀର୍ଥଯାତ୍ରୀ ଏବଂ ବିଦେଶୀ, ସେଠାରେ ଥିବା ଉତ୍ତରାଧିକାରୀ; ସେହି ପିତା, ଉତ୍ତରାଧିକାରୀ, ଉତ୍ତରାଧିକାରୀର ବଂଶ ଥିଲେ। ଆମେ ସେମାନଙ୍କର ବଂଶ ଅଟୁ। "ଏବଂ ସେମାନେ ଏପରି ଏକ ନଗରର ଅନ୍ୱେଷଣ କରୁଥିଲେ ଯାହାର ନିର୍ମାଣକାରୀ ଏବଂ ରଚନାକାରୀ ପରମେଶ୍ୱର ଥିଲେ।" ଆମେନ୍। ସେମାନେ ଅନ୍ୱେଷଣ କରୁଥିଲେ।

161 ଏବଂ, ଆଜି, ସେମାନଙ୍କର ବଂଶ ଏବେ ମଧ୍ୟ ଏହା କହି, ଏକ ଆସୁଥିବା ନଗରର ଅନ୍ୱେଷଣ କରୁଅଛି, "ମୁଁ ଏହି ଜଗତ ସହିତ ସାମଞ୍ଜସ୍ୟ ରଖିବାକୁ ଚାହେଁ ନାହିଁ। ମୁଁ ଏହି ଜଗତ ସହିତ କିଛି ହେଲେ କରିବାକୁ ଚାହେଁ ନାହିଁ। ମୁଁ ଚାହେଁ, ମୁଁ ଏପରି ଏକ ନଗରର ଅନ୍ୱେଷଣ କରୁଅଛି ଯାହା ବର୍ଗାକାର ଭାବରେ ନିର୍ମିତ ଅଟେ। ମୁଁ ଏପରି ଏକ ନଗରର ଅନ୍ୱେଷଣ କରୁଅଛି ଯେଉଁଥିରେ ଅନନ୍ତ ଜୀବନ ଅଛି, ଯେଉଁଠାରେ ସୂର୍ଯ୍ୟ କେବେ ବି ଅସ୍ତ ହେବ ନାହିଁ, ଯେଉଁଠାରେ କେବେବି ବୃଦ୍ଧାବସ୍ଥା ହେବ ନାହିଁ, ଯେଉଁଠାରେ କେବେବି କବାଟର ମୁଠୀ ଉପରେ କୌଣସି ଶୋକବସ୍ତ୍ର ରହିବ ନାହିଁ କିମ୍ବା ପାହାଡ ପାର୍ଶ୍ୱରେ କବର ରହିବ ନାହିଁ। ମୁଁ ସେହି ନଗରର ଅନ୍ୱେଷଣ କରୁଅଛି, ଯାହାର ନିର୍ମାଣକାରୀ ଏବଂ ରଚନାକାରୀ, ପରମେଶ୍ୱର ଅଟନ୍ତି।"

162 ଏହାକୁ ଖୋଜିବାର କେବଳ ଗୋଟିଏ ଉପାୟ ଅଛି। "ପର୍ବତରୁ ଏକ ପଥର କଟା ଯାଇଥିଲା, ବିନା ହାତରେ, ଯାହାକି ଗଡି ଗଡ଼ି ଜଗତ ଉପରକୁ ଆସିଥିଲା ଏବଂ ତାହାକୁ ଚୂର୍ଣ୍ଣ କରିଦେଇଥିଲା, ଆଉ ତାହା ଗହମ ପରି...କିମ୍ବା ଖଳାରେ ତଷୁ ପରି ହୋଇଗଲା।" ଏହା ହେଉ ଯେ ସେହି ପଥର, ଖ୍ରୀଷ୍ଟ ଯୀଶୁ; ଜଗତ ପାଇଁ ଝୁଣ୍ଟିବା-ପଥର, ଏକ ବାଧାଜନକ ପଥର, ଏକ ପରିହାସ-ପଥର, ମଣ୍ଡଳୀ ପାଇଁ ଏକ ବାଧାଜନକ-ପ୍ରସ୍ତର; ମାତ୍ର ବିଶ୍ୱାସୀଙ୍କ ପାଇଁ ଏକ ମୂଲ୍ୟବାନ ଏବଂ ଚୁମ୍ବକୀୟ ପଥର, ଆଶ୍ୱାସନାର ଏକ ପଥର, ବିଶ୍ରାମର ଏକ ପଥର ହେଉନ୍ତୁ। ଓଃ, ମୋର ପ୍ରଭୁ!

ବିଶ୍ରାମ କରୁଅଛି! ମୁଁ ଜାଣେ ଯେ ମୁଁ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି। ମୋର ପ୍ରାଣ ବିଶ୍ରାମରେ ଅଛି। ଓଃ! "ହେ ପରିଶ୍ରମୀ ଓ ଭାରଗ୍ରସ୍ତ ସମସ୍ତେ ମୋ ପାଖକୁ ଆସ, ଏବଂ ମୁଁ ତୁମ ପ୍ରାଣ ମଧ୍ୟରେ ବିଶ୍ରାମ ଦେବି।" "ଏକ—ଏକ ଚିହ୍ନ ଯାହା ବିଷୟରେ ମନ୍ଦ କୁହାଯିବ," ସେହି—ସେହି ଭବିଷ୍ୟଦ୍‌ବକ୍ତା ମରିୟମଙ୍କୁ କହିଥିଲେ। ଏହା ଏକ ଚିହ୍ନ ହେବ, ନିଶ୍ଚିତରେ, ଏହା ହେବ। ମାତ୍ର ଏହା ଏକ ଆଶ୍ୱାସନା ହେବ। ଏହା ଏକ ପ୍ରେମ ହେବ। ଏହା ଏକ ସନ୍ତୁଷ୍ଟି ହେବ। ଏହା ଏପରି କିଛି ହେବ ଯାହାକି ଆପଣ ଜାଣିବେ ଯେ ଆପଣ ମୃତ୍ୟୁରୁ ଜୀବନକୁ ପ୍ରବେଶ କରି ଯାଇଛନ୍ତି।

163 ମୋ ଭାଇ, ମୋ ଭଉଣୀ; ଆପଣଙ୍କ ଭାଇ ଭାବରେ, ଖ୍ରୀଷ୍ଟଙ୍କଠାରେ ଆପଣଙ୍କ ସେବକ ଭାବରେ, ମୋତେ ଆପଣମାନଙ୍କୁ ମୋର ନିଜ ହୃଦୟ ପରି, ପ୍ରବର୍ତ୍ତାଇବାକୁ ଦିଅନ୍ତୁ। ଆପଣ

ଏହାକୁ ଆପଣଙ୍କର ମୁଣ୍ଡ ଉପରୁ ଯିବାକୁ ଦିଅନ୍ତୁ ନାହିଁ, କିମ୍ବା ଆପଣଙ୍କ ପାର୍ଶ୍ୱରୁ, କିମ୍ବା ଆପଣଙ୍କର ତଳରୁ ଯିବାକୁ ଦିଅନ୍ତୁ ନାହିଁ । ଏହାକୁ ନିଜ ହୃଦୟରେ ଗ୍ରହଣ କରନ୍ତୁ, ଏବଂ ଆପଣ ପୃଥିବୀରେ ଜଣେ ପ୍ରଫୁଲ୍ଲିତ ବ୍ୟକ୍ତି ହେବେ ।

ମୁଁ ଆପଣଙ୍କୁ ଏହା ପ୍ରତିଶୃତି ଦେଉ ନାହିଁ ଯେ ଆପଣ ଦଶ ଲକ୍ଷ ଡଲାର ଟଙ୍କା ପାଇଯିବେ । ନା, ଆଜ୍ଞା । ଭାଇ ଲିଓ, ମୁଁ ଭାବୁଛି ଯେ ବର୍ତ୍ତମାନ ସେହିପରି ବହୁତ ଅଧିକ ପ୍ରତିଜ୍ଞାମାନ କରାଯାଇଅଛି, "ଲକ୍ଷ ଲକ୍ଷ ଡଲାର," ସେହି ବିଷୟ ଯାହାକି ବିଭିନ୍ନ ଲୋକମାନେ କହିଛନ୍ତି । "ଯଦି ଆପଣ ଜଣେ ଖ୍ରୀଷ୍ଟିଆନ ହେବେ, ତେବେ ଆପଣ ଦଶ ଲକ୍ଷ ଡଲାର ପାଇବେ ଏବଂ ଆପଣ ଜଣେ ଧନୀ ବ୍ୟକ୍ତି ହୋଇଯିବେ ।" ମୁଁ ଆପଣଙ୍କୁ କିଛି ପ୍ରତିଜ୍ଞା କରୁନାହିଁ ।

ମୁଁ ଆପଣଙ୍କୁ ଏହା ପ୍ରତିଜ୍ଞା କରୁଅଛି, କେବଳ ମାତ୍ର ବିଷୟ ଯାହାକି ମୁଁ ଆପଣଙ୍କୁ ପ୍ରତିଜ୍ଞା କରିପାରେ: ତାହାଙ୍କର ପରିତ୍ରାଣ । ତାହାଙ୍କର ଅନୁଗ୍ରହ ପ୍ରତ୍ୟେକ ପରୀକ୍ଷା ପାଇଁ ଯଥେଷ୍ଟ ଅଟେ । ପେଣ୍ଟିକଷ୍ଟରେ ଥିବା ଲୋକମାନେ, ସେମାନେ ତ ତାହା ମଧ୍ୟ ଚାହିଁ ନ ଥିଲେ ଯାହା ତାହାଙ୍କ ପାଖରେ ରହିଥିଲା । ତେବେ କୋଟିପତିଙ୍କ ବିଷୟରେ କହୁଛନ୍ତି? ସେମାନେ ତାହା ଚାହିଁ ନ ଥିଲେ ଯାହା ସେମାନଙ୍କ ପାଖରେ ରହିଥିଲା, ଭଉଣୀ ଏଞ୍ଜି ।

164 ମୁଁ ଆପଣଙ୍କୁ ଏବଂ ଗର୍ଟିକୁ ଗୀତ ଗାଉଥିବାର ଶୁଣିବାକୁ ଚାହେଁ, ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ (ସେ କେଉଁଠାରେ ଅଛି?), *ହୋମକମିଙ୍ଗ ୱିକ ଅର୍ଥାତ୍ ଗୃହ ପ୍ରତ୍ୟାବର୍ତ୍ତନର ସପ୍ତାହ,* ଏହି ଦିନଗୁଡିକ ମଧ୍ୟରୁ ଗୋଟିଏରେ । ସେହି ସମୟଠାରୁ ସେମାନଙ୍କ ମଧ୍ୟରୁ ଅନେକେ ସୀମା ପାର କରି ଅନ୍ୟ ପଟକୁ ଚାଲି ଯାଇଛନ୍ତି । ଓଃ, ମୋର ପ୍ରଭୁ!

ସେମାନେ ମହାନ ବିଷୟଗୁଡିକୁ ମାଗିଲେ ନାହିଁ । ସେମାନେ ଟଙ୍କା ମାଗିଲେ ନାହିଁ । କାହିଁକି, ପିତର କହିଲେ, "ରୂପା ଏବଂ ସୁନା ମୋ ପାଖରେ ନାହିଁ, କିନ୍ତୁ ଯାହା ମୋ ପାଖରେ ଅଛି, ତାହା ମୁଁ ତୁମକୁ ଦେବି ।"

ଏବଂ ଆଜି ରାତିରେ ମୁଁ ତାହା କହୁଅଛି, ବନ୍ଧୁଗଣ । ସେହି ଆନନ୍ଦ, ସେହି ପ୍ରେମ, ସେହି ଆଶ୍ୱାସନା, ଯାହାକି ମୋର ଖ୍ରୀଷ୍ଟ ଏବଂ ତାହାଙ୍କର ପୁନରୁତ୍‌ଥାନ ବିଷୟରେ ଅଛି, ଏହିସବୁ ମୋ ପାଖରେ ଅଛି, ତାହା ମୁଁ ଆପଣମାନଙ୍କୁ ପ୍ରଦାନ କରେ; ପରମେଶ୍ୱରଙ୍କ ସନ୍ତାନ ଭାବରେ, ମୁଁ ଆପଣମାନଙ୍କୁ ପ୍ରଦାନ କରେ ।

ଏବଂ ଆପଣ ଆସି କ୍ରୁଶ ପାଖରେ ରୁହନ୍ତୁ ଯଦି ପରମେଶ୍ୱର ଆପଣଙ୍କୁ ଡାକିଛନ୍ତି, ଏବଂ ଆପଣ ଉଠନ୍ତୁ ନାହିଁ । ଯେତେବେଳେ ଆପଣ ଆସନ୍ତାକାଲି ରାତିରେ ଆସନ୍ତି, ଆପଣ ଏଠାକୁ ଯିବା ପାଇଁ ଓ ଏହା ଶେଷ ନ ହେବା ଯାଏଁ ରହିବା ପାଇଁ ଆସନ୍ତୁ, କିଅବା ଆସନ୍ତୁ ଆଉ ଆମେମାନେ ପ୍ରାର୍ଥନା କରିବାକୁ ଓ ଆପଣଙ୍କ ଉପରେ ହାତ ରଖିବାକୁ ଯାଉଅଛୁ । ଯାଆନ୍ତୁ... ତାହାହିଁ ହେଉଛି ବାଇବଲର ଆଦେଶ, ପବିତ୍ରଆତ୍ମା ପାଇଁ ସେମାନଙ୍କ ଉପରେ ହାତ ରଖନ୍ତୁ । ଏବଂ ତାହାପରେ ଆମେମାନେ ଯାଉଅଛୁ, ଆପଣ ନିଜ ଘରକୁ ଯାଆନ୍ତୁ...ଯଦି ଆପଣ ଠିକ୍ ସେଠାରେ ରହିଥିବେ, ଯଦି ଆପଣ ରାତିସାରା ରହିବେ, ପରଦିନ ରହିବେ, ତାର ପରଦିନ

ରହିବେ, ଛୁଟିଦିନ ସାରା ରହିବେ, ବର୍ଷର ପ୍ରଥମ ପର୍ଯ୍ୟନ୍ତ ରହିବେ, ଏବଂ ରହିବେ, ସେପର୍ଯ୍ୟନ୍ତ ରହି ଚାଲିଥିବେ ।

165 ଯେ, ଆସନ୍ତାକାଲି ରାତି ବିଷୟରେ ଆମେ ଯାହା ଯାହା ନିର୍ଦ୍ଦେଶ ଦେବୁ, ବାଇବଲରେ ଆପଣଙ୍କୁ ଦେଖାଇବୁ ଯେ ଯାହା ଆସିବାକୁ ଅଛି, ତାହା ଆସିବ । ଏବଂ ଯେତେବେଳେ ଏହା ଆସିବ, ସେତେବେଳେ ଯନ୍ତ୍ରଣା ଦେବାରେ ଯଥେଷ୍ଟ ଭୂତ ନ ଥିବେ…ଆପଣ ଜାଣିବେ ଯେ ଆପଣ ମୃତ୍ୟୁରୁ ଜୀବନକୁ ପ୍ରବେଶ କରିଯାଇଛନ୍ତି । ଆପଣ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକ ନୂତନ ଜୀବ ଅଟନ୍ତି । ସ୍ୱର୍ଗର ଆନନ୍ଦ ଘଣ୍ଟିମାନ ବାଜିବ ।

166 ଭାଇ ଓଥାଲ, ମୁଁ ଆପଣଙ୍କୁ କହୁଛି, ଏହା ଆପଣଙ୍କୁ ଦଗ୍ଧ କରି ପକାଇବ । ଏଠାରେ ଜଣେ ବଡ଼ ପିଲାଟିଏ ବସିଛନ୍ତି, ମୋର ଜଣେ ପୁରୁଣା ଭାଇ, ଯିଏକି ଜଣେ ଅପରାଧୀ ଥିଲେ ଓ ନିଜ ପାର୍ଶ୍ୱରେ ବନ୍ଧୁକ ଧରି ବୁଲୁଥିଲେ, କୋଣ ସ୍ଥାନଗୁଡିକରେ ଜଣେ ବ୍ୟକ୍ତିଙ୍କୁ ଖୋଜୁଥିଲେ, ଯେପରିକି କାହାରି ମସ୍ତିଷ୍କକୁ ଗୁଳିରେ ଉଡ଼ାଇ ଦେବେ । ତେବେ କଅଣ ଘଟିଲା? ଦିନେ ସେ ଅନାଇଲେ ଏବଂ ଜୀବନ ପ୍ରତି ବିଶ୍ୱାସ କଲେ । ଏବଂ ସେ ଆଗକୁ ବଢିଲେ । ସେ ମୋର ସଭାଗୁଡ଼ିକୁ ଅନୁସରଣ କଲେ । ଏବଂ ସେହି ଗରିବ ଲୋକ ବେଚାରା, ଖାଇବାକୁ ମଧ୍ୟ ଯଥେଷ୍ଟ ନ ଥିଲା, କ୍ଷୁଧିତ ଓ ତୃଷିତ ଭାବରେ, ତମ୍ବୁର ପାର୍ଶ୍ୱରେ ଥିବା ବୁଦା ମୂଳରେ ଶୋଇ ପଡୁଥିଲେ । ଆଉ ଦିନେ ପବିତ୍ରଆତ୍ମା ଆସିଲେ । ହେ ମୋର ଭାଇ, ଏହା ଆପଣଙ୍କୁ ବଦଳାଇ ଦେଲା, କଅଣ ନୁହେଁ କି? ଏହା ଜୀବନକୁ ନେଇ ଆସିଲା, ଏବଂ ମୃତ୍ୟୁକୁ ଦୂରେଇ ନେଇଗଲା । ଘୃଣା ଚାଲିଗଲା, ଏବଂ ପ୍ରେମ ଭିତରକୁ ଆସିଲା । ଓଃ, ମୋର ପ୍ରଭୁ! ଶତ୍ରୁତା ଏବଂ ଝଗଡା ସବୁ ଦୂର ହୋଇଗଲା; ନୂତନ ଜୀବନ ଭିତରକୁ ଆସିଲା ।

ଅନ୍ୟମାନଙ୍କୁ ଅନ୍ୟ ସମୟରେ, ଅନ୍ୟମାନଙ୍କୁ ଅନ୍ୟ ସମୟରେ, ଏବଂ ସେଠାରୁ ବାହାରକୁ ଦେଖନ୍ତୁ । ଓଃ, ସ୍ୱର୍ଗର ଆନନ୍ଦ ଘଣ୍ଟିମାନ ବାଜୁଅଛି! ବନ୍ଧୁଗଣ, ଏହାକୁ ପ୍ରକାଶ କରିବା ପାଇଁ ମୋ ପାଖରେ କୌଣସି ଉପାୟ ନାହିଁ ।

167 ଶୁଣନ୍ତୁ, ଯେପରିକି ମୁଁ ଏହାକୁ ଛାଡି ପାରେ, ଯଦି ଆପଣ ମୋର ସାକ୍ଷ୍ୟକୁ, ଖ୍ରୀଷ୍ଟଙ୍କ ଜଣେ ସେବକ ଭାବରେ ବିଶ୍ୱାସ କରିଛନ୍ତି, ଏବଂ ପରମେଶ୍ୱରଙ୍କ ବାଇବଲରୁ ଆପଣଙ୍କୁ ଏହା ଠିକ୍ ବୋଲି ଦେଖାଇବାକୁ ଚେଷ୍ଟା କରିଛି । ଏବଂ ଯଦି ମୋର ଶବ୍ଦଗୁଡ଼ିକ ଏପରି ଲାଗେ ଯେପରିକି ତାହା ଏହି ବିଷୟରେ ଟିକେ ବିଚିତ୍ର ହୋଇପାରେ, ତାହାହେଲେ ବୈଜ୍ଞାନିକ ଜଗତରେ ସେହି ଚିତ୍ରଟିକୁ ଦେଖନ୍ତୁ । ସେହି ଫଳକୁ ଦେଖନ୍ତୁ, ଯାହାକି ଏହି ଅଗ୍ନିସ୍ତମ୍ଭ ଯିଏକି ଇସ୍ରାଏଲ ସନ୍ତାନଗଣଙ୍କୁ କଢାଇ ନେଇଥିଲା, ସେହି ଫଳକୁ ଦେଖନ୍ତୁ ଯାହାକି ଏହା ଧାରଣ କରେ । ଦେଖନ୍ତୁ ଯେ ଏହା କଅଣ କରେ, ଏହା କଅଣ କହିଥାଏ ।

ଏହା ମୁଁ ନୁହେଁ ଯିଏକି କହୁଅଛି; ଏହା ତ ସେ ଅଟନ୍ତି ଯିଏକି ଆପଣଙ୍କ ଦେଇ କଥାବାର୍ତ୍ତା କରନ୍ତି, ଆପଣ ଦେଖନ୍ତୁ । ଏହା ମୁଁ ନୁହେଁ ଯିଏକି ଦର୍ଶନ ଦେଖିଥାଏ; ଏହା ତ ସେ ଅଟନ୍ତି ଯିଏକି ଆପଣଙ୍କ ଦେଇ କଥାବାର୍ତ୍ତା କରନ୍ତି । ଏହା ମୁଁ ନୁହେଁ ଯିଏକି ରୋଗୀମାନଙ୍କୁ ସୁସ୍ଥ କରେ; ଏହା

ତ ସେ ଅଟନ୍ତି ଯିଏକି ଆପଣଙ୍କ ଭିତରେ ଅଛନ୍ତି, ରୋଗୀମାନଙ୍କୁ ସୁସ୍ଥ କରନ୍ତି । ଏହା ମୁଁ ନୁହେଁ ଯିଏକି ପ୍ରଚାର କରେ; ମୁଁ ତ ଜଣେ ପଛଘୁଞ୍ଚାକାରୀ ଭୀରୁ ଅଟେ, ଏବଂ ଠିକ୍ ସେହି ଚିନ୍ତାଧାରାରୁ ପଳାଇ ଯାଏ, ମାତ୍ର ଏହା ତ ସେ ଅଟନ୍ତି ଯିଏକି କଥା କହୁଛନ୍ତି । ମୁଁ ତ ବାକ୍ୟ ଜାଣେ ନାହିଁ; ମାତ୍ର ସେ ଏହା ଜାଣନ୍ତି । ଏହାହିଁ ତାହା ଅଟେ । ଏହାହିଁ ତାହା ଅଟେ । ଏହାହିଁ ହେଉଛି ତାହା ଯାହାକି ଏହା ଅଟେ ।

ଏବଂ ସେଠାରେ ସେ ଅଛନ୍ତି । ଏବଂ ପରମେଶ୍ୱରଙ୍କ ସେହି ସମାନ ସ୍ୱର୍ଗଦୂତ ଆଜି ରାତିରେ ଏହି ଭବନରେ ଅଛନ୍ତି । ଓଃ, ମୁଁ ତାହାଙ୍କୁ କିପରି ପ୍ରେମ କରେ!

168 ତେବେ କେତେଜଣ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିବାକୁ ଚାହୁଁଛନ୍ତି? ଆମ ଜୀବନଗୁଡିକର ପରୀକ୍ଷା କରନ୍ତୁ । କେତେ ଲୋକ ଏହାକୁ ଗ୍ରହଣ କରିନାହାଁନ୍ତି, ଏବଂ ପ୍ରାପ୍ତ କରିବାକୁ ଚାହାଁନ୍ତି? ନିଜର ହାତ ଉଠାନ୍ତୁ, କୁହନ୍ତୁ, "ଭାଇ ବ୍ରାନହାମ୍, ମୋ ହୃଦୟର ଗଭୀରତାରେ, ମୁଁ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିବାକୁ ଚାହେଁ ।" ପରମେଶ୍ୱର ଆପଣଙ୍କୁ, ସବୁଆଡେ ଆଶୀର୍ବାଦ କରନ୍ତୁ ।

169 ଆପଣମାନଙ୍କ ମଧ୍ୟରୁ କେତେଜଣ ଯେଉଁମାନେକି ଏହାକୁ ଗ୍ରହଣ କରିଛନ୍ତି, ଏବଂ ପ୍ରେରିତ 4 ରେ ସେମାନଙ୍କ ପରି ହେବାକୁ ଚାହାଁନ୍ତି, ଏବଂ କହିବାକୁ ଚାହାଁନ୍ତି, "ହେ ପ୍ରଭୁ, ହେ ପ୍ରଭୁ, ସୁସ୍ଥ କରିବା ହେତୁ ଆପଣାର ହସ୍ତ ବିସ୍ତାର କର, ଏବଂ ତୁମର ପବିତ୍ର ସନ୍ତାନ ଯୀଶୁଙ୍କ ନାମରେ ଚିହ୍ନ ଓ ଚମତ୍କାରମାନ ଦେଖାଅ, ଏବଂ ମୋତେ କଥା କହିବାକୁ, ଏବଂ ଏକ ନୂତନ ଭାବରେ ପରିପୂର୍ଣ୍ଣ କରିବାକୁ, ସମସ୍ତ ସାହସ ଏବଂ ପ୍ରେମ ଦିଅ"? ହଁ, ଏଠାରେ ମୋର, ମଧ୍ୟ ଅଛି । ପରମେଶ୍ୱର, ମୋତେ ତାହା ଦିଅ ।

ଆସନ୍ତୁ ଗଭୀର ନିଷ୍ଠାପରତାର ସହ, ମସ୍ତକଗୁଡିକୁ ନତ କରିବା, ପ୍ରତ୍ୟେକ ବ୍ୟକ୍ତି ନିଜର ଇଚ୍ଛାକୁ ନିଜ ହୃଦୟରେ ଧରି ରହିଥାନ୍ତୁ ।

170 ପ୍ରଭୁ ଯୀଶୁ, ବାକ୍ୟ ଏବଂ ପବିତ୍ରଆତ୍ମାଙ୍କ ସହଭାଗିତା ପରେ, ଆଜି ରାତି ଆମେ ଏହି ଛୋଟ ସମାବେଶକୁ ବନ୍ଦ କରୁଅଛୁ । ସେ କିପରି ଆମକୁ ଆଶୀର୍ବାଦ କରିଅଛନ୍ତି ଏବଂ ତାହାଙ୍କ ବାକ୍ୟର ତେଲ ଆମ ହୃଦୟ ଭିତରକୁ ଢାଳିଅଛନ୍ତି! ସେବକଗଣ ଅଛନ୍ତି, ଏଠାରେ ସେହି ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେକି ଜୀବନର ବିଭିନ୍ନ ବର୍ଗରୁ ଅଟନ୍ତି, ଯେଉଁମାନେକି ଆସ୍ୱାଦନ କରିଅଛନ୍ତି ଏବଂ ପ୍ରଭୁ ଭଲ ଅଟନ୍ତି ବୋଲି ଦେଖିଅଛନ୍ତି । ଆମେ ଜାଣୁ ଯେ ପବିତ୍ରଆତ୍ମା ବର୍ତ୍ତମାନ କଅଣ ଅଟନ୍ତି, ପରମେଶ୍ୱରଙ୍କ ଏକ ପ୍ରତିଜ୍ଞା । ଯେତେ ଲୋକ ଏହାକୁ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ଏହା ଅନନ୍ତ ଜୀବନ ଅଟେ ।

171 ଏବଂ ଆମେ ଜାଣୁ ଯେ ପବିତ୍ରଆତ୍ମା ହିଁ ହେଉଛନ୍ତି ଯୀଶୁ ଖ୍ରୀଷ୍ଟଙ୍କ ସେହି ଆତ୍ମା ଯାହାଙ୍କୁ ପଠାଯାଇଥିଲା, ଏବଂ ସେ ଆଜି ଆମ ଭିତରେ ଅଛନ୍ତି । ଯେପରି ପରମେଶ୍ୱର ସେହି ଅଗ୍ନି ସ୍ତମ୍ଭରେ, ଆମ ଉପରେ ଥିଲେ; ତାହାପରେ ସେ ଆମ ସହିତ ଗମନାଗମନ କଲେ, ସେହି… ଏକ ଶରୀର ଯାହାକୁ କୁହାଗଲା *ଇମ୍ମାନୁୟେଲ୍*, "ପରମେଶ୍ୱର ଆମ ସହିତରେ"; ଏବଂ

ବର୍ତ୍ତମାନ ସେ ପବିତ୍ରଆତ୍ମାଙ୍କ ଦ୍ୱାରା, ଆମ ଭିତରେ ଅଛନ୍ତି, ପରମେଶ୍ୱର ଆମ ଭିତରେ ଅଛନ୍ତି । ଓଃ!

ଯୀଶୁ କହିଲେ, "ସେହି ଦିନ ତୁମେ ଜାଣିବ ଯେ ମୁଁ ପିତାଙ୍କଠାରେ ଅଛି, ଏବଂ ତୁମେ ମୋ ଠାରେ ଅଛ, ଏବଂ ମୁଁ ତୁମମାନଙ୍କଠାରେ ଅଛି । ତୁମେ ଏହାକୁ ସେଦିନ ବୁଝିବ । କାରଣ, ତୁମେମାନେ ଅନ୍ଧକାରର ଏକ ଜଗତରେ ଅଛ, କହିବାକୁ ଗଲେ, ବର୍ତ୍ତମାନ, କିନ୍ତୁ ସେହି ଦିନ ତୁମେମାନେ ବୁଝିବ ।"

172 ପିତା, ଏହାକୁ ସରଳ ଏବଂ ସିଦ୍ଧ କରାଯାଇପାରିବ ନାହିଁ, କାରଣ ତେବେ ଆମର ବିଶ୍ୱାସ କରିବା ପାଇଁ ଆମ ପାଖରେ କୌଣସି ବିଷୟ ରହିବ ନାହିଁ । କିନ୍ତୁ ପରମେଶ୍ୱରଙ୍କ ସମସ୍ତ କାର୍ଯ୍ୟଗୁଡିକ ବିଶ୍ୱାସ ଦ୍ୱାରା ପରିଚାଳିତ ହୁଏ । ଏବଂ ତୁମର ବାକ୍ୟ ଉପରେ ବିଶ୍ୱାସ ଦ୍ୱାରା, ପବିତ୍ରଆତ୍ମାଙ୍କ ପ୍ରମାଣରେ ଯାହାକି ଆମେମାନେ ବର୍ତ୍ତମାନ ଜାଣୁ ଯେ ତାହା ଅଟେ, ମୁଁ ବିନତୀ କରେ ଯେ ଏଠାରେ ଥିବା ପ୍ରତ୍ୟେକ କ୍ଷୁଧିତ ପ୍ରାଣ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ହୋଇଯିବେ । ଯେଉଁମାନଙ୍କ ପାଖରେ ଏହା ନାହିଁ, ଏବଂ ଏହା ପାଇଁ କ୍ଷୁଧିତ ଅଟନ୍ତି, କେବଳ ମନେରଖନ୍ତୁ...ଆମେ ସେମାନଙ୍କୁ କହିବୁ, ହେ ପ୍ରଭୁ, ସେହିପରି ଭାବରେ ଯେପରିକି ତୁମେ କହିଥିଲ, "ଯେତେବେଳେ ତୁମେ କ୍ଷୁଧିତ ଏବଂ ତୃଷିତ ହୁଅ, ତୁମେ ଧନ୍ୟ ହୁଅ । ତୁମେ ପୂର୍ଣ୍ଣ କରାଯିବ ।" ତାହା ଏକ ପ୍ରତିଜ୍ଞା ଅଟେ । ଏବଂ କ୍ଷୁଧିତ ରହିବା ମଧ୍ୟ ଆଶୀର୍ବାଦ ଅଟେ । ଆପଣ ଏପରିକି ଏହା ଜାଣିବା ହେତୁ ଆଶୀଷିତ ଅଟନ୍ତି ଯେ ପରମେଶ୍ୱର ଆପଣଙ୍କ ସହିତ କଥା ହୋଇଛନ୍ତି, କାରଣ ଏହା କୁହାଗଲା, "କୌଣସି ବ୍ୟକ୍ତି ମୋ ପାଖକୁ ସେପର୍ଯ୍ୟନ୍ତ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋ ପିତା ତାଙ୍କୁ ପ୍ରଥମେ ଆକର୍ଷିତ କରନ୍ତି ନାହିଁ ।"

173 ଏବଂ, ପ୍ରଭୁ, ସେମାନେ ଯେଉଁମାନେକି ଏଠାରେ ପୁରାତନ ଅଭିଜ୍ଞ ଲୋକମାନେ ଅଛନ୍ତି, ସେମାନେ ନିଜର ହାତକୁ ଉଠାଇଛନ୍ତି । ମୁଁ ମୋର ଉଠାଇଥିଲି । ହେ ପ୍ରଭୁ, ଆମକୁ ଶକ୍ତି ଦିଅ, ତୁମର ପବିତ୍ର ସନ୍ତାନ ଯୀଶୁଙ୍କ ହସ୍ତକୁ ବିସ୍ତାର କରିବା ପାଇଁ ଆମକୁ ଶକ୍ତି ଦିଅ, ଯେପରିକି ଚିହ୍ନ ଏବଂ ଚମତ୍କାରମାନ କରାଯାଇପାରେ, ଯେ ଏହା ଏକ ଅଧିକ ଗଭୀର ସେବାକାର୍ଯ୍ୟ ହୋଇପାରେ, ଏପରି ଅଧିକ ମହାନ ଯାହା ଏପର୍ଯ୍ୟନ୍ତ କେବେ ଘଟିଥିଲା । ଲୋକମାନଙ୍କୁ କଥା କହିବା ପାଇଁ, ଆମକୁ ସାହସ ଏବଂ ପ୍ରେମ ଦିଅ । ହେ ପ୍ରଭୁ, ଏହାକୁ ପ୍ରଦାନ କର । ସବୁ ବିଷୟରେ ଆମ ସହିତ ରୁହ, ଆମେ ଯୀଶୁଙ୍କ ନାମରେ ମାଗୁଅଛୁ ।

174 ଏବଂ ଆସନ୍ତାକାଲି ରାତିରେ, ପ୍ରଭୁ, ଏପରି ଏକ ପ୍ରବଳ ବେଗରେ ପବନ ଆସି, ଏହି ଭବନରେ ପଡୁ, ଯେପରିକି ଏହା ଠିକ୍ ଅନ୍ୟ ଏକ ପେଣ୍ଟିକଷ୍ଟର ଦିନ ପରି ହେବ । ଭିତ୍ତିମୂଳ ସ୍ଥାପନ କରାଯାଇଅଛି । ସବୁକିଛି ପ୍ରସ୍ତୁତ ଅଟେ । ବଳଦ ଇତ୍ୟାଦି ବଧ କରାଯାଇଅଛି, ହୃଷ୍ଟପୃଷ୍ଟମାନଙ୍କୁ ବଧ କରାଯାଇଅଛି, ମେଷମାନଙ୍କୁ ବଧ କରାଯାଇଅଛି; ମେଜ ପ୍ରସ୍ତୁତ ହୋଇଅଛି, ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇଅଛି । ହେ ପ୍ରଭୁ, ଆସନ୍ତାକାଲି ରାତି, ଏହି ଭବନକୁ, ପେଣ୍ଟିକେଷ୍ଟର ଏକ ଜୟନ୍ତୀ ପଠାଅ, ଏବଂ ପ୍ରତ୍ୟେକ ପ୍ରାଣକୁ ପବିତ୍ରଆତ୍ମାଙ୍କର

ବାପ୍ତିସ୍ମରେ ପରିପୂର୍ଣ୍ଣ କରି ଦିଅ । ପିତା, ଏହାକୁ ପ୍ରଦାନ କର । ଆମେ ଏହାକୁ, ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

ଆମେ ଅନେକ ବିଷୟଗୁଡ଼ିକୁ ଶିଖିବା,
ଆମ ପାଖରେ ଏକ ବୀଣା ରହିବ ଯାହାକି ସୁନାରେ ନିର୍ମିତ,
ବୋଧହୁଏ ଏକ ହଜାର ତାର ଥିବ;
ଆମେ ସେ ବିଷୟରେ ଗୀତ ଗାଇବା ଏବଂ ଚିତ୍କାର କରିବା ଓ ନାଚିବା,
ମେଷଶାବକ ଆମର ଲୁହକୁ ଶୁଖାଇବେ;
ଆମର ଏକ ମହାନ ଗୃହ ପ୍ରତ୍ୟାବର୍ତ୍ତନର ସପ୍ତାହ ହେବ,
ପ୍ରଥମ ଦଶ ହଜାର ବର୍ଷ । (ଆମେନ୍!)

ପରମେଶ୍ୱରଙ୍କ ନିଜ ପୁତ୍ରର ମୂଲ୍ୟବାନ ରକ୍ତ ପରିଷ୍କାର ଏବଂ ପବିତ୍ର କରିଅଛି
ତାହାଙ୍କ ନାମ ସକାଶୁ ଏକ ଆଶ୍ଚର୍ଯ୍ୟଜନକ ଲୋକମାନଙ୍କୁ ଏବଂ ସେମାନଙ୍କୁ କନ୍ୟା ବୋଲି କୁହାଯାଏ ।
ଯଦିଓ ଏଠାରେ ଅବହେଳିତ ଏବଂ ଅସ୍ୱୀକୃତ, ଦିନେ କିନ୍ତୁ ପ୍ରଭୁ ଆଣିବେ
ସେହି ମନୋନୀତ ବ୍ୟକ୍ତିମାନଙ୍କୁ ଫାଟକ ଭିତରକୁ, ଏବଂ ତାହା ସବୁକିଛି ଯଥାର୍ଥ ମୂଲ୍ୟ ଅଟେ ।

***ପବିତ୍ରଆତ୍ମା କଅଣ ପାଇଁ ଦିଆ ଯାଇଥିଲା?*** ORI59-1217

(What Was The Holy Ghost Given For?)

**ପବିତ୍ରଆତ୍ମା ଶୃଙ୍ଖଳା**


ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଡିସେମ୍ବର 17, 1959, ଗୁରୁବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA



©2023 VGR, ALL RIGHTS RESERVED



Voice Of God Recordings, India Office
19 (New No: 28) Shenoy Road, Nungambakkam
Chennai 600 034, India
044 28274560 • 044 28251791
india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:


Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org